ଆଜି - ଶୁକ୍ରବାର
ତାରିଖ - ୨୦ ଫେବୃଆରୀ ୨୦୨୬
ମାସ - କୁମ୍ଭ, ଦିନ - ୦୮
ତିଥି - ତୃତୀୟା, ପକ୍ଷ - ଶୁକ୍ଳ
ନକ୍ଷତ୍ର - ପୂର୍ବଭାଦ୍ର, କୁମ୍ଭ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୬ : ୧୭ : ୦୦
ସୂର୍ଯ୍ୟାସ୍ତ - ୫ : ୪୫ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଜୀବନକୁ ଏପରି ବଂଚିବାକୁ ଚେଷ୍ଟାକର ଯେମିତି ଆସନ୍ତା କାଲି ହିଁ ତୁମେ ମରିବାକୁ ଯାଉଛ । ବିଦ୍ୟା ଶିକ୍ଷା କଲାବେଳେ ଏମିତି ଶିକ୍ଷା କର ଯେମିତିକି ସାରା ଜୀବନ ତୁମେ ବଂଚିବ ।"
- ମହାତ୍ମା ଗାନ୍ଧୀ


E-News : www.theajikali.com

Vol.- 40 ISSUE- 309 R.N.I. REGD. No. 44026/86 ବାଲେଶ୍ୱର ୨୦ ଫେବୃଆରୀ ୨୦୨୬ ଶୁକ୍ରବାର BALASORE 20 FEBRUARY 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬କୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ର ଉଦଘାଟନ କରିଛନ୍ତି । ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି ଯେ, ବିଶ୍ୱର ସର୍ବବୃହତ ଏବଂ ଐତିହାସିକ ଏଆଇ ଇମ୍ପାକ୍ଟ ସମିଟ୍ ଭାରତରେ ଅନୁଷ୍ଠିତ ହେଉଛି, ଯାହା ମାନବତାର ଏକ ଷଷ୍ଠାଂଶ ପ୍ରତିନିଧିତ୍ୱ କରୁଥିବା ଦେଶ । ଭାରତ ବିଶ୍ୱର ସବୁଠୁ ବଡ଼ ଯୁବ ଜନସଂଖ୍ୟା, ସର୍ବାଧିକ ପ୍ରଯୁକ୍ତିଗତ ପ୍ରତିଭା ଭଣ୍ଡାର ଏବଂ ଏକ ସକ୍ରିୟ ପ୍ରଯୁକ୍ତି-ସମର୍ଥିତ ପରିବେଶର ଗୃହ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, ଭାରତ କେବଳ ନୂତନ ପ୍ରଯୁକ୍ତି ସୃଷ୍ଟି କରୁନାହିଁ ବରଂ ସେଗୁଡ଼ିକୁ ଅଭୂତପୂର୍ବ ଗତିରେ ଗ୍ରହଣ ମଧ୍ୟ କରୁଛି । ୧୪୦ କୋଟି ଭାରତୀୟ ନୂତନ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବାକୁ ଆଗ୍ରହୀ ଏବଂ ସେମାନଙ୍କ ପକ୍ଷରୁ ସେ ସମ୍ମିଳନୀରେ ଅଂଶଗ୍ରହଣ କରୁଥିବା ସରକାରୀ ମୁଖ୍ୟ, ବିଶ୍ୱ ଏଆଇ ଇକୋସିଷ୍ଟମର ନେତା ଏବଂ ନବସୃଜନକାରୀଙ୍କୁ ସ୍ୱାଗତ କରିଛନ୍ତି । ସେ ସେମାନଙ୍କ ଉପସ୍ଥିତି ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି ଏବଂ ଉଲ୍ଲେଖ କରିଛନ୍ତି ଯେ, ଭାରତରେ ଏହି ଶିଖର ସମ୍ମିଳନୀ ଆୟୋଜନ କରିବା କେବଳ ଦେଶ ପାଇଁ ନୁହେଁ ବରଂ ସମଗ୍ର ଦକ୍ଷିଣ ବିଶ୍ୱ ପାଇଁ ଗର୍ବର ବିଷୟ ।



ସମ୍ମିଳନୀରେ ବିଶ୍ୱର ଏଆଇ କ୍ଷେତ୍ରର ତୁଙ୍ଗ ବ୍ୟକ୍ତିତ୍ୱ, ୧୦୦ରୁ ଅଧିକ ଦେଶର ପ୍ରତିନିଧି ଓ ସାରା ପୃଥିବୀରୁ ଆସିଥିବା ପ୍ରତିଷ୍ଠିତ ଅଂଶଗ୍ରହଣକାରୀମାନେ ଯୋଗଦେଇଥିବାରୁ, ଏହାର ସଫଳତା ନୂତନ ଉଚ୍ଚତାରେ ପହଂଚିଛି ବୋଲି ଉଲ୍ଲେଖ କରି, ଶ୍ରୀ ମୋଦୀ ସମ୍ମିଳନୀରେ ଯୁବ ପିଢ଼ିର ଦୃଢ଼ ଉପସ୍ଥିତି ଉପରେ ଆଲୋକପାତ କରିଥିଲେ, ଯାହା ନୂତନ ଆତ୍ମବିଶ୍ୱାସ ସୃଷ୍ଟି କରୁଛି ବୋଲି ସେ କହିଥିଲେ । ସେ ଲକ୍ଷ୍ୟ କରିଥିଲେ ଯେ, ନୂତନ ପ୍ରଯୁକ୍ତିବିଦ୍ୟା ପ୍ରାୟତଃ ପ୍ରାରମ୍ଭିକ ସନ୍ଦେହର ସମ୍ମୁଖୀନ ହେଉଥିଲେ ମଧ୍ୟ, ବିଶ୍ୱବ୍ୟାପୀ ଯୁବପିଢ଼ି ଯେଉଁ ଗତି ଓ ବିଶ୍ୱାସ ସହିତ ଏଆଇକୁ ଗ୍ରହଣ କରୁଛନ୍ତି, ଏହାର ନେତୃତ୍ୱ ନେଉଛନ୍ତି ଏବଂ ଏହାକୁ ବ୍ୟବହାର କରୁଛନ୍ତି, ତାହା ଅଭୂତପୂର୍ବ । ପ୍ରଧାନମନ୍ତ୍ରୀ ଏଆଇ ସମ୍ମିଳନୀ ପ୍ରଦର୍ଶନୀକୁ ନେଇ ଉତ୍ସୁକ, ବିଶେଷକରି ଯୁବ ପ୍ରତିଭାଙ୍କ ବିଶାଳ ଅଂଶଗ୍ରହଣ ଉପରେ ମଧ୍ୟ ମନ୍ତବ୍ୟ ଦେଇଥିଲେ । ସେ ଉଲ୍ଲେଖ କରିଥିଲେ ଯେ, କୃଷି, ସୁରକ୍ଷା, ଦିବ୍ୟାଙ୍ଗଜନଙ୍କ ପାଇଁ ସହାୟତା ଏବଂ ବହୁଭାଷୀ ଜନସଂଖ୍ୟାର ଆବଶ୍ୟକତା ପୂରଣ ଭଳି କ୍ଷେତ୍ରରେ ଉପସ୍ଥାପିତ ସମାଧାନଗୁଡ଼ିକ 'ମେଡ୍ ଇନ୍ ଇଣ୍ଡିଆ'ର ଶକ୍ତିକୁ ପ୍ରତିଫଳିତ କରୁଛି ଏବଂ ଏଆଇ କ୍ଷେତ୍ରରେ ଭାରତର ଅଭିନବ କ୍ଷମତାକୁ ପ୍ରଦର୍ଶନ କରୁଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ମାନବ ଇତିହାସରେ ପ୍ରତି କିଛି ଶତାବ୍ଦୀ ପରେ ଏକ ମହତ୍ୱପୂର୍ଣ୍ଣ ମୋଡ଼ ଆସେ, ଯାହା ସଭ୍ୟତାର ଦିଗକୁ ପୁନର୍ନିର୍ଦ୍ଧାରିତ କରେ । ସେ ଉଲ୍ଲେଖ କରିଥିଲେ ଯେ, ଏପରି ମୁହୂର୍ତ୍ତଗୁଡ଼ିକ ବିକାଶର ଗତିକୁ ପରିବର୍ତ୍ତନ କରିଥାଏ ଏବଂ ଚିନ୍ତାଧାରା, ବୁଝାମଣା ଓ କାର୍ଯ୍ୟ କରିବାର ଢାଂଚାକୁ ପରିବର୍ତ୍ତିତ କରେ । ସେ ଲକ୍ଷ୍ୟ କରିଥିଲେ ଯେ, ପରିବର୍ତ୍ତନର ଏପରି ସମୟରେ, ପ୍ରକୃତ ପ୍ରଭାବ ପ୍ରାୟତଃ ତୁରନ୍ତ ବୁଝାପଡ଼େ ନାହିଁ । ସେ ମନେ ପକାଇଥିଲେ ଯେ, ଯେତେବେଳେ ପଥରରୁ ପ୍ରଥମେ ଅଗ୍ନି ସୃଷ୍ଟି ହୋଇଥିଲା, କେହି କଳ୍ପନା କରିନଥିଲେ ଯେ, ସେହି ଅଗ୍ନି ସଭ୍ୟତାର ମୂଳଦୁଆ ହେବ । ଯେତେବେଳେ କଥିତ ଭାଷାକୁ ପ୍ରଥମେ ଲିପିରେ ରୂପାନ୍ତରିତ କରାଯାଇଥିଲା, କେହି ଅନୁଭବ କରିନଥିଲେ ଯେ, ଲିଖିତ ଜ୍ଞାନ ଭବିଷ୍ୟତର ବ୍ୟବସ୍ଥାର ମେରୁଦଣ୍ଡ ହେବ ।

## ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ରାଜ୍ୟପାଳଙ୍କ ବଜେଟ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ବିରୋଧୀଙ୍କୁ କାଠଗଡ଼ାରେ ଛିଡ଼ା କରାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବିରୋଧୀ ବିଜେଡି ଓ କଂଗ୍ରେସର ହଙ୍ଗାମା ସହ କକ୍ଷତ୍ୟାଗକୁ ସେ କଡ଼ା ସମାଲୋଚନା କରିଛନ୍ତି । କହିଛନ୍ତି,ଜନତା ଜନାର୍ଦ୍ଦନ ଆପଣଙ୍କ ଆଚରଣ,ଉଚ୍ଚାରଣର ବିଚାର କରିବେ । ରାଜ୍ୟପାଳଙ୍କ ଅଭିଭାଷଣକୁ ଦୂରଦର୍ଶୀ, ପ୍ରଗତିଶୀଳ ଓ ସଂସ୍କାରମୂଳକ ବୋଲି ଦର୍ଶାଇଛନ୍ତି ମୋହନ । ମୋହନ କହିଲେ,ରାଜ୍ୟପାଳଙ୍କ ଅଭିଭାଷଣରେ ଆମ ରାଜ୍ୟକୁ ଏକ ସମୃଦ୍ଧ,ଶକ୍ତିଶାଳୀ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ଭିଜନକୁ ଦର୍ଶାଯାଇଛି । ଏହି ଦୂରଦୃଷ୍ଟି ସମ୍ପନ୍ନ ଅଭିଭାଷଣ ଆଗାମୀ ଦିନରେ ରାଜ୍ୟ ପାଇଁ ଏକ ମାର୍ଗଦର୍ଶିକା ସଦୃଶ ହେବ । ଏଥିପାଇଁ ମୁଁ ରାଜ୍ୟପାଳଙ୍କ ଉଚ୍ଚ ପ୍ରଶଂସା କରୁଛି । ଆମର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ଓଡିଶାକୁ 'ସମୃଦ୍ଧ ଓଡିଶା'ଏବଂ ୨୦୪୭ ସୁଦ୍ଧା ମୋଦୀଜୀଙ୍କ ପରିକଳ୍ପିତ 'ବିକଶିତ ଭାରତ'ର ଅଭିବୃଦ୍ଧି ଇଞ୍ଜିନ ହେବା । କେବଳ ଘୋଷଣା ନୁହେଁ,ଏଥିପାଇଁ ଏକ ସ୍ପଷ୍ଟ ରୋଡ ମ୍ୟାପ୍ ବି ରାଜ୍ୟପାଳ ଉଲ୍ଲେଖ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଲେ,୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଅର୍ଥନୀତି,୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାର



ଅର୍ଥନୀତି ହାସଲ ଆମର ଲକ୍ଷ୍ୟ । ବର୍ଷକୁ ୯.୫ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରି ୨୦୪୭ରେ ବାର୍ଷିକ ମୁଣ୍ଡପିଛା ଆୟ ୩୨ ଲକ୍ଷ ଟଙ୍କା କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି । ଗରିବୀ ହାର ୫ ପ୍ରତିଶତକୁ କମାଇବାକୁ ଯୋଜନା ପ୍ରସ୍ତୁତ ହୋଇଛି । ସମୃଦ୍ଧ ଓଡିଶାର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ରାଜ୍ୟକୁ ଦେଶର ସର୍ବଶ୍ରେଷ୍ଠ ପାଂଚଗୋଟି ରାଜ୍ୟ ମଧ୍ୟରେ ସ୍ଥାନ ଦେବା । ମୁଁ ପଳାୟନପନ୍ଥୀ ନୁହେଁ,ବିରୋଧୀ ଦଳ ଯାହା ପ୍ରଶ୍ନ ପଚାରିବେ,ମୁଁ ତାର ଉତର ଦେବି । ମୁଁ ସେଇ ରାଜନେତା ନୁହେଁ,କେବଳ ନିଜ ଘର ଅବା ସଚିବାଳୟର ପାହାଚରେ ଧାଡ଼ି କିଆ ଉତର ଦିଏ । ବିଧାନସଭାରେ ସରକାର ସବୁ ପ୍ରଶ୍ନର ଉତର ଦେବ । କିନ୍ତୁ,କିନ୍ତୁ ବିରୋଧୀ ଛତ୍ରଭଙ୍ଗ ଦେଉଛନ୍ତି । କଂଗ୍ରେସ ଯେତେବେଳେ କକ୍ଷତ୍ୟାଗ କରୁଛି,ବିରୋଧୀ ବିଜୁ ଜନତା ଦଳ ସେତେବେଳେ କକ୍ଷତ୍ୟାଗ କରୁଛି । ଏହା ବଡ଼ ଆଶ୍ଚର୍ଯ୍ୟ କଥା । ସରକାରୀ ତଥ୍ୟ ଅନୁସାରେ ୨୪ ବର୍ଷର ସରକାରଙ୍କ ସମୟରେ ଓଡିଶାର ଚାଷୀଙ୍କ ଆୟ ସାରା ଭାରତରେ ଶେଷଆଡୁ ଥିଲା ଦ୍ୱିତୀୟ,ମାସିକ ଆୟ ଥିଲା ମାତ୍ର ୫ ହଜାର ୧୧୫ ଟଙ୍କା । ଯେଉଁମାନେ ଆଜି ସରକାରଙ୍କ ଇନ୍ପୁଟ ସବସିଡି ବିଷୟରେ ପ୍ରଶ୍ନ ଉଠାଉଛନ୍ତି,ସେମାନେ ବୋଧେ ଭୁଲି ଯାଉଛନ୍ତି,ସେମାନେ ବରଗଡର ସୋହେଲା ଠାରେ ଚାଷୀଙ୍କୁ ୧୦୦ ଟଙ୍କା ବୋନସ ଦେବାପାଇଁ ଘୋଷଣା କରିଥିଲେ ।'ରାତ ଗୟୀ,ବାତ୍ ଗୟୀ' । 'ତମାସା ଖତମ,ପୈସା ହଜମ'ନ୍ୟାୟରେ ପୁରା ଭୁଲିଗଲେ । ଆମେ ଭୁଲି ନ ଥିଲୁ । ଆମ ସରକାର ପ୍ରତିଶୃତି ଦେଇଥିବା ଇନ୍ପୁଟ ସବସିଡି ପ୍ରଦାନ ପାଇଁ ନିଷ୍ପତି ଆମେ ମାତ୍ର ୨୪ ମିନିଟରେ ନେଇଥିଲୁ । ବିରୋଧୀଙ୍କୁ ଏହା ଏତେ ପୀଡା କାହିଁକି ଦେଉଛି ମୁଁ ବୁଝି ପାରୁନାହିଁ । ଆଜି ଯେଉଁମାନେ ମଣ୍ଡି ଅବ୍ୟବସ୍ଥା କଥା କହୁଛନ୍ତି,ସେମାନେ ୨୪ ବର୍ଷରେ କେତେଟା ମଣ୍ଡିର ଉନ୍ନତିକରଣ କରିଛନ୍ତି । ୨୪ଟା ମଡେଲ ମଣ୍ଡି କରିଛନ୍ତି କି ?ସୁଭଦ୍ରା ଯୋଜନାରେ ଏକ କୋଟି ସୁଭଦ୍ରାଙ୍କୁ ୧୦ ହଜାର ଟଙ୍କା ଦେବା,ଚାଷୀଙ୍କୁ ଇନ୍ପୁଟ ସବସିଡି ଦେଇ ୩୧୦୦ ଟଙ୍କାରେ ଧାନ କିଣିବା,ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜାନାରେ ୫ ହଜାର ଟଙ୍କା ପ୍ରଦାନ କରିବା,କନ୍ୟା ବିବାହ ଯୋଜନାରେ ଗରିବ କନ୍ୟାଙ୍କୁ ବିବାହ କରାଇବା,ଶ୍ରୀ ଜଗନ୍ନାଥ ଦର୍ଶନ ଅନ୍ତର୍ଗତ ବରିଷ୍ଠ ନାଗରିକଙ୍କୁ ଜଗା ଦର୍ଶନ କରାଇବା ପ୍ରତିଶ୍ରୁତି ଦେଇଥିଲୁ,ତାହା ପୂରଣ କରିଛୁ । ଓଡ଼ିଶାରେ ବର୍ତମାନ ପ୍ରାୟ ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ଚାଲୁ ରହିଛି । ଗତ ଦେଢ଼ ବର୍ଷ ମଧ୍ୟରେ ପ୍ରାୟ ୫୦ ହଜାର କୋଟି ଟଙ୍କାର ଜାତୀୟ ରାଜପଥ ପ୍ରକଳ୍ପ ମଞ୍ଜୁର ହୋଇଛି ।

### ଅଳ୍ପରେ ଖବର

- ଝାରସୁଗୁଡା ଜିଲ୍ଲାରେ ଥିବା ବିଭନ୍ନ ସରକାରୀ ପଦ ପଦବୀ ମଧ୍ୟରୁ ୨୨୫ଟି ପଦବୀ ଖାଲି ପଡିଛି । ଏଥି ମଧ୍ୟରେ ତୃତୀୟ ଶ୍ରେଣୀ ପାହ୍ୟାରେ ସର୍ବାଧିକ ୧୦୩ ପଦବୀ ଖାଲି ପଡିଥିବା ରାଜସ୍ୱ ଓ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।
- ରାଜଧାନୀ ଭୁବନେଶ୍ୱରରେ ଦୁଇଟି ଆଂଚଳିକ କାର୍ଯ୍ୟାଳୟ ଥିବାବେଳେ ଏଠାରେ ମୋଟ ୧୫,୨୦,୩୪୬ ଗୋଟି ବିଭିନ୍ନ କିସମର ଯାନବାହାନ ପଞ୍ଜିକୃତ ହୋଇଛି । ଏହାଛଡା ଅନ୍ୟ ରାଜ୍ୟ ଓ ଜିଲ୍ଲାରେ ପଞ୍ଜିକୃତ ହୋଇଥିବା ଯାନବାହାନ ମଧ୍ୟ ଏଠାରେ ଚଳାଚଳ କରୁଛି ।
- ଦକ୍ଷିଣ ଓଡ଼ିଶାରେ ରେଳ ଭିତିଭୂମି ଏବଂ ଆଂଚଳିକ ବିକାଶକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ସ୍ୱରୂପ, ପ୍ରଥମ ପର୍ଯ୍ୟାୟ ଅନ୍ତର୍ଗତ ୯୩.୧୯ କୋଟି ଟଙ୍କା ବ୍ୟୟରେ ବ୍ରହ୍ମପୁର ରେଳ ଷ୍ଟେସନର ପୁନଃବିକାଶକୁ ମଞ୍ଜୁର କରାଯାଇଛି ।
- ଖୁବଶୀଘ୍ର ନକ୍ସଲମୁକ୍ତ ହେବ ଭାରତ । କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସମୟ ପାଖେଇ ଆସୁଛି ।

## ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପତ୍ର

### 'ସିଟି ଇକୋନୋମିକ ରିଜିୟନ'କୁ ବିକଶିତ କରିବା ପାଇଁ ଅନୁରୋଧ

ନୂଆଦିଲ୍ଲୀ/ଭୁବନେଶ୍ୱର : କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟର ସନ୍ତୁଳିତ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଆଜି ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ କ୍ଲଷ୍ଟର ଏବଂ ଅନୁଗୋଳ-ଢେଙ୍କାନାଳ କ୍ଲଷ୍ଟରକୁ ଦୁଇଟି ପୃଥକ 'ସିଟି ଇକୋନୋମିକ ରିଜିୟନ' ଭାବରେ ବିକଶିତ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ଓଡ଼ିଶାର ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ର (ବିସିପିପିଇଆର) ମଡେଲରେ ଏହି ଇକୋନୋମିକ ରିଜିୟନ ଗଠନ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି । ଶ୍ରୀ ପ୍ରଧାନ ନିଜ ପତ୍ରରେ ପ୍ରଥମତଃ ଦର୍ଶାଇଛନ୍ତି ଯେ, ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ ଅଂଚଳ ହୀରାକୁଦ ବନ୍ଧ ସହ ମହାନଦୀ ଓ ବ୍ରାହ୍ମଣୀ କୂଳରେ ଅବସ୍ଥିତ । ଏଠାରେ




ପ୍ରଚୁର ଖଣିଜ ସମ୍ପଦ, ଶିଳ୍ପ ଭିତିଭୂମି ରହିଛି । ବିବିଧ ପର୍ଯ୍ୟଟନ ସମ୍ଭାବନାରେ ପରିପୂର୍ଣ୍ଣ ଏହି କ୍ଲଷ୍ଟରରେ କୃଷି, ସେବା ଏବଂ ଉତ୍ପାଦନ କ୍ଷେତ୍ରକୁ ସଡ଼କ, ରେଳ ଏବଂ ବିମାନ ସଂଯୋଗୀକରଣ ମାଧ୍ୟମରେ ଅଭିବୃଦ୍ଧି କରିବାର କ୍ଷମତା ରହିଛି । ଏଠାରେ ଇସ୍ପାତ, ଆଲୁମିନିୟମ, କୋଇଲା ଏବଂ ଶକ୍ତି ଭଳି ବୃହତ ଶିଳ୍ପ ସହିତ କୃଷି ଭିତିକ ଶିଳ୍ପ ଏବଂ ବିଶ୍ୱ ପ୍ରସିଦ୍ଧ ସମ୍ବଲପୁରୀ ହସ୍ତତନ୍ତର ସୁଦୃଢ଼ ଭିତିଭୂମି ରହିଛି । ଏହି ସବୁ କ୍ଷେତ୍ର ମିଶି ଏଠାରେ ଏକ ସମନ୍ୱିତ ଆର୍ଥିକ ପରିବେଶ ସୃଷ୍ଟି କରୁଛନ୍ତି, ଯାହା ଆଗାମୀ ଦିନରେ ନୂତନ ନିଯୁକ୍ତି ଏବଂ ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଅନେକ ସୁଯୋଗ ଆଣିଦେବ । ଏନଆଇଟି ରାଉରକେଲା, ଆଇଆଇଏମ ସମ୍ବଲପୁର, ଭିସୁଟ ବୁର୍ଲା ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଯୋଗୁଁ ଏହା ଆଧୁନିକ ଜ୍ଞାନକୌଶଳ, ନବସୃଜନ ଏବଂ ନୂଆ ନୂଆ ଷ୍ଟାର୍ଟଅପ୍ କ୍ଷେତ୍ରରେ 'ନ୍ୟୁ ଏଜ୍ ଇକୋନୋମୀ'ର ଏକ କେନ୍ଦ୍ରବିନ୍ଦୁ ଭାବରେ ସ୍ଥାପିତ କରୁଛି । ଭୌଗୋଳିକ ଦୃଷ୍ଟିକୋଣରୁ ମଧ୍ୟ ଏହି ଅଂଚଳର ସ୍ଥିତି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହା ଛତିଶଗଡ଼ ଓ ଝାଡ଼ଖଣ୍ଡ ସୀମାକୁ ଲାଗି ରହିଥିବା ବେଳେ ତିନୋଟି ରାଜ୍ୟର ରାଜଧାନୀ ଯଥା ଭୁବନେଶ୍ୱର, ରାୟପୁର, ରାଂଚି ଏବଂ ବଡ଼ ବନ୍ଦର ସହର ବିଶାଖାପାଟଣାର ୩୦୦ କିଲୋମିଟର ପରିଧି ମଧ୍ୟରେ ଅବସ୍ଥିତ ।

## ବାଲି ଚୋରାଚାଲାଣକୁ ସରକାର ଦୃଢ଼ ହସ୍ତରେ ଦମନ କରୁଛନ୍ତି : ପରିବହନ ମନ୍ତ୍ରୀ

ଭୁବନେଶ୍ୱର : ବାଲି ଚୋରାଚାଲାଣ ପ୍ରସଙ୍ଗରେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରତିକ୍ରିୟା ରଖି କହିଛନ୍ତି ଯେ ପୂର୍ବ ସରକାରରେ ରେଡ୍, କାର୍ଯ୍ୟାନୁଷ୍ଠାନ ହେଉନଥିଲା ଏବଂ ବ୍ୟାପକ ଚୋରାଚାଲାଣ ରୋକା ଯାଉନଥିଲା । କିନ୍ତୁ ବିଜେପି ସରକାର ଆସିବା ପରେ ଦୃଢ଼ ହସ୍ତରେ ଦମନ କରାଯାଉଛି । ୨୦୨୩-୨୪ରେ ୧୦ କୋଟି ଜରିମାନା ଆଦାୟ ହୋଇଥିଲା, ତାହା ଏବେ ୪୮ କୋଟିରେ ପହଂଚିଛି । ସେତେବେଳର ୧୪୮୬ କୋଟି ଟଙ୍କାର ରାଜସ୍ୱ, ଏବେ ୧୭୭୬ କୋଟି ଟଙ୍କାରେ ପହଂଚିଛି । ଏବେ ପାଖାପାଖି ୭ ହଜାର ୮୦୦ ଥର ରେଡ ହେବା, ୧୧୦୦ରୁ ଅଧିକ କେସ ରେଜିଷ୍ଟର କରିବା ଏବଂ ପାଖାପାଖି ୭୦ ଜଣ ଗିରଫ



ହେଲେଣି । ଏ ସବୁ ଉପରେ ଦୃଢ଼ ପଦକ୍ଷେପ ନିଆଯାଉଛି । ମୁଁ ନିଜେ ମନିଟରିଂ କରି ଦେଖୁଛି, କୌଣସି ଜାଗାରେ ଯେମିତି ବେଆଇନ ବାଲି ଖନନ ହେବ ନାହିଁ ବୋଲି କହିଲେ ମନ୍ତ୍ରୀ । ମନ୍ତ୍ରୀ ଆହୁରି କହିଛନ୍ତି ଯେ ବାଲି ସୁଲଭ ଓ ସୁଗମ ଢଙ୍ଗରେ ପହଂଚାଇବା ଉପରେ ଗୁରୁତ୍ୱ ଦିଆଯାଉଛି । ବଜାରେ ଅଭାବୀ ବିକ୍ରି ସମସ୍ୟା ସମାଧାନ ପାଇଁ ବିଭାଗ ଏସଓପି ଆଣିଛି । ଆଗରୁ ଷ୍ଟୋରେଜ ନଥିବା କାରଣରୁ ନଦୀରେ ପାଣି ଆସିଲେ ବାଲି ଉପଲବ୍ଧ ହେଉନଥିଲା । କିନ୍ତୁ ଏବେ ସରକାର ଷ୍ଟୋରେଜ ଲାଇସେନ୍ସ ମଧ୍ୟ ଦେବେ । ବାଲି ମନଇଚ୍ଛା ଚଡ଼ା ଦରରେ ବିକ୍ରି କରିପାରିବେ ନାହିଁ । ସରକାର ଏମଏସପି ସ୍ଥିର କରିଛନ୍ତି । ବାଲି ସିଏମ୍ ୩୨୦ ଟଙ୍କା ରହିବ । ଗୋଟିଏ ଟ୍ରାକ୍ଟର ବାଲି ୬୦୦ ଟଙ୍କାରେ ମିଳିବ ।

## ଆସନ୍ତା ୫ଦିନ ମଧ୍ୟରେ ୩ଡିଗ୍ରୀ ବଢ଼ିବ ତାପମାତ୍ରା, ଆହୁରି କମିବ ଶୀତ


ଭୁବନେଶ୍ୱର: ରାଜ୍ୟରେ ଅନେକ ସ୍ଥାନରେ କମିଛି ଶୀତର ପ୍ରକୋପ । ବର୍ତ୍ତମାନ କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଆଦି ଜିଲ୍ଲା ଗୁଡିକରେ ଶୀତ ଅନୁଭୂତ ହେଉଛି । ଆସନ୍ତା ୫ଦିନ ମଧ୍ୟରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବା ସମ୍ଭାବନା ରହିଥିବାବେଳେ, ଏହାର ପ୍ରକୋପରେ ଆଗକୁ ଆହୁରି ଶୀତ ପ୍ରଭାବ କମିବ ବୋଲି ଆକଳନ କରିଛି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ସେପଟେ, ଦକ୍ଷିଣ ପର୍ଶ୍ଚିମ ବଙ୍ଗୋପସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ବୁଧବାର ସକ୍ରିୟ ରହିଛି । ଏହା ପ୍ରଭାବରେ ଦକ୍ଷିଣ-ପର୍ଶ୍ଚିମ ବଙ୍ଗୋପସାଗରରେ ପାଣିପାଗ ଧୀରେ ଧୀରେ ବଦଳିବାର ଆଶଙ୍କା ରହିଛି । ଏହି ସମୟରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବା ସମୟରେ ସତର୍କ ରହିବାକୁ ପରାମର୍ଶ



ଦିଆଯାଇଛି । ତେବେ ରାଜ୍ୟରେ ବର୍ଷାର କୌଣସି ତଭୟ ନାହିଁ । ଆସନ୍ତା ୨୫ ତାରିଖ ଯାଏଁ ପାଗ ଶୁଖିଲା ରହିବ । ଗତ ୨୪ଘଂଟାରେ ଘୁ.ଉଦୟଗିରିରେ ପାରଦ ୭.୩ ଡିଗ୍ରୀ ଥିବାବେଳେ ଫୁଲବାଣୀରେ ୧୦.୫, ଦାରିଙ୍ଗବାଡ଼ିରେ ୧୨.୫, ସେମିଳିଗୁଡ଼ାରେ ୧୦.୫, ରାଉରକେଲାରେ ୧୦.୭, ସୁନ୍ଦରଗଡ଼ରେ ୧୨.୮, ଝାରସୁଗୁଡ଼ାରେ ୧୧.୨, ଭୁବନେଶ୍ୱରରେ ୧୬.୧ ଏବଂ କଟକରେ ୧୫.୬ ଡିଗ୍ରୀ ରହିଛି । ବୁଧବାର ସକାଳେ କୋରାପୁଟ ଏବଂ ପାରାଦ୍ୱୀପରେ କୁହୁଡ଼ି ଦୃଶ୍ୟମାନ ହୋଇଥିବା ବେଳେ ଗୁରୁବାର ସକାଳେ କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲ୍ଲାର କିଛି ଅଂଚଳରେ ହାଲୁକାରୁ ମଧ୍ୟମ ଧରଣ କୁହୁଡ଼ି ଦୃଶ୍ୟମାନ ହେବା ସମ୍ଭାବନା ରହିଛି ।

## ୫ ଲକ୍ଷ ୬୧ ହଜାର ୯୭୯ ପରୀକ୍ଷାର୍ଥୀ ଦେଲେ ମ୍ୟାଟ୍ରିକ ପରୀକ୍ଷା

ଭୁବନେଶ୍ୱର : ରାଜ୍ୟବ୍ୟାପୀ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ୨୦୨୬ ଗୁରୁବାର ଠାରୁ ଆରମ୍ଭ ହୋଇଛି । ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଫେବୃଆରୀ ୧୯ ତାରିଖଠାରୁ ମାର୍ଚ୍ଚ ୨ ତାରିଖ ଯାଏଁ ଅନୁଷ୍ଠିତ ହେବ । ପରୀକ୍ଷାର ପ୍ରଥମ ଦିନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡା. ଏନ୍. ତିରୁମାଲା ନାୟକ ଭୁବନେଶ୍ୱରର ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏଥିସହ କଟକସ୍ଥିତ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟ ମଧ ପରିଦର୍ଶନ କରିଛନ୍ତି । ଡ଼ା ନାୟକ ସମସ୍ତ ପରୀକ୍ଷା ପରିଚାଳନା ପ୍ରସ୍ତୁତି ତଥା ସିଟିଂ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ପ୍ରଶ୍ନପତ୍ର ବଂଟନ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ଗୁଡ଼ିକର ସମୀକ୍ଷା କରିଛନ୍ତି । ଶିକ୍ଷକ-ଶିକ୍ଷୟିତ୍ରୀ, କେନ୍ଦ୍ର ସୁପରିଂଟେଣ୍ଡେଂଟ, ପର୍ଯ୍ୟବେକ୍ଷକ



ଏବଂ ଜିଲ୍ଲା ଅଧିକାରୀଙ୍କ ସହିତ ଆଲୋଚନା କରି ସମନ୍ୱୟ ଏବଂ ପରୀକ୍ଷା ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ପରୀକ୍ଷାକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ନେଇ ଗୁରୁତ୍ୱାରୋପ କରିଛନ୍ତି । ସେହିପରି ବିଭାଗୀୟ ଶାସନସଚିବ ମାଧ୍ୟମିକ ଶିକ୍ଷା ପରିଷଦର କମାଣ୍ଡ କଂଟ୍ରୋଲ୍ ରୁମ୍ ପରିଦର୍ଶନ କରି ପରୀକ୍ଷା ପରିଚାଳନାର ସମସ୍ତ ପ୍ରକ୍ରିୟା ସମୀକ୍ଷା କରିଛନ୍ତି । ଶାନ୍ତିପୂର୍ଣ୍ଣ ଓ ତ୍ରୁଟିମୁକ୍ତ ପରୀକ୍ଷା ସୁନିର୍ଶ୍ଚିତ କରିବା ନେଇ ସମସ୍ତ ନିରୀକ୍ଷଣ ଓ ସମନ୍ୱୟ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ସୂଚନାନୁସାରେ, ରାଜ୍ୟରେ ୫ ଲକ୍ଷ ୪୬ ହଜାର ୮୭୫ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା, ମଧ୍ୟମାକୁ ମିଶାଇ ମୋଟ୍ ୫ ଲକ୍ଷ ୬୧ ହଜାର ୯୭୯ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି । ଏଥିପାଇଁ ସମସ୍ତ ଜିଲ୍ଲାରେ ମୋଟ୍ ୩୩୨ ଟି ନୋଡାଲ୍ ସେଂଟର, ୩୦୮୨ ଟି ପରୀକ୍ଷା କେନ୍ଦ୍ର ରହିଛି । ପରୀକ୍ଷାର ସୁଗମ ପରିଚାଳନା ପାଇଁ ରାଜ୍ୟବ୍ୟାପୀ ୭୨ ଟି ଜିଲ୍ଲାସ୍ତରୀୟ ଫ୍ଲାଇଂ ସ୍କ୍ୱାଡ୍ ଏବଂ ୩୭ ଟି ବି.ଏସ.ଇ ଫ୍ଲାଇଂ ସ୍କ୍ୱାଡ୍ ନିୟୋଜିତ କରାଯାଇଛି । ଏହାସହିତ ପରୀକ୍ଷା ପରିଚାଳନା ତଦାରଖ କରିବା ଏବଂ ନିର୍ଦ୍ଦେଶାବଳୀ ପାଳନ ସୁନିର୍ଶ୍ଚିତ କରିବା ପାଇଁ ୩୦୮୨ ଟି ପରୀକ୍ଷା କେନ୍ଦ୍ରରେ ଜଣେ ଜଣେ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି ।

# ରେଲୱେ ଉନ୍ନୟନ କାର୍ଯ୍ୟ ବିଷୟରେ ଦାବି ଏବଂ ଆଲୋଚନାକଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ଶତ୍ରୁଘ୍ନ ସିହ୍ନା



ବାଲେଶ୍ୱର(ନି.ପ୍ର,) ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରେଳ ଢାଂଚା ଏବଂ ଯାତ୍ରୀ ସୁବିଧା ସମ୍ବନ୍ଧୀୟ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ରେଲୱେ ବୋର୍ଡ଼ ବୈଠକରେ ଉପସ୍ଥାପନ କରାଯାଇଅଛି । ଏହି ସମସ୍ତ ବିଷୟରେ ସ୍ଥିତିଗତ ସୂଚନା ଓ ଆବଶ୍ୟକ କାର୍ଯ୍ୟଗତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ରଖାଯାଇଅଛି ।୦୧. ବାଲେଶ୍ୱର ମୁଖ୍ୟ ଷ୍ଟେସନ୍ ଭବନ ନିର୍ମାଣ କାର୍ଯ୍ୟର ବର୍ତମାନ ସ୍ଥିତି ଓ ସମ୍ପୂର୍ଣ୍ଣ ହେବାର ସମ୍ଭାବ୍ୟ ସମୟସୀମା ସୂଚିତ କରିବାକୁ ଦାବି ରଖିଅଛି । ସାଧାରଣ ଲୋକେ ଏହା କେବେ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେବ ଜାଣିବାକୁ ଆଗ୍ରହୀ ।୦୨. ବାଲେଶ୍ୱରରୁ ଗୁଜରାଟର ଆହମଦାବାଦ ଓ ମୁମ୍ବାଇ ପାଇଁ ସିଧାସଳଖ ଟ୍ରେନ୍ ସେବା ପାଇଁ ଦୀର୍ଘଦିନ ଧରି ଚାହିଦା ରହିଛି । ଏହି ମାର୍ଗଗୁଡ଼ିକ ଚାକିରି ପ୍ରାର୍ଥୀ, ବ୍ୟବସାୟୀ, ଛାତ୍ରଛାତ୍ରୀ ଓ ପ୍ରବାସୀ କାର୍ମିକଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ । ଏହା ସହିତ ନିମ୍ନଲିଖିତ ପ୍ରସ୍ତାବଗୁଡ଼ିକୁ ମଧ୍ୟ ବିଚାର କରାଯାଉ—(କ) ଭୁବନେଶ୍ୱର–ବାଲେଶ୍ୱର ମାର୍ଗରେ ରାୟପୁର ମାଧ୍ୟମରେ ମୁମ୍ବାଇ ପାଇଁ ଏକ ଟ୍ରେନ୍ ।(ଖ) ପୁରୀରୁ ବାଲେଶ୍ୱର ମାଧ୍ୟମରେ ଗୁଜରାଟ ପାଇଁ ଏକ ଟ୍ରେନ୍ ।୦୩. ଇଷ୍ଟ କୋଷ୍ଟ ଏକ୍ସପ୍ରେସ୍ ଟ୍ରେନ୍ ? ବସ୍ତା ଏବଂ ରୂପସା ଷ୍ଟେସନ୍ ?ରେ ରହଣି ପାଇଁ ଦାବି ରଖିଅଛି । କୋଭିଡ୍–୧୯ ପୂର୍ବରୁ ଏହି ଦୁଇଟି ଟ୍ରେନ୍ ଏହି ଷ୍ଟେସନ୍‌ଗୁଡ଼ିକରେ ରହୁଥିଲା, ଯାହା ସ୍ଥାନୀୟ ଲୋକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଥିଲା । କିନ୍ତୁ କୋଭିଡ୍ ପରେ ଏହି ରହଣି ସମ୍ପୂର୍ଣ୍ଣ ଭାବେ ପୁନଃ କାର୍ଯ୍ୟକ୍ଷମ ହୋଇନାହିଁ । ତେଣୁ ବସ୍ତା ଏବଂ ରୂପସା ଷ୍ଟେସନ୍ ?ରେ ଦୁଇ ଦିଗରେ ଟ୍ରେନ୍ ରହଣିକୁ କାର୍ଯ୍ୟକ୍ଷମ କରିବାକୁ ଦାବି ରଖିଅଛି ।୦୪. ବଡୁଆ ଷ୍ଟେସନ୍ ?ରେ ଗୋପୀନାଥପୁର–ନୀଳଗିରି–ବାଲେଶ୍ୱର ଲୋକାଲ୍ ଟ୍ରେନ୍ ?ର ରହଣି ପାଇଁ ସାଧାରଣ ଲୋକଙ୍କର ଭାରି ଚାହିଦା ରହିଛି । ଏହା ନିକଟସ୍ଥ ଗ୍ରାମବାସୀଙ୍କୁ ଚାକିରି, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ଆବଶ୍ୟକ ସୁବିଧା ପ୍ରାପ୍ତିରେ ସହାୟକ ହେବ । ସାଧାରଣ ହିତରେ ଏହି ରହଣିକୁ ଅନୁମୋଦନ କରିବା ପାଇଁ ଦାବି ରଖିଅଛି । ବଡୁଆ ରୁ ପୂହୁଣୀ ପର୍ଯ୍ୟନ୍ତ ରାସ୍ତାର ଶୀଘ୍ର କାମ ଆରମ୍ଭ କରିବା ପାଇଁ ଦାବି ରଖିଅଛି । ୦୫. ନୀଳଗିରି ଓ ବାଲେଶ୍ୱର ମଧ୍ୟରେ ସମ୍ପ୍ରତି ଆରମ୍ଭ ହୋଇଥିବା ଲୋକାଲ୍ ଟ୍ରେନ୍ ସେବାକୁ ସାଧାରଣ ଲୋକେ ଭାରି ପ୍ରଶଂସା କରିଛନ୍ତି । ଏହି ସେବାକୁ ଭୁବନେଶ୍ୱର ଓ ହାଉଡ଼ା ପର୍ଯ୍ୟନ୍ତ ବିସ୍ତାର କରିବାକୁ ଦାବି ରଖିଅଛି । ଏହା ଦୈନିକ ଯାତ୍ରୀ, ବ୍ୟବସାୟୀ ଓ ଉଚ୍ଚ ଚିକିତ୍ସା ପାଇଁ ଯାତ୍ରା କରୁଥିବା ରୋଗୀମାନଙ୍କୁ ଉପକୃତ କରିବ । ୦୬. ନୂଆଗାଁ ମୟୂରଭଞ୍ଜ ରୋଡ଼ ରେଳ ଷ୍ଟେସନ୍ ?ର ଉତର ପାର୍ଶ୍ୱରୁ ଜଳକା ନଦୀ ପର୍ଯ୍ୟନ୍ତ ସ୍ଥାୟୀ କଂକ୍ରିଟ୍ ଡ୍ରେନେଜ୍ ପ୍ରଣାଳୀ ନିର୍ମାଣ ଅତ୍ୟନ୍ତ ଆବଶ୍ୟକ, ଯାହା ବର୍ଷା ଓ ବନ୍ୟାଜଳର ସୁଚାଳନ ସହିତ ପାଶ୍ୱର୍ବର୍ତୀ ବାସିନ୍ଦାଙ୍କୁ ଅସୁବିଧାରୁ ରକ୍ଷା କରିବ । ୦୭. ଆପ୍ରୋଚ୍ ରୋଡ଼ର ବ୍ୟବସ୍ଥା ଉତର ପାର୍ଶ୍ୱରୁ ଧେନୁଖୋଜା ଗ୍ରାମରୁ ନୂଆଗାଁ ମୟୂରଭଞ୍ଜ ରୋଡ଼ ରେଳ ଷ୍ଟେସନ୍ ?ର ବୁକିଂ ଅଫିସ୍ ପର୍ଯ୍ୟନ୍ତ ଡ୍ରେନେଜ୍ ସହ ଆପ୍ରୋଚ୍ ରୋଡ଼ ବ୍ୟବସ୍ଥା କରିବାକୁ ଦାବି ରଖାଯାଇଅଛି । ୦୮. ଗ୍ରାମବାସୀ ଓ କୃଷକମାନଙ୍କ ସୁରକ୍ଷିତ ଆଗମନ–ନିର୍ଗମନ ପାଇଁ ବ୍ରିଜ୍ ନଂ–୨୩୬ ତଳେ କୃଷି ଜମି ଦିଗରେ ପଦଚାରୀ ପଥ ଏବଂ ପଶ୍ଚିମ ପାର୍ଶ୍ୱରେ ନଇଁଝୋଡ଼ି ଉପରେ ଏକ କଲଭର୍ଟ ନିର୍ମାଣ ପାଇଁ ଜନସାଧାରଣଙ୍କ ଦାବି ରହିଛି । ତେଣୁ ଏହାକୁ ଶୀଘ୍ର ବିଚାରକୁ ନେବା ପାଇଁ ଦାବି ରଖା ଯାଇଅଛି । ୦୯. ଯାତ୍ରୀ ଚାହିଦା ଓ ଆଂଚଳିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି ବାଲେଶ୍ୱର ଷ୍ଟେସନ୍ ?ରେ ଦୁରନ୍ତୋ ଏକ୍ସପ୍ରେସ୍ ଟ୍ରେନ୍ ?ର ରହଣି ପ୍ରଦାନ କରିବାକୁ ଅନୁରୋଧ କରାଯାଇଅଛି । ୧୦. ରେଳ ଖୁଟି ନଂ–୧୯୩/୯ (ଅପ୍) ଓ ୧୯୩/୧୨ (ଡାଉନ୍) ନିକଟରେ ପଦଚାରୀ ସବୱେ କାର୍ଯ୍ୟ ସମାପ୍ତିରେ ବିଳମ୍ବ ହେଉଛି ।ବର୍ତମାନ ସ୍ଥିତି ସୂଚନା ସହିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଦାବି ରଖାଯାଇଅଛି । ୧୧. ଖନ୍ତାପଡ଼ା ୟାର୍ଡ଼ର କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଦାବି ,୧୨. ବାଲେଶ୍ୱର ଷ୍ଟେସନରେ ଏସକ୍ୟାଲେଟର ତୁରନ୍ତ ଇଂସ୍ଟଲ୍ଲସନ କରିବା ପାଇଁ ନିର୍ଦ୍ଦେଶ. ୧୩. ବେତନଟୀ ଓ ଜଳେଶ୍ୱର ଷ୍ଟେସନର କାର୍ଯ୍ୟ ଶୀଘ୍ର ସମାପ୍ତ କରିବା ପାଇଁ ନିର୍ଦ୍ଦେଶ , ୧୪. ଟ୍ରେନ ସମୟରେ ନଆସିବା ଏବଂ ବହୁ ସମୟରେ ଅତ୍ୟଧିକ ବିଳମ୍ବ କାରଣରୁ ଯାତ୍ରୀ ମନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି.ଏ ବିଷୟରେ ପଦକ୍ଷେପ ନେବା ପାଇଁ ଦାବି ରଖାଯାଇଅଛି । ୧୫. ସୋର ଷ୍ଟେସନଠାରେ ଏକ ଋକ୍ଷଚ ଙ୍ଗଙ୍ଖରକ୍ସ ଇକ୍ସସୟଶର ନିର୍ମାଣ ପାଇଁ ଦାବି , ୧୬. ବାଲେଶ୍ୱର ସହଦେବଖୁ୍ । ବସ ଷ୍ଟାଣ୍ଡ ନିକଟରେ ଗୋଧିବସା ଠାରେ ଡ୍ରେନ ନିର୍ମାଣ କାର୍ଯ୍ୟର ପୂର୍ବରୁ ମଞ୍ଜୁର ହୋଇଥିଲା କିନ୍ତୁ ଏବେ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇ ନାହିଁ କ୍ଷ ତେଣୁ ଏହାକୁ ଶୀଘ୍ର ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଅଛି । ୧୭. ବାହାନଗା ଲକ୍ଷଚ କ୍ଷଙ୍ଗରକ୍ସ ଇକ୍ସସୟଶର ନିର୍ମାଣ କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ କରିବା ପାଇଁ ଦାବି ରଖାଯାଇଛି ।୧୮. ନୀଳଗିରି ରେଳ ଷ୍ଟେସନରେ ଜରସ୍ବରକ୍ସଙ୍ଖବସ୍ପସକ୍ଟଭ ଝସମଳରସ୍ପ ମକ୍ଟଙ୍କଭସ୍ପରକ୍ସ ଖୋଲିବା ପାଇଁ ଏବଂ ନୀଳଗିରି ଷ୍ଟେସନରେ ଟିକେଟ ଚେକିଂ ଓ ସୁରକ୍ଷା ପାଇଁ ବ୍ୟବସ୍ଥା କରିବାକୁ ଦାବି ରଖା ଯାଇଅଛି ।୧୯. ବସ୍ତା ରେଳ ଷ୍ଟେସନରେ ଭୁବନେଶ୍ୱର - ଆନନ୍ଦ ବିହାର ଓଡିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ (ସାପ୍ତାହିକ) ରହଣି ପାଇଁ ଦାବି ରଖା ଯାଇଅଛି , ବସ୍ତା ରେଳ ଷ୍ଟେସନରେ ଇଷ୍ଟ କୋଷ୍ଟ ଏକ୍ସ ପ୍ରେସ,ପୁରୁଲିଆ - ଭେଲୁପୁରମ (ସାପ୍ତାହିକ),ହାଓଡା - ସମ୍ବଲପୁର (ସାପ୍ତାହିକ),ଭୁବନେଶ୍ୱର - ହାଓଡା ଜନ ଶତାବ୍ଦୀ ଟ୍ରେନ,ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ ରହଣି ପାଇଁ ଦାବି ରଖା ଯାଇଅଛି ।,୨୦. ବସ୍ତା ରେଳ ଷ୍ଟେସନରେ ଗେଟ ନଂ ୬୦ ଓ ୬୧ ରେ ଉଡ଼ନ୍ତା ପୋଲ ନିର୍ମାଣ ପାଇଁ ଦାବି ରଖିଅଛି . ୨୧. ଜଳେଶ୍ୱର ଷ୍ଟେସନ ଠାରୁ ଚନ୍ଦନେଶ୍ୱର ଷ୍ଟେସନ ପର୍ଯ୍ୟନ୍ତ ରେଳ ଲାଇନ ସଂଯୋଗୀକରଣ କାର୍ଯ୍ୟ ପାଇଁ ସମୀକ୍ଷା କରିବା ସହ ଏହାକୁ ଶୀଘ୍ର ଆରମ୍ଭ କରିବା ପାଇଁ ଦାବି ରଖିଅଛି , ୨୨. ଜଳେଶ୍ୱର,ରୁପ୍ସା,ବସ୍ତା, ବେତନଟୀ,ଖନ୍ତାପଡ଼ା,ହଳଦୀପଦା,ଟିକିରାପାଳ,ସୋର,ବରୁଣ ସିଂ (ନୀଳଗିରିରୋଡ଼),ପଣପଣା,ବାହାନାଗା ଇତ୍ୟାଦି ଷ୍ଟେସନର ବିକାଶ ଏବଂ ଆଧୁନିକରଣ କାର୍ଯ୍ୟ ପାଇଁ ଦାବି ରଖିଅଛି । ୨୩.ଭଞ୍ଜପୁର - ରୁପ୍ସା ମେମୁ ଯାହା କରୋନା ପୂର୍ବରୁ ପ୍ରତିଦିନ ସକାଳରେ ଚାଲୁଥିଲା ତାହା ଏବେ ବନ୍ଦ ଅଛି କ୍ଷ ଏହାକୁ ଶୀଘ୍ର ପୁଣି ଆଉଥରେ କର୍ଯ୍ୟକ୍ଷମ କରିବା ପାଇଁ ଦାବି ରଖିଅଛି । ଏହିପରି ବାଲେଶ୍ୱରର ଅନେକ ଛୋଟ ବଡ଼ ଜଙ୍ଗଇ,ଋକ୍ଷଚ କ୍ଷଙ୍ଗରକ୍ସ ଇକ୍ସସୟଶର,ଅଣ୍ଡର ପାସ ସର୍ଭିସ ରୋଡ଼ର ନିର୍ମାଣ ପାଇଁ ଦେଇଥିବା ପୂର୍ବ ପ୍ରସ୍ତାବ ଗୁଡିକୁ ତୁରନ୍ତ କାମ ଆରମ୍ଭ ପାଇଁ ଦାବି ରଖିଛନ୍ତି ।

## ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର ଆନୁକୂଲ୍ୟରେ ଆଇନସଚେତନତା ଶିବିର




ବାଲେଶ୍ୱର(ନି.ପ୍ର.) ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର ଆନୁକୂଲ୍ୟରେ ବାଲେଶ୍ୱରଜିଲ୍ଲା ଅନ୍ତର୍ଗତ ଖାନନଗର ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ଆଇନସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତଶିବିରରେଜିଲ୍ଲାସ୍ଥାୟୀଏବଂ ନିର'ରଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର ର ସଚିବ ଶ୍ରୀଯୁକ୍ତ ସୁମନ୍‌ଜେନା ଅଧ୍ୟକ୍ଷତା କରିଜାତୀୟ ଆଇନସେବା ପ୍ରାଧିକରଣ ର ଜାଗୃତିଯୋଜନା , ଆଶା ଯୋଜନା ସମ୍ପର୍କରେ ବିସ୍ତୃତଭାବରେ ଆଲୋଚନା କରିବାସହିତସରକାରୀ ଓ ସ୍ଥାନୀୟ ପ୍ରଶାସନିକ ସଂସ୍ଥା ଗୁଡିକ ସହିତ ମିଶିତୃଣ ମୂଳସ୍ତରରେ ନିଃଶୁଳ୍କ ଆଇନସେବା ପହଂଚାଇବା, ବାଲ୍ୟବିବାହମୁକ୍ତଭାରତ ଗଠନ , ବାଲ୍ୟବିବାହରଶିକାରହୋଇଥିବା ପିଲାମାନଙ୍କୁ ଆଇନଗତ ସହାୟତା ଯୋଗାଇଦେବା, ବାଲ୍ୟବିବାହ ନିଷେଧ ଆଇନ୍, ୨୦୦୬ କୁକଡାକଡିଭାବରେ ଲଗୁକରିବା ଏବଂ ଜିଲ୍ଲା ଆଇନସେବା ପ୍ରାଧିକରଣ ର ବିଭିନ୍ନମୌଳିକକାର୍ଯ୍ୟକ୍ରମ ଯଥା ରାଷ୍ଟ୍ରୀୟଲୋକ ଅଦାଲତ, ଜିଲ୍ଲା ମଧ୍ୟସ୍ଥତାକେନ୍ଦ୍ର, ପିଡୀତା କ୍ଷତିପୂରଣ ଯୋଜନା , ସ୍ଥାୟୀଲୋକ ଅଦାଲତ (ଲୋକ ଉପ ଯୋଗୀସେବା) ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ ।ଏହିକାର୍ଯ୍ୟକ୍ରମରେ ପାରାଲିଗାଲ୍ ସ୍ୱେଚ୍ଛାସେବୀ ଏବଂ ସ୍ଥାନୀୟ ଲୋକ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

ବାଙ୍କତୀରା ଜଳସେଚନ ପ୍ରକଳ୍ପର ସ୍ଥିତାବସ୍ଥା ସମ୍ପର୍କରେ ବିଧାନସଭାରେ ସଦର ବିଧାୟକ ମାନସ କୁମାର ଦତଙ୍କ ପ୍ରଶ୍ନ

## ଖୁବ୍‌ଶୀଘ୍ର ହେବ କାର୍ଯ୍ୟ ଆରମ୍ଭ ହେବ: ମୁଖ୍ୟମନ୍ତ୍ରୀ



ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ଜିଲ୍ଲାରେ ପ୍ରସ୍ତାବିତ ବାଙ୍କତୀରା ବୃହତ ଜଳସେଚନ ପ୍ରକଳ୍ପର ସ୍ଥିତାବସ୍ଥା ସମ୍ପର୍କରେ ବିଧାନସଭାର ପ୍ରଶ୍ନ ଉତଥାପନ କରିଛନ୍ତି ସଦର ବିଧାୟକ ମାନସ କୁମାର ଦତ । ସମ୍ପୃକ୍ତ ପ୍ରକଳ୍ପ ପାଇଁ ପ୍ରସ୍ତାବିତ ବ୍ୟୟ ବରାଦର ଉତ୍ସ ସହିତ ପରିମାଣ ସମ୍ପର୍କରେ ତଥ୍ୟ ଦେବା ନିମନ୍ତେ ସେ ଅନୁରୋଧ କରିଥିଲେ । ଏହା ସହିତ ପ୍ରକଳ୍ପର ଡିପିଆରର ସ୍ଥିତି, ଟେଣ୍ଡର ପ୍ରକ୍ରିୟା ଏବଂ ଆରମ୍ଭ ଓ ଶେଷ ତାରିଖ ସମେତ ସମ୍ପୃକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଉପକୃତ ହେବାକୁ ଥିବା ପଂଚାୟତର ତାଲିକା ପ୍ରଦାନ ପୂର୍ବକ ସବିଶେଷ ବିବରଣୀ ପ୍ରଦାନ ପାଇଁ ନିବେଦନ କରିଥିଲେ । ଜଳସେଚନ ବିଭାଗକୁ ନିଜ ଦାୟିତ୍ୱରେ ରଖିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରଶ୍ନର ଉତରରେ କହିଥିଲେ ଯେ, ଭାରତ ସରକାରଙ୍କ କେନ୍ଦ୍ରୀୟ ଜଳ ଆୟୋଗର ଅନୁମୋଦନ କ୍ରମେ ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଦ୍ୱାରା ରେମୁଣା ତହସିଲ ଅନ୍ତର୍ଗତ ଦରକୁଲି ଗ୍ରାମରେ ବାଙ୍କତିରା ବ୍ୟାରେଜ ପ୍ରକଳ୍ପଟି କାର୍ଯ୍ୟକାରୀ ହେଉଛି । ଆକ୍ସେଲେରେଟେଡ ଇରିଗେସନ ବେନିଫିଟ ପ୍ରୋଗ୍ରମ (ତ୍ୱରିତ ଜଳସେଚେନ ଲାଭ କାର୍ଯ୍ୟକ୍ରମ, ଏଆଇବିପି) ଅନ୍ତର୍ଗତ ଏହି ପ୍ରକଳ୍ପ ପାଇଁ ୫୦୫.୯୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହି ପ୍ରକଳ୍ପର ସମ୍ପୂର୍ଣ ପ୍ରକଳ୍ପ ବିବରଣୀ ରିପୋର୍ଟ (ଡିଟେଲ୍ ?ଡ ପ୍ରୋଜେକ୍ଟ ରିପୋର୍ଟ, ଡିପିଆର) ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଦ୍ୱାରା ଅନୁମୋଦିତ ହୋଇଥିବା ବେଳେ ଏହାର ଟେଣ୍ଡର ପ୍ରକ୍ରିୟା ମଧ୍ୟ ସମ୍ପାଦିତ ହୋଇ ସାରିଛି । ସେହି ଅନୁସାରେ ଛତିଶଗଡର ରାୟପୁର ସ୍ଥିତ ଆରଏସଏ ଇନଫ୍ରା ପ୍ରୋଜେକ୍ଟସ ପ୍ରାଇଭେଟ ଲିମିଟେଡକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ୨୦୨୩ ମସିହା ଅକ୍ଟୋବର ୨୦ ତାରିଖରେ ଏହି ପ୍ରକଳ୍ପ ଆରମ୍ଭ ହୋଇ ୨୦୨୬ ମସିହା ଅପ୍ରେଲ ୧୯ ତାରିଖରେ ଶେଷ ହେବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ହେଁ ଜମି ଅଧିଗ୍ରହଣ କାର୍ଯ୍ୟରେ ସ୍ଥାନୀୟ ଗ୍ରାମବାସୀଙ୍କ ଅସହଯୋଗ କାରଣରୁ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହୋଇପାରୁନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି । ଏହା ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହେଲେ ୨୨ ଗୋଟି ପଂଚାୟତର ୭୩୦୦ ହେକ୍ଟର ଜମିରେ ଜଳସେଚନ କରାଯାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି । ତେବେ ରାଜ୍ୟରେ ଅଦ୍ୟାବଧି କେତେ ଭାଗ ଜମିକୁ ଜଳସେଚନ କରାଯାଇ ପାରିଛି ? ଗତ ୨ ବର୍ଷ ମଧ୍ୟରେ କେତେ ଜମିକୁ ଜଳସେଚନ ସୁବିଧା କରାଯାଇଛି ? ଏବଂ ଏଥି ନିମନ୍ତେ କେତେ ଅର୍ଥ ବ୍ୟୟ ହୋଇଛି ସମ୍ପର୍କରେ ବିଧାୟକ ଶ୍ରୀ ଦତଙ୍କ ପ୍ରଶ୍ନର ଉତର ରଖିଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । ରାଜ୍ୟର ସମୁଦାୟ ଚାଷ ଉପଯୋଗୀ ଜମିର ପରିମାଣ ପ୍ରାୟ ୬୧.୮୦ ଲକ୍ଷ ହେକ୍ଟର । ୨୦୨୫ ମସିହା ଡିସେମ୍ବର ମାସ ଶେଷ ସୁଦ୍ଧା ପ୍ରାୟ ୮୪.୩୧ ପ୍ରତିଶତ ଚାଷ ଜମିରେ ଜଳସେଚନ ସୁବିଧା ସୃଷ୍ଟି କରାଯାଇଛି । ରାଜ୍ୟ ସରକାର ଗତ ଆର୍ଥିକ ବର୍ଷରୁ ୨୦୨୫ ମସିହା ଡିସେମ୍ବର ମାସ ଶେଷ ସୁଦ୍ଧା ଅଧିକ ପ୍ରାୟ ୨.୧୭ ଲକ୍ଷ ହେକ୍ଟର ଜମିରେ ଜଳସେଚନ ସୁବିଧା ସୃଷ୍ଟି କରିଛନ୍ତି ଏବଂ ଏଥି ପାଇଁ ୩୨୭୬.୮୮ କୋଟି ଅର୍ଥ ଖର୍ଚ୍ଚ ହୋଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି ।

## ଦଶମ ପରୀକ୍ଷାର୍ଥୀ ଏବଂ ଅଭିଭାବକଙ୍କ ନିମନ୍ତେ ସହାୟତାକେନ୍ଦ୍ର ଉଦ୍‌ଘାଟିତ



ବାଲେଶ୍ୱର (ନି.ପ୍ର.) ସଦର ବ୍ଲକ ବଡକିଆ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆମ ଅଂଚଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପୁରାତନ ବିଦ୍ୟାର୍ଥୀ ପରିଷଦ, ଆଂଚଳିକ ଉଚ୍ଚ ବିଦ୍ୟାଳୟ, ସାଉଁ ତରଫରୁ ଚଳିତବର୍ଷ ମ୍ୟାଟ୍ରିକ ପରୀକ୍ଷାର୍ଥୀ ଏବଂ ଅଭିଭାବକଙ୍କ ନିମନ୍ତେ 'ସହାୟତା କେନ୍ଦ୍ର' ପରିଷଦର ସଭାପତି ଶ୍ରୀ ଜଳଧର ସାମଲଙ୍କ ଦ୍ୱାରା ଉଦ୍ଘାଟିତ ହେଇଛି । ଉକ୍ତ ସହାୟତାକେନ୍ଦ୍ରଟି ଫେବୃଆରୀ ୧୯ ରୁ ମାର୍ଚ୍ଚ୨ ପର୍ଯ୍ୟନ୍ତ ସମସ୍ତ ପରୀକ୍ଷା ଦିବସମାନଙ୍କରେ କାର୍ଯ୍ୟକାରୀ ରହିବ ବୋଲି ପରିଷଦର ସମ୍ପାଦକ ସୁଧାକର ସେଠୀ ଜଣାଇବା ସହ ବଡିକିଆ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପରିସରରେ ଅଭିଭାବକଙ୍କ ପାଇଁ ବିଶ୍ରାମ ଏବଂ ବସିବାର ସୁ ବ୍ୟବସ୍ଥା, ଶୁଦ୍ଧ ପାନୀୟଜଳ, ଆଶୁ ଚିକିତ୍ସା ସୁବିଧା, ପରୀକ୍ଷାର୍ଥୀମାନଙ୍କ ପାଇଁ ସମସ୍ତ ପରୀକ୍ଷା ଉପକରଣ ଆଦି ପରିଷଦ ତରଫରୁ ଉପଲବ୍ଧ କରାଯାଇଛି ବୋଲି ଜଣାଇଛନ୍ତି ।ଏହି ଅବସରରେ ଶ୍ରୀ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ପରିଷଦର ଶୁଭେଚ୍ଛୁ ତଥା ବୃନ୍ଦାବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ସ୍ୱର୍ଗତ ଶ୍ରୀ ଭାସ୍କର ଚନ୍ଦ୍ର ବାରିକଙ୍କ ଉଦ୍ଦେଶ୍ୟରେ ଦୁଇମିନଟ ନୀରବ ପ୍ରାର୍ଥନ ସହ ସ୍ମୃତିଚାରଣ କରାଯାଇଥିଲା । ଏହି ଅବସରରେ ଯୁବ ଆଇନଜିବୀ ପ୍ରଶାନ୍ତ କୁମାର ସାମଲ, ପରିଷଦର ଏହି ଅଭିନବ ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ପରୀକ୍ଷାର୍ଥୀଙ୍କ ପାଇଁ ସଚେତନତା ଶିବିର କରିବା ପାଇଁ ପ୍ରସ୍ତାବ ରଖିଥିଲେ । ସହ ସମ୍ପାଦକ ନବକୁମାର ନାୟକ,ସତ୍ୟବ୍ରତ ସ,ରାମଚନ୍ଦ୍ର ମହାନ୍ତି, ଅଭିଭାବକ ବିଜୟ କୁମାର ଦାସ, ଜଗନ୍ନାଥ ସ୍ମୃତି ମଣ୍ଡପ କମିଟିର ଠକର ଚରଣ ପାଢୀ, ସରୋଜ କୁମାର ବେହେରା, ଡାକ୍ତର ମନୋଜ କୁମାର ବାରିକ କଥା ରଖିଥିଲେ । ପରିଷଦର ଯୁବ ସଂଗଠକ ରଶ୍ମୀରଞ୍ଜନ ଜେନା, ସାବିତ୍ରୀରାଣୀ ଦାସ,ଜୟଶ୍ରୀ ରାଉତ,ରାହୁଲ କୁମାର ବାରିକ, ଲକି ସାମଲ,ବିଶ୍ୱରଞ୍ଜନ ସାମଲ,ଭବେଶ କୁ ମହାନ୍ତି ସୁପରିଚାଳନା କରିଥିଲେ ।ଡ୍ରୋନ୍ ଜରିଆରେ ରାସ୍ତାରେ ଯାନବାହନ ଗହଳି ଟ୍ରାଫିକ ଆଦି ପରୀକ୍ଷା ପୂର୍ବରୁ ଅନବରତ ନିରିକ୍ଷଣ କରି ଯଥା ସମ୍ଭବ ସାହାଯ୍ୟ କରି ପରୀକ୍ଷାକେନ୍ଦ୍ରକୁ ଯିବାର ଗମନା ଗମନକୁ ଶୃଙ୍ଖଳିତ ଏବଂ ତ୍ୱରିତ କରିବାର ବ୍ୟବସ୍ଥା ପରିଷଦର ଯୁବସଂଗଠକ ଅଭ୍ୟୁଦୟମ୍ ମୁଖ୍ୟ ସବ୍ୟସାଚୀ ପ୍ରଧାନ ଏବଂ ଶୁଭ୍ରାଂଶୁ କୁମାର ରାଉତ ସମ୍ପାଦିତ କରିଥିଲେ । ଅଭିଭାବକଙ୍କ ମଧ୍ୟରେ ହିମାଂଶୁ ପରିଡ଼ା, ରଞ୍ଜନ ନାୟକ, ଉମାକାନ୍ତ ଗୋଛାୟତ, ଶାନ୍ତନୁ କୁମାର ପାଣିଗ୍ରାହୀ, ସୁଧାକର ରାଉତ ଆଦି ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ମନ୍ମଥ କୁମାର ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ ।

## TPNODL ପକ୍ଷରୁ ବିଜନେସ ଆସୋସିଏଟ ସମ୍ମିଳନୀ ଓ ଶିଳ୍ପ ଉପଭୋକ୍ତା ସମ୍ମିଳନୀ ଆୟୋଜିତ

ବାଲେଶ୍ୱର(ନି.ପ୍ର.): ଟିପିଏନଓଡିଏଲ ପକ୍ଷରୁ ବିଜନେସ ଆସୋସିଏଟ ସମ୍ମିଳନୀ ୨୦୨୫-୨୬ ଓ ଶିଳ୍ପ ଉପଭୋକ୍ତା ସମ୍ମିଳନୀ ସଫଳତାର ସହ ଆୟୋଜିତ ହୋଇଯାଇଛି । ବାଲେଶ୍ୱରରେ ଆୟୋଜିତ ବିଜନେସ୍ ? ଆସୋସିଏଟ୍ ? ମିଟ୍ ?ରେ ୧୮୦ରୁ ଉର୍ଦ୍ଧ୍ୱ ବ୍ୟବସାୟିକ ସହକାରୀ ସଂସ୍ଥା ଓ ପ୍ରାୟ ୩୦୦ ଜଣ ସହକାରୀ ସଂସ୍ଥା କର୍ମଚାରୀ ଭାଗ ନେଇଥିଲେ । ସୁରକ୍ଷା ପ୍ରଣାଳୀକୁ ଆହୁରି ସୁଦୃଢ଼ କରିବା, ଆଇନତଃ ଅନୁପାଳନକୁ ନିଶ୍ଚିତ କରିବା, ସ୍ୱଚ୍ଛ ବ୍ୟବସାୟିକ ପଦ୍ଧତିକୁ ବଜାୟ ରଖିବା ଏବଂ ପରିଚାଳନା ଓ ବିଦ୍ୟୁତ ସେବା କ୍ଷେତ୍ରରେ ଉପଭୋକ୍ତା କେ ?ନ୍ଦ୍ରୀକ ଆଭିମୁଖ୍ୟ ଗ୍ରହଣ କରିବା ଆଦି ବିଷୟବସ୍ତୁ ଉପରେ ସମ୍ମିଳନୀରେ ବିଶେଷ ଆଲୋଚନା ହୋଇଥିଲା ।୨୦୨୫-୨୬ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୩୫ ଜଣ ସହକାରୀ ସଂସ୍ଥା ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲାବେଳେ କାର୍ଯ୍ୟକ୍ରମରେ ସୁରକ୍ଷା ସଚେତନତା ଉପରେ ଏକ କ୍ଷୁଦ୍ର ନାଟକ ମଧ୍ୟ ପ୍ରଦର୍ଶିତ ହୋଇଥିଲା । ଏହାପରେ ଉପସ୍ଥିତ ଅଧିକାରୀଙ୍କୁ ଟିପିଏନଓଡ଼ିଏଲ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରାଯିବାସହ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ବିଷଦ ଆଲୋଚନା ହୋଇଥିଲା । ସେହିପରି, ଯାଜପୁରରେ ଆୟୋଜିତ ଶିଳ୍ପ ଉପଭୋକ୍ତା ସମ୍ମିଳନୀରେ ୮୦ରୁ ଅଧିକ ଶିଳ୍ପ ସଂସ୍ଥା ପ୍ରତିନିଧି ଭାଗ ନେଇଥିଲେ । ଗୁଣାତ୍ମକ ବିଦ୍ୟୁତ ଯୋଗାଣ ଏବଂ ସେବାରେ ଉନ୍ନତି ଆଣିବା ସହ ବିଦ୍ୟୁତ ଭିତିଭୂମିର ସୁଦୃଢ଼ୀକରଣ, ସ୍ମାର୍ଟ ନେଟୱର୍କ ବ୍ୟବସ୍ଥା, ଆଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ତଥା ଉପଭୋକ୍ତା କେ ?ନ୍ଦ୍ରୀକ ସେବା ନେଇ ଉପସ୍ଥିତ ଅଧିକାରୀମାନେ ଟିପିଏନଓଡିଏଲକୁ ପ୍ରଶଂସା କରିଥିଲେ ଓ ଏ ସଂକ୍ରାନ୍ତରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଶିଳ୍ପସଂସ୍ଥା



ଅଧିକାରୀମାନେ ଏଚଟି ଓ ଇଏଚଟି ଉପଭୋକ୍ତାଙ୍କ ସହ ଭାବ ବିନିମୟକୁ ସୁଦୃଢ଼ କରିବା ଓ ବିଦ୍ୟୁତ ସେବା ମାନରେ ଆହୁରି ଉନ୍ନତି ଆଣିବା ନେଇ ମତପ୍ରକାଶ କରିଥିଲେ । ଏହି ଅବସରରେ ଟିପିଏନଓଡିଏଲର ସିଇଓ ତଥା ଓଡ଼ିଶା ବିଦ୍ୟୁତ ବିତରଣ ବ୍ୟବସାୟ ମୁଖ୍ୟ ଶ୍ରୀ ଗଜାନନ ଏସ କାଲେ, ଟିପିଏଡିଏଲର ସିଇଓ ଶ୍ରୀ ସୁନିଲ କୁମାର ଶର୍ମା, ଟିପିଏନଓଡିଏଲର ବାଣିଜ୍ୟିକ ସେବା ଓ ବ୍ୟବସାୟିକ ଉକ୍ରର୍ଷତା ମୁଖ୍ୟ ଶ୍ରୀ ଜୟଦୀପ ରୟ, କଂଟ୍ରାକ୍ଟସ ଓ ମାଟେରିଆଲ ମ୍ୟାନେଜମେଂଟର ମୁଖ୍ୟ ଶ୍ରୀ ବିପିନ ଚେ ?ହ୍ୱାନ, ପ୍ରକଳ୍ପ ମୁଖ୍ୟ ଶ୍ରୀ ପ୍ରଦୀପ କୁମାର ମହାନ୍ତି, ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଓ ଟିପିଏନଓଡିଏଲର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।





# ୧୮ ପରୀକ୍ଷା କେନ୍ଦ୍ରରେ ୩୦୯୦ ପରୀକ୍ଷାର୍ଥୀ ପରୀକ୍ଷା ଦେଲେ

ବାଲିଆପାଳ(ନିପ୍ର): ଗୁରୁବାର ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ବାଲିଆପାଳ ବ୍ଲକର ୧୮ ପରୀକ୍ଷା କେନ୍ଦ୍ରରେ ୩୦୯୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ବାଲିଆପାଳ ବ୍ଲକର ମୋଟ ୪୦ ହାଇସ୍କୁଲର ୩୧୮୭ ଛାତ୍ର ଛାତ୍ରୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ଆବେଦନ କରିଥିଲେ । ତଦନୁଯାୟୀ ୩୧୮୭ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ଏଡ଼ମିଟ କାର୍ଡ ଆସିଥିଲା । ମାତ୍ର ୩୦୯୦ ଜଣ ପରୀକ୍ଷାର୍ଥୀ ଏଡମିଟ କାର୍ଡ ନେଇ ପରୀକ୍ଷା ଦେଇଥିବା ବେଳେ ୯୭ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ନୋଡାଲ ହାଇସ୍କୁଲ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା କହିଛନ୍ତି । ପରୀକ୍ଷାକୁ ଶାନ୍ତି ଶୃଙ୍ଖଳାର ସହିତ ତ୍ରୁଟି ଶୂନ୍ୟ ଭାବରେ ସମ୍ପାଦନ କରିବା ପାଇଁ ସରକାରଙ୍କ ନିୟମ ଅନୁସାରେ ପ୍ରତି ପରୀକ୍ଷା କେନ୍ଦ୍ରରେ ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବା ଅନ୍ୟ କିଛି ସମସ୍ୟା ଥିଲେ ଅନ୍ୟ ଜଣେ ସହକାରୀ ଶିକ୍ଷକଙ୍କୁ ସୁପରିଟେଣ୍ଡେ ଏବଂ ଅନ୍ୟ ବିଦ୍ୟାଳୟରୁ ଜଣେ ଶିକ୍ଷକ ବା ଶିକ୍ଷୟିତ୍ରୀଙ୍କୁ ପର୍ଯ୍ୟବେକ୍ଷକ ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ନିଯୁକ୍ତି ଦେଇଛନ୍ତି । ତଦନୁଯାୟୀ ନାରାୟଣପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଂଗୀତ ଗିରିଙ୍କୁ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ପର୍ଯ୍ୟବେକ୍ଷକ ଭାବରେ ଦାଇତ୍ୱ ଦିଆଯାଇଛି । ଏହିପରି ସମସ୍ତ ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକ ନିଯୁକ୍ତି ହୋଇଥିବା ଜଣାଯାଇଛି । ଏଥି ସହିତ ବିଡିଓ, ତହସିଲଦାର ଏବଂ ଥାନା ଅଧିକାରୀଙ୍କୁ ମଧ୍ୟ ପରୀକ୍ଷା ତଦାରଖ କରିବା ପାଇଁ ଦାଇତ୍ୱ ଦିଆଯାଇଛି । ଯାହା ଫଳରେ ବାଲିଆପାଳ ବିଡିଓ ରାଧାରଂଜନ ଦାସ, ତହସିଲଦାର ଜ୍ୟୋସ୍ନା ରାଣୀ ନାୟକ, ଆଇ ଆଇ ସି ସାଲଖାନ ମୁର୍ମୁ ଆଜି ବାଲିଆପାଳ ବ୍ଲକର ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ପରୀକ୍ଷା ତଦାରଖ କରିଥିଲେ । ପରୀକ୍ଷାକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା କମିଟିର ଦୁଇ ଜଣିଆ ଟିମରେ ବାଲେଶ୍ୱର ବାରବାଟୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଧାଂଶୁ ଜେନା ଏବଂ ଔପଦା ବ୍ଲକର ଶିକ୍ଷା ଅଧିକାରୀ ନାରାୟଣ ଦାସ ମଧ୍ୟ ବାଲିଆପାଳ ବ୍ଲକର ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ । ସବୁଠି ଶାନ୍ତି ଶୃଙ୍ଖଳାର ସହିତ ବାଲିଆପାଳ ବ୍ଲକର ସମସ୍ତ ପରୀକ୍ଷା କେନ୍ଦ୍ରରେ ସକାଳ ୯ଟା ଠାରୁ ପରୀକ୍ଷା ଆରମ୍ଭ ହୋଇ ୧୨ଟା ୩୦ମିନିଟରେ ପରୀକ୍ଷା ଶେଷ ହୋଇଥିଲା । ଆସନ୍ତା ମାର୍ଚ୍ଚ ୨ତାରିଖରେ ମାଟ୍ରିକ ପରୀକ୍ଷା ଶେଷ ହେବ ।

# ସିଦ୍ଧିବିନାୟକଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାରିପଦା(ନିପ୍ର): ବାରିପଦାରେ ପ୍ରତିଷ୍ଠା ହେଉଛି ସିଦ୍ଧିବିନାୟକଙ୍କ ଭବ୍ୟ ମନ୍ଦିର । ଏହି ମନ୍ଦିର ପ୍ରତିଷ୍ଠାରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ବିଶେଷ ଉଦ୍ୟମରେ ହେଉଛି ଏହି ଭବ୍ୟ ଆୟୋଜନ. ଗତ ୨୭ ବର୍ଷ ଧରି ଜନସାଧାରଣଙ୍କ ସହାୟତା ରେ ଅଳ୍ପଅଳ୍ପ କରି ତିଆରି ହୋଇଥିବା ଏହି ମନ୍ଦିରକୁ ଆଜି ମିଳୁଛି ଚୂଡାନ୍ତ ରୂପରେଖ । ସିଦ୍ଧି ବିନାୟକଙ୍କ ସହିତ ମହାଦେବ ଓ ହନୁମାନ ମଧ୍ୟ ପାର୍ଶ୍ୱଦେବତା ଭାବରେ ପ୍ରତିଷ୍ଠା ପାଇବେ । ଏହାକୁ ନେଇ ବହୁ ଗଣ୍ୟମାନ୍ୟ ଭକ୍ତଙ୍କ ଉପସ୍ଥିତିରେ ଆୟୋଜନ ହୋଇଛି ଏକ ଦିବ୍ୟ କଳସ ଶୋଭାଯାତ୍ରା । ବାରିପଦା ପୋଡା ଅସ୍ତିଆ ସ୍ଥିତ ବୁଢାବଳଙ୍ଗ ନଦୀ ପଠାରୁ



୩ହଜାର ୧ଶହ ମହିଳା ମଥାରେ କଳସ ଧରି ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ୩ନମ୍ବର ୱାର୍ଡ, ଫରେଷ୍ଟ କଲୋନୀ ଠାରେ ନବନିର୍ମିତ ଏହି ମନ୍ଦିରରେ ପହଂଚି ଥିଲେ । ଏହି ଶୋଭାଯାତ୍ରାରେ ନେତାମନ୍ତ୍ରୀ, ବିଶିଷ୍ଟ ବ୍ୟକ୍ତି ମାନଙ୍କ ସହିତ ଲୋକପ୍ରିୟ ସାଧ୍ୱୀ ତଥା ଧର୍ମ ପ୍ରଚାରକ ମା ରାସେଶ୍ୱରୀ ଦେବୀ ମଧ୍ୟ ଉପସ୍ଥିତ ରହିଥିଲେ । ଏହି ଶୋଭାଯାତ୍ରା ଲାଗି ବାରିପଦା ବୁଢାବଳଙ୍ଗ ନଦିକୁଳ ଠାରୁ ମନ୍ଦିର ପର୍ଯ୍ୟନ୍ତ ହୋଇଥିଲା ବ୍ୟାପକ ଆୟୋଜନ. କଳସ ଶୋଭାଯାତ୍ରା ରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତର ରୁ ମହିଳା ମାନେ ଯୋଗଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିବା ବେଳେ, ବାରିପଦା ସହର ରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା. ଏହି କାର୍ଯ୍ୟକ୍ରମ ଆଗାମୀ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ଆମ୍ବ ବଗିଚାରେ ଅଗ୍ନିକାଣ୍ଡ: କ୍ଷତିପୂରଣ ପାଇଁ ଆମ୍ବ ଚାଷୀ ଶଙ୍କର ଭୋଇଙ୍କ ଦାବି

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ୍ ଅନ୍ତର୍ଗତ ଭୁଲିଆସିକୁଆଁ ଗ୍ରାମ ପଂଚାୟତ ଛତା ଗ୍ରାମର ଶଙ୍କର ଭୋଇ ନିଜ ଜମିରେ ଏକ ଆମ୍ବ ବଗିଚା କରିଥିଲେ । ୩ ଏକାର ଜମିରେ ୨୦୦ ଆମ୍ବ ଗଛ ଲଗାଇ ଥିବା ବେଳେ ଦୃବର୍ତମାନେ ବଗିଚାରେ ନିଆଁ ଲଗାଇ ଦେଇଥିଲେ । ଫଳରେ ସମ୍ପୂର୍ଣ୍ଣ ଆମ୍ବ ବଗିଚାରେ ଥିବା ଶୁଖିଲା ବୁଦା ରେ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଆମ୍ବ ବଗିଚା ଅଗ୍ନିକାଣ୍ଡ ରେ ପୋଡ଼ି ପାଉସ ହୋଇଅଛି । ଶଙ୍କର ଭୋଇ ତାଙ୍କ ସ୍ତ୍ରୀ ସହ ପରିବାର ରର ଅନ୍ୟ ସଦସ୍ୟ



ମାନେ ବଗିଚାକୁ ଅତି ଯତ୍ନ ସହକାରେ ଛୋଟ ରୁ ବଡ କରିଥିଲେ । ଆମ୍ବ ଗଛ ରେ ବଉଁଳ ଆସିବା ବେଳକୁ ଅଗ୍ନିକାଣ୍ଡ ଯୋଗୁଁ ସମ୍ପୂର୍ଣ୍ଣ ବଗିଚା ନଷ୍ଟ ହୋଇଯାଇଅଛି । ବର୍ତମାନ ଆମ୍ବ ଗଛ ବଂଚିବା ସ୍ୱପ୍ନ ଅଟେ । ଆମ୍ବ ଗଛ କୁ ଖଡିଆଳ ଉଦ୍ୟାନ ବିଭାଗ ରୁ ଚାରା ଆଣି ବଗିଚା ସୃଷ୍ଟି କରିବା ପ୍ରୟାସ କରିଥିଲେ । ଉଭୟ ସ୍ୱାମୀ ଏବଂ ସ୍ତ୍ରୀ ବଗିଚା କୁ ଦେଖି ଭାଙ୍ଗି ପଡିଛନ୍ତି । ଆମ୍ବ ବଉଁଳ ଆସିବା ଫଳ ଫଳିବ, ଫଳକୁ ଅଧିଷ୍ଠାତ୍ରୀ ଦେବୀଙ୍କୁ ଅର୍ପଣ କରି ପରିବାର ବନ୍ଧୁ ବର୍ଗଙ୍କୁ ଅଳ୍ପ ଉପହାର ଦେବା ସହ ଆମ୍ବ ବିକ୍ରି କରିବାର ସ୍ୱପ୍ନ ମଉଳି ଯାଇଛି । ଆବଶ୍ୟକ କ୍ଷତିପୂରଣ ଦରକାର । ନହେଲେ ୪ ବର୍ଷ ପରିଶ୍ରମ ସମ୍ପୂର୍ଣ ବୃଥା ହୋଇଅଛି ।

# ବ୍ରାଉନ୍‌ସୁଗର କାରବାରକୁ ନେଇ ଭାଇକୁ ଭୁଜାଲିରେ ହାଣିଲା ଭାଇ

ଜଳେଶ୍ୱର(ନିପ୍ର): ବ୍ରାଉନ୍‌ସୁଗର କାରବାର ବନ୍ଦ କରିବାକୁ ଜରେ ଭାଇକୁ ଭୁଜାଲିରେ ହାଣିଲା ସମ୍ପର୍କୀୟ ଭାଇ । ଗୁରୁତର ଆହତକୁ ପ୍ରାଥମିକ ଚିକିତ୍ସାପରେ ବାଲେଶ୍ୱର ସ୍ଥାନାନ୍ତର । ଘଟଣାରୁ ପ୍ରକାଶ, ରାଜପୁର ବସ୍ତିର ସେକ୍ ସରଫତ ତୁଲ୍ଲା (୨୮) ବିଦେଶରେ ରହି କାର୍ଯ୍ୟ କରୁଥିବା ବେଳେ ଅନ୍ୟ ସଂପର୍କୀୟ ଭାଇମାନେ ଗାଁରେ ରହିଆସୁଥିଲେ । ଜମିଜମା ଭାଗବ ରାକୁ ନେଇ ଭାଇମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିବା ବେଳେ ଆଜି ପୂର୍ବାହ୍ଣରେ ସେକ୍ ସରଫତ ତୁଲ୍ଲା ସଂପର୍କୀୟ ଭାଇ ସେକ୍ କରାମତ ତୁଲ୍ଲା (ଗରିବୁଲା)କୁ ବ୍ରାଉନ୍ ?ସୁଗର କାରବାର ନ କରିବାକୁ ତାଗିଦ୍ କରିଥିଲା । ପୂର୍ବ ରାଗକୁ ରଖି କରାମତ ସରଫତକୁ ଭୁଜାଲିରେ ଛାତି ଓ ଜଙ୍ଘକୁ ହାଣି ଫେରାର ହୋଇଯାଇଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସରଫତକୁ ପ୍ରଥମେ ଜିକେ ଭଟ୍ଟର ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି । ସୂଚନାଯୋଗ୍ୟ ଜଳେଶ୍ୱର ଅଂଚଳର କେତେକ ନିର୍ଦ୍ଦିଷ୍ଟ ଅଂଚଳରେ ବ୍ରାଉନ୍‌ସୁଗର କାରବାର ଦୈନନ୍ଦିନ ବ୍ୟବସାୟରେ ପରିଣତ ହୋଇ ଥିବା ବେଳେ ଏହାକୁ ବନ୍ଦ କରାଯାଇ ପାରୁ ନାହିଁ । ବିଭିନ୍ନ ସମୟରେ ଛୋଟ ଛୋଟ ବ୍ରାଉନ୍‌ସୁଗର ବ୍ୟବସାୟୀ ଧରାପଡୁଥିବା ବେଳେ ସେମାନଙ୍କୁ ପରିଚାଳିତ କରୁଥିବା ଓ ଟଙ୍କା ଲଗାଉଥିବା ମାଷ୍ଟରମାଇଣ୍ଡ ମାନଙ୍କୁ ଧରାଯାଇ ପାରୁନାହିଁ । ଏ ସଂପର୍କରେ ଜଳେଶ୍ୱର ଥାନାରେ ମାମଲା ରୁଜୁ ହେବାପରେ ଦୁବୃ କୁ ଧରିବାଲାଗି ପୋଲିସ୍ ଟିମ୍ ଗଠନ କରି ତଦନ୍ତ ଚଳାଇଛି ।

# ଚୋରା ନିଶା କାରବାର ବୃଦ୍ଧି ନେଇ ଚିନ୍ତାରେ ଉପଖଣ୍ଡବାସୀ

ବାରିପଦା(ନିପ୍ର): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଉପଖଣ୍ଡ ସବୁଠୁ ଅଧିକ ଚର୍ଚ୍ଚରେ ରହିଆସିଛି । ଉପଖଣ୍ଡରେ ଚୋରା ନିଶା ବେପାରୀଙ୍କ ଦବଦବାକୁ ଅସ୍ୱୀକାର କରିହେବନି । ଯାହାଫଳରେ ଉପଖଣ୍ଡରେ ଚୋରା ନିଶା କାରବାର ପାଇଁ ଏବେ ସବୁଠୁ ଅଧିକ ସୁରକ୍ଷିତ ସ୍ଥାନ ଭାବେ ପଡୋଶୀ ଜିଲ୍ଲା ଓ ରାଜ୍ୟ ଚୋରା ବ୍ୟବସାୟଙ୍କ ପସନ୍ଦ ସାଜିଛି । ବିଗତ ଦିନରେ ଶହଶହ କେଜି ଗଞ୍ଜେଇର ଗୋଦାମ ଘର ତ କେଉଠି ନକଲି ବିଦେଶୀ ମଦର କାରଖାନା ଠାବ ହୋଇଥିଲା । ପୁଣି କେଉଁ ଉପାନ୍ତ ନଦୀ ପଠାରେ ଦେଶୀ ମଦର କାରଖାନା ତ ଆଉ ଉଦଳା ଭଳି ଛୋଟ ସହରରେ ଧଳା ଜହରର ଚୋରା ଚାଲାଣର ଗତି ବଢୁଥିବା ଜଣାପଡିଛି । ଏମିତି ଉପଖଣ୍ଡରେ ଚୋରା ମଦର କାରବାର ଯଦିଓ ବେଆଇନ କିନ୍ତୁ ଗାଁ ଗାଁ ର ଛକ ହାଟରେ ଦେଶୀ ବିଦେଶୀ ମଦର ଆସର ଓ ଗଞ୍ଜେଇ ଭାଟି ଜୋରଦାର ଚାଲିଛି । ନା ଅଛି ପୋଲିସର ଭୟ ନା ଅଛି ଅବକାରୀ ବିଭାଗର ଚଢାଉ । ବିନା ଭୟରେ ଉପଖଣ୍ଡରେ ଚାଲୁଛି ଏମିତି ବେଆଇନ ନିଶା କାରବାର । ଅପରପକ୍ଷରେ ଶିମିଳିପାଳ ପାଦଦେଶରେ ପ୍ରବାହିତ ପ୍ରାୟ ଛୋଟ ବଡ ନଦୀପଠାରେ ଥିବା ଜଙ୍ଗଲ ମଧ୍ୟରେ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଚୋରା ଦେଶୀ ମଦ ତିଆରି ଭାଟି ଚୋରା ନିଶା କାରବାରର ଫେଠସ୍ଥଳୀ ଥିବା ପରୋକ୍ଷ ସୂଚନା ରହିଛି । ସେହିପରି ଉଦଳା ଭଳି ଛୋଟ ସହରରେ ଯୁବ ଗୋଷ୍ଠୀକୁ ଆଗରେ ରଖି ପଡୋଶୀ ଜିଲ୍ଲାରୁ ଧଳା ଜହରର ଚାଲାଣ ବେଶ ସକ୍ରିୟ ହୋଇପଡିଥିବା ଜଣା ପଡ଼ିଛି । ଧଳା ଜହରର ଚାଲାଣ ପାଇଁ ଉପଖଣ୍ଡର ଯୁବ ଗୋଷ୍ଠୀଙ୍କୁ ଟାର୍ଗେଟ କରି କିଛି ଛୋଟ ଦୋକାନକୁ ବଛାଯାଇଛି । ଯାହା ଫଳରେ କିଛି ଯୁବଗୋଷ୍ଠୀ ଧଳା ଜହରର ନିଶାରେ ନିଜ ରବିଷ୍ୟତକୁ ମଧ୍ୟ ପାଣିରେ ପକାଇଦେବାକୁ ପଛାଇନାହାନ୍ତି । ଉଦଳା ପୋଲିସ ଉପଖଣ୍ଡରେ ଚାରି ଗୋଟି ଥାନା ରହି ଥିବାବେଳେ ୫ଟି ଫାଣ୍ଡି ଓ ବିଟ୍ ରହିଛି । ବିଶେଷ କରି ଉଦଳା, ଖୁଂଟା, କପ୍ତିପଦା ଥାନା ଓ ଶରତ ଥାନା ଅଂଚଳରେ ଚୋରାନିଶା ବେପାରୀ ସକ୍ରିୟ ରହିଥିବା ଯୁବ ଗୋଷ୍ଠୀଙ୍କ ଆଚରଣ ରୁ ଜଣାପଡୁଛି । ନା ପୋଲିସର ଭୟ ଅଛି ନା ଅବକାରୀ ବିଭାଗକୁ ଖାତିର ଅଛି । ଅନାୟସରେ ଚଳାଇଛନ୍ତି ନିଜର କଳା ଧନ୍ଦା । ସେହିପରି ଦେଶୀ ମଦ କାରଖାନରେ ମଝିରେ ମଝିରେ ଚଢାଉ କରି ପୋଚ ଓ ରନ୍ଧା ସାମଗ୍ରୀ ଜବତ କରି ଦାୟିତ୍ୱ ସାରୁଥିବା ବେଳେ ଧଳା ଜହରର ଚେର ଏ ପର୍ଯ୍ୟନ୍ତ ପୋଲିସ ପାଇ ନଥିବା ପରି ମନେ ହେଉଛି ।

# ଜାହାଙ୍ଗୀର ସରସ୍ୱତୀ ଶିଶୁ ମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ସମାରୋହ

ଧାମନଗର(ନିପ୍ର): ଧାମନଗର ବ୍ଲକ ଦଳାଙ୍ଗ ପଂଚାୟତ ଅନ୍ତର୍ଗତ ଜାହାଙ୍ଗୀର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠାନର ୧୧ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ମଙ୍ଗଳବାର ଦିନ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଏହି ସଭାରେ ଶିଶୁ ମନ୍ଦିରର ସଭାପତି ସଞ୍ଜୟ କୁମାର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଶିକ୍ଷାବିତ୍ ଗୌରାଙ୍ଗ ବାରିକ କାର୍ଯ୍ୟକ୍ରମକୁ ସଫଳତାର ସହ ସଂଚାଳନ କରିଥିଲେ ।



ବିଦ୍ୟାଳୟର ସମ୍ପାଦକ ବିରଜା ପ୍ରସନ୍ନ ରାଉତ ବାର୍ଷିକ ବିବରଣୀ ପାଠ କରି ଅନୁଷ୍ଠାନର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଖଗେଶ୍ୱର ହାତୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଜିତ ବେହେରା ଅତିଥିମାନଙ୍କୁ ମଂଚ ଆମନ୍ତ୍ରଣ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ଆଶୋକ ନାୟକ ଯୋଗ ଦେଇଥିବା ବେଳେ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ କିଶୋର କୁମାର ପାଣିଗ୍ରାହୀ ଶିଶୁ ମନ୍ଦିରର ଶିକ୍ଷାଦାନ ପଦ୍ଧତି ଓ ସଂସ୍କାର ଉପରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ନିତ୍ୟାନନ୍ଦ ଘଡାଇ, ବିପିନି ବିହାରି ରାଉତ, ଖଗେଶ୍ୱର ତ୍ରିପାଠୀ, ଶ୍ୟାମ ସୁନ୍ଦର ବାରିକ, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇ ଶିଶୁମାନଙ୍କର ଶୈକ୍ଷିକ ବିକାଶ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସ୍ୱାଗତ ନୃତ୍ୟ ଓ ସଙ୍ଗୀତ ଗାନ ପରିବେଷଣ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପରିଶେଷରେ ଗୁରୁମା ଭାରତୀ ବେହେରା ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମର ସାଙ୍ଗ ହୋଇଥିଲା ।


**କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ**
**(ସଂସଦ ଅଧିନିୟମ ଦ୍ୱାରା ସ୍ଥାପିତ)**
**୫୬-୫୭, ଇନିଷ୍ଟିଚ୍ୟୁସନାଲ ଏରିଆ, ଜନକପୁରୀ**
**ନୂଆଦିଲ୍ଲୀ - ୧୧୦୦୫୮**

**ଆୟୁର୍ବେଦ ଗୁରୁକୁଳମ୍ ଅନୁବନ୍ଧନ ନିମିତ ଅନ୍‌ଲାଇନ୍ ଆବେଦନ**

ଆୟୁର୍ବେଦ ଗୁରୁକୂଳମ୍ ଅନ୍ତର୍ଗତ ଦୁଇ ବର୍ଷିଆ ପ୍ରାକ୍-ଆୟୁର୍ବେଦ ସହ ବେଚଲର ଅଫ୍ ଆୟୁର୍ବେଦିକ ଔଷଧ ଆଣ୍ଡ ସର୍ଜରୀ (ବିଏଏମ୍ଏସ୍), ହେତୁ ପୁରା ସାଢ଼େ ସାତବର୍ଷ ଅବଧିରେ ସୈଖଣିକ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ଦ୍ୱାରା ଆୟୁର୍ବେଦ ଗୁରୁକୁଳ ଅନୁବନ୍ଧନ ପ୍ରଦାନକରାଯାଉଅଛି । ତଦନୁସାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ, ଭାରତ ସରକାରଙ୍କ ଭାରତୀୟ ଚିକିତ୍ସା ପଦ୍ଧତି ରାଷ୍ଟ୍ରୀୟ ଆୟୋଗ (ଏନ୍‌ସିଆଇଏସ୍ଏମ୍) ଦ୍ୱାରା ରାଜପତ୍ରରେ ଅଧିସୂଚିତ ଆଇନ ଅନ୍ତର୍ଗତ ଆୟୁର୍ବେଦ ଗୁରୁକୁଳ ଅନୁବନ୍ଧନ ପାଇଁ ଯୋଗ୍ୟ ସଂସ୍ଥାନଙ୍କ ଠାରୁ ଆବେଦନ ଆମନ୍ତ୍ରଣ କରାଯାଉଛି । ଆୟୁର୍ବେଦ ଗୁରୁକୁଳର ଉଦ୍ଦେଶ୍ୟ ସକ୍ଷମ ଅଧିକାରୀ ଦ୍ୱାରା ନିର୍ଦ୍ଧାରିତ ପ୍ରାକ୍-ଆୟୁର୍ବେଦ କାର୍ଯ୍ୟକ୍ରମ ଏବଂ ବିଏଏମ୍ଏସ୍ ପାଠ୍ୟକ୍ରମ ଅନୁରୂପେ ଆୟୁର୍ବେଦରେ ପାରମ୍ପରିକ ଗୁରୁକୂଳ-ଆଧାରିତ ଶିକ୍ଷା ପ୍ରଦାନ କରାଯାଉଛି ।

ଆୟୁର୍ବେଦ ଗୁରୁକୂଳରେ ୧୦ମ ଶ୍ରେଣୀ ଅଥବା ସମକକ୍ଷ ଉତୀର୍ଣ୍ଣ ଛାତ୍ରୀଛାତ୍ର ଅଖିଳ ଭାରତୀୟ ସ୍ତରରେ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ପ୍ରବେଶ କରିପାରିବେ ।

ଇଚ୍ଛୁକ ସଂସ୍ଥାନ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ମାଧ୍ୟମରେ ଆୟୁର୍ବେଦ ଗୁରୁକୂଳ ଅନୁବନ୍ଧନ ପାଇଁ ଆବେଦନ କରିପାରିବେ - https://www.sanskrit.nic.in/ayurveda_gurukulam.php ବିସ୍ତୃତ ନିୟମାବଳୀ-ନିର୍ଦ୍ଦେଶାବଳୀ, ପାତ୍ରତା ମାନଦଣ୍ଡ ଏବଂ ଆବେଦନ ପ୍ରକ୍ରିୟା ପାଇଁ ଦୟାକରି ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ଦେଖନ୍ତୁ: www.sanskrit.nic.in

ତା୦୯.୦୨.୨୦୨୬

ସ୍ୱା/-
କୁଳସଚିବ



cbc 21212/12/0005/2526


# ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସମୀକ୍ଷା ବୈଠକ


ଝାରସୁଗୁଡ଼ା(ନିପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ ଏବଂ ମେଗା ପାନୀୟ ଜଳ ପ୍ରକଳ୍ପର ରକ୍ଷଣାବେକ୍ଷଣ ସହ ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ଟ୍ୟାପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରାଯାଇ ଥିଲା । ବିଶେଷ କରି 'ବସୁଧା' ଯୋଜନାରେ ହେଲ୍ପଲାଇନ ଓ ଅଭିଯୋଗ ପ୍ରତିକାର ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ସହ ଯେଉଁ ଅଂଚଳରେ ପିଇବା ପାଣିର ସମସ୍ୟା ଦେଖାଯାଏ ସେହି ସବୁ ଅଂଚଳରେ ଟ୍ୟାଙ୍କର ଜରିଆରେ ଜଳ ଯୋଗାଣ ଓ ନୂତନ ନଳକୂପ ସ୍ଥାପନ ଉପରେ ଜିଲ୍ଲାପାଳ ଏହି ବୈଠକରେ ବିଭାଗୀୟ ଅଧିକାରୀଙ୍କୁ ବିଶେଷ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ପଂଚମ ରାଜ୍ୟ ଅର୍ଥ କମିଶନ ଏବଂ ପଂଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ପାଣ୍ଠିରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରଥମ ପର୍ଯ୍ୟାୟ ମେଗା ପାନୀୟ ଜଳ ପ୍ରକଳ୍ପ ଏବଂ ଜିଲ୍ଲାର ୪୨ଟି ଗ୍ରାମ ପଂଚାୟତରେ ବ୍ଲକୱାରି ଜଳ ଯୋଗାଣ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା PWD, RD ଏବଂ NH କାମ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ପାଇପ ଲାଇନ ଗୁଡ଼ିକର ତୁରନ୍ତ ମରାମତି କରିବା ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ମେଗା ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ପୂର୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବିଭିନ୍ନ ବ୍ଲକ ଏବଂ ସମ୍ପୃକ୍ତ ବିଭାଗର ପଦାଧିକାରୀ ଓ ନିର୍ମାଣକାରୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ତିନି ବାଇକ୍ ଆରୋହୀ ମୃତ

ରାୟଗଡ଼ା(ନିପ୍ର): ରାସ୍ତା ଉପରେ ଛିଡା ହୋଇଥିବା ଟ୍ୟାଙ୍କରରେ ବାଇକ ଧକ୍କା ଦେଇ ୩ ବାଇକ ଆରୋହୀଙ୍କ ମୃତ୍ୟୁ । ରାୟଗଡା ଜିଲା କାଶିପୁର ବ୍ଲକ ଟିକିରି ଥାନା ନଟରାଜ ପେଟ୍ରୋଲ ପମ୍ପ ନିକଟରେ ବିଳମ୍ବିତ ରାତିରେ ବେଆଇନ ଭାବେ ଛିଡା ହୋଇଥିବା ଏକ ବୁଲେଟ୍‌କୁ ଏକ ବାଇକ ଧକ୍କା ଦେବା ଫଳରେ ବାଇକ ଆରୋହୀ ସମେତ ୩ଜଣଙ୍କର ମୃତ ଘୋଟିଛି । ସେଥି ମଧ୍ୟରୁ ୨ ନାବାଳକ ରହିଛନ୍ତି । ମୃତକ ମାନେ ହେଲେ ଟିକିରି ଥାନା ଅନ୍ତର୍ଗତ ମହତପୁଟ ଖୁରିଗାଁ ର ଗୋବିନ୍ଦ ଝୋଡିଆ ଙ୍କ ପୁଅ ନରେନ୍ଦ୍ର ଝୋଡିଆ(୨୫), ମୁନା ଝୋଡିଆଙ୍କ ପୁଅ ବିପିନ ଝୋଡିଆ (୧୪), ଜଗ ଝୋଡିଆଙ୍କ ପୁଅ ଟୁନୁ ଝୋଡିଆ (୧୫) । ସେମାନେ କୈଣସି କାମରେ ଟିକିରି ପଟରୁ ଗୋରଖପୁର ଆଡକୁ ଯାଉଥିବା ବେଳେ ଛିଡା ହୋଇଥିବା ଟ୍ୟାଙ୍କରକୁ ଧକ୍କାଦେବା ଫଳରେ ଗୁରୁତର ଆହତ ପଡିଥିବା ବେଳେ ଟିକିରି ପୋଲିସ ଗୁରୁତର ଆହତ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉଷାପଡା ସ୍ଥିତ ଉତ୍କଳ ହସ୍ପିଟାଲ ରେ ଭର୍ତି କରିଥିଲେ । ଡାକ୍ତର ଜଣକୁ ମୃତ ଘୋଷଣା କରିଥିବା ବେଳେ ୨ଜଣକୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରୁ ଚିକିତ୍ସାଧିନ ଅବସ୍ଥାରେ ୨ଜଣଙ୍କ ମୃତ୍ୟୁ ଘଟିଛି । ସ୍ଥାନୀୟ ଲୋକେ କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ କରିଛନ୍ତି । ଟିକିରି ପୋଲିସ ପରିସ୍ଥିତି ଉପରେ ନଜର ରଖିଛି ।









ସରଳତା ଓ ଗୋପନୀୟତା କେବେ ହେଲେ ବହୁକାଳ ଏକତ୍ର ରହି ପାରିବେ ନାହିଁ ।

# ଆଜିକାଲି



*ତସ୍ୟ ସଂଜନୟନ୍ ହର୍ଷଂ କୁରୁବୃଦ୍ଧଃ ପିତାମହଃ*
*ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖଂ ଦଧ୍ମୌ ପ୍ରତାପବାନ୍*
*(ଶ୍ରୀମଦ୍ ଭଗବତ୍ ଗୀତା)*
*ଭାବାର୍ଥ : ଦ୍ରୋଣାଚାର୍ଯ୍ୟଙ୍କୁ ରାଜା ଦୁର୍ଯ୍ୟୋଧନ ଏହିପରି କହିବା ପରେ କୌରବକୁଳର ବୃଦ୍ଧ ମହାପ୍ରତାପୀ ପିତାମହ ଭୀଷ୍ମ ଦୁର୍ଯ୍ୟୋଧନଙ୍କର ହୃଦୟରେ ହର୍ଷ ଉତ୍ପନ୍ନ କରାଇ ଉଚ୍ଚସ୍ୱରରେ ସିଂହନାଦ ପରି ଗର୍ଜନ କରି ଶଙ୍ଖ ବଜାଇଲେ ।*

## ମାଟ୍ରିକ ପରୀକ୍ଷା ଆରମ୍ଭ


ରାଜ୍ୟରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି । ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ମାଟ୍ରିକ ସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ଓ ମଧ୍ୟମା ପରୀକ୍ଷା ମଧ ଏକ ସଂଗେ ହୋଇଛି । ଚଳିତ ବର୍ଷ ରାଜ୍ୟର ୩୦୮୨ କେନ୍ଦ୍ରରେ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି । ଏଥିପାଇଁ ନିର୍ଦ୍ଦିଷ୍ଟ ସମୟ ମଧ ପୂର୍ବରୁ ଘୋଷଣା କରାଯାଇଛି । ଏଥର ପରୀକ୍ଷାର୍ଥୀଙ୍କୁ କିଛିଟା ନୂଆ ସୁଯୋଗ ମିଳିବ । ବିଳମ୍ବରେ ହେଲେ ବି ଛାତ୍ରଛାତ୍ରୀ ମାନେ ପରୀକ୍ଷା ଦେଇ ପାରିବେ । ବର୍ଷବର୍ଷ ଧରି ବୋର୍ଡ଼ ପକ୍ଷରୁ ହୋଇଥିବା ମାଟ୍ରିକ ପରୀକ୍ଷାରେ ନାନା ଅଘଟଣ ଅଭିଯୋଗ ହୋଇଥାଏ । ପ୍ରଶ୍ନପତ୍ର ପ୍ରଘଟ କେନ୍ଦ୍ରରେ କପି ପ୍ରଭୃତିକୁ ଅଭିଯୋଗ ନେଇ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । କିନ୍ତୁ ଚଳିତ ବର୍ଷ କିପରି ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଶେଷ ହେବ ସେଥିପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଏଥିରେ ସନ୍ଦେହ ନାହିଁ । ପରୀକ୍ଷାରେ କପି ବା ଅନ୍ୟ ଅନିୟମିତତା ରୋକିବା ପାଇଁ ବୋର୍ଡ ପକ୍ଷରୁ ୪୨ଟି ସ୍ପେଶାଲ ସ୍କ୍ୱାର୍ଡ଼ ନିଯୁକ୍ତ ହୋଇଛି । ଏଥିସହ ୭୨ଟି ଫ୍ଲାଇଂ ସ୍କ୍ୱାର୍ଡ଼ ଗଠନ କରାଯାଇଛି । ଏ ସବୁ ସତ୍ତ୍ୱେ ପୂର୍ବଭଳି ଯେଭଳି ଅନିୟମିତତା ତଥା ଅସାଧୁ ବ୍ୟବସ୍ଥା ଦେଖା ଦେଉଥିଲା । ଏବେ କିନ୍ତୁ ପରୀକ୍ଷାର୍ଥୀ ସୁରୁଖୁରୁରେ ଏବଂ ସ୍ୱଚ୍ଛ ଓ ସୁବିଧାରେ ପରୀକ୍ଷା ଦେଇ ପାରିବେ ଯାହାକି ବୋର୍ଡ ପକ୍ଷରୁ ନିଷ୍ପତି ନିଆଯାଇଛି ତାହା ବେଶ ଭଲ ପଦକ୍ଷେପ ବୋଲି ଶିକ୍ଷାବିତ୍ ମାନେ କହିଛନ୍ତି । ଏସବୁ ସତ୍ତ୍ୱେ କିଭଳି ଶାନ୍ତି ଶୃଙ୍ଖଳାରେ ପରୀକ୍ଷା ଶେଷ ହେବ ତାହାକୁ ନେଇ ମଧ ଅଭିଭାବକ ଏବଂ ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରେ ଆଶଙ୍କା ଓ ଆତଙ୍କ ଦୂର ହୋଇ ପାରିବ କି ? ଆମେ ଆଶା କରୁଛୁ ଏଥର ମାଟ୍ରିକ ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ହୋଇପାରେ ।

## ଅହମଦୀୟା ମୁସଲିମ ସମାଜରେ ୨୦ ଫେବୃଆରୀର ମହତ୍ତ୍ୱ

(ଅଙ୍ଗୀକୃତ ସଂସ୍କାରକ ଦିବସ ଉପଲକ୍ଷେ)

◆ ମୌଲାନା ଫଜଲ ହକ ଖାନ୍

କଳି କାଳରେ ଧର୍ମର ଗ୍ଲାନି ଘଟିବ । କଲକୀ ଅବତାର ଆସିବେ । ରାମରାଜ୍ୟ ପ୍ରତିଷ୍ଠା ହେବ । ଅଶାନ୍ତ ଜଗତକୁ ଶାନ୍ତିର ବାର୍ତାବହ ଆସି ଶାନ୍ତି ସ୍ଥାପନା ଦିଗରେ ଉନ୍ନତି ମୂଳକ କାର୍ଯ୍ୟ କରିବେ । ବିଶ୍ୱ ଶାନ୍ତି, ବିଶ୍ୱ ଭ୍ରାତୃଭାବ ସୃଷ୍ଟି କରାଯିବ । ବସୁଧୈବ କୁଟୁମ୍ବକମ୍‌ର ସୁନ୍ଦର ବାତାବରଣ ମଧ୍ୟରେ ଜନଜୀବନ ନିର୍ଭୟରେ ଶ୍ୱାସ ପ୍ରଶ୍ୱାସ ନେଇପାରିବେ । ଏହି ପରି ପ୍ରାୟ ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ଓ ଭବିଷ୍ୟତ ବାଣୀ ରହିଛି । ଧର୍ମ ସର୍ବଦା ସଂସ୍କାର, ସେବା, ତ୍ୟାଗ, ସହଯୋଗ ଏବଂ ଶିଷ୍ଟାଚାର ଶିଖାଇଥାଏ । ମନୁଷ୍ୟ ମାତ୍ର ଦୁଇଜାତି । ପୁରୁଷ ଏବଂ ସ୍ତ୍ରୀ । ବାକି ଅନ୍ୟ ସବୁ ଗୋଷ୍ଠୀ ବା ସଂପ୍ରଦାୟ କେବଳ ଜଣେ ଅନ୍ୟକୁ ପରିଚୟ ଦେବାର ମାଧ୍ୟମ ଅଟେ । ଇସଲାମ ଧର୍ମ ଆଦିଧର୍ମ । ଇସଲାମ ଧର୍ମର ପ୍ରକୃତ ମର୍ମହେଲା, ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ, ସହାନୁଭୂତି, ସଦ୍‌ଭାବନା, ସହିଷ୍ଣୁତା, ସମ୍ବେଦନଶୀଳତା, ସହଯୋଗିତା, ସମନ୍ୱୟତା, ସଂଯମତା, ସରଳତା ଏବଂ ସତ୍ୟତା । ମହାମହିମ ଅବତାର ହଜରତ ମୁହମ୍ମଦ ସଲ୍ଲମ କରୁଣାର ସାଗର ହୋଇ ସମଗ୍ର ସଂସାର ପାଇଁ ଆସିଥିଲେ । ତାଙ୍କ ଭବିଷ୍ୟତବାଣୀ ଅନୁଯାୟୀ ତାଙ୍କ ଦାସତ୍ୱରେ ୧୪୦୦ ଶହ ବର୍ଷ ପରେ ୧୮୩୫ ମସିହାରେ ପ୍ରତିଶ୍ରୁତ ମସିହ ଓ ମେହେଦୀ ମିର୍ଜା ଗୁଲାମ ଅହମଦ ଜନ୍ମ ନେଇ, ଇସଲାମ ଧର୍ମରେ ଦେଖା ଯାଉଥିବା କଳୁଷିତକୁ ଦୂର କରିଥିଲେ । ତଥା ଇସଲାମ ଧର୍ମକୁ ପୁନଃର୍ଜୀବିତ କରିଥିଲେ । ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ପ୍ରତିଷ୍ଠିତ ସଂପ୍ରଦାୟକୁ ଅହମଦୀୟା ମୁସଲିମ ସଂପ୍ରଦାୟ କୁହାଯାଏ । ଅହମଦୀୟା ମୁସଲିମ ସଂପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଇସଲାମ ଧର୍ମର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ରଖିବା । ଏହାର ମୂଳ ଲକ୍ଷ୍ୟ ଇସଲାମ ଶାନ୍ତି ଓ ନିରାପତାର ଧର୍ମ ବୋଲି ମାନବ ସମାଜକୁ ବୁଝାଇବା । ତଥା ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସୁସଂପର୍କ ସ୍ଥାପିତ କରିବା । ହଜରତ ଅହମଦଙ୍କ କାର୍ଯ୍ୟକଳାପ ପରେ ତାଙ୍କର ପାରମ୍ପରିକ କାର୍ଯ୍ୟକୁ ଏପରି ଏକ ଦକ୍ଷ ବର ପୁତ୍ର ଜନ୍ମନେଇ, ସେହି କାର୍ଯ୍ୟଭାରକୁ ତ୍ୱରାନ୍ୱିତ କରିବାର ଭବିଷ୍ୟତବାଣୀ ପ୍ରାୟ ସମସ୍ତ ଧର୍ମଶାସ୍ତ୍ରରେ ଲିପିବଦ୍ଧ ରହିଛି । ଯଦ୍ଦ୍ୱାରା ଇସଲାମର ଶାନ୍ତି ପୂର୍ଣ୍ଣ ବାର୍ତା ସମଗ୍ର ସଂସାରରେ ପ୍ରସାର ଲାଭ କରିବ । ସୁତରାଂ ୨୦ ଫେବୃଆରୀ ୧୮୮୬ ମସିହାରେ ସେହି ଐଶୀବାଣୀ ଅନୁସାରେ ସର୍ବ ବ୍ୟାପକ, ସର୍ବଶକ୍ତିମାନ, ଦୟା ଓ ସଦା



କରୁଣାମୟ ସର୍ବ ଅଧୀଶ୍ୱର ଅଲ୍ଲାଃ ହଜରତ ମିର୍ଜା ଅହମଦଙ୍କୁ ସମ୍ବୋଧିତ କରି କହିଛନ୍ତି; ନ୍ତମୁଁ ତୁମ୍ଭଙ୍କୁ ଏକ କରୁଣାର ଚିହ୍ନ ପ୍ରଦାନ କରୁଛି, ଯେଉଁ ରୂପେ ତୁମେ ମୋତେ ମାଗିଥିଲ, ଅତଏବ ମୁଁ ତୁମ୍ଭର ସେହି ଗୁହାରି ଶୁଣିଲି ଏବଂ ତୁମ୍ଭ ପ୍ରାର୍ଥନାକୁ ଅପାର ଦୟାପୂର୍ବକ ଅନୁଗ୍ରହୀତାର ସ୍ଥାନ ଦେଲି । ଅତଏବ ଦିବ୍ୟଶକ୍ତି, ଅନୁଗ୍ରହ ଓ ଐଶ୍ୱରିକ ସାନିଧ୍ୟର ଚିହ୍ନ ତୁମଠାରେ ପ୍ରକଟନ କରାଯାଉଛି । ହେ ତ୍ରିକାଳଜୟୀ (ତ୍ରିଭୂବନ ବିଜୟୀ) ମହାପୁରୁଷ ! ତୁମେ ଧନ୍ୟ । ତୁମ୍ଭ ପ୍ରତି ଶାନ୍ତି ବର୍ଷଣ ହେଉ ଯେ ଜୀବନକୁ ଭଲ ପାଆନ୍ତୁ, ଈଶ୍ୱର ଏହା ବ୍ୟକ୍ତ କରି ତାଙ୍କୁ ମୃତ୍ୟୁର ଫାଶରୁ ମୁକ୍ତ କରନ୍ତି । ସୁତରାଂ ତୁମକୁ ଶୁଭ ସୂଚନା ଦିଆଯାଇଛି କି ଏକ ପବିତ୍ର ଓ ଐଶୀକଳା ସଂପନ୍ନ ବରପୁତ୍ର ତୁମକୁ ପ୍ରଦାନ କରାଯିବ । ଜଣେ ଅନୁରକ୍ତ ଦାସ (ପୁତ୍ର ସନ୍ତାନ) ତୁମ୍ଭଙ୍କୁ ପ୍ରାପ୍ତ ହେବ । ସେହି ପୁତ୍ର ତୁମରି ଔରସରୁ ତୁମ କୂଳରକ୍ଷକ ବଂଶଧର ବୋଲାଇବ । ସେ ତୁମର ଅତିଥି-ଏକ ସୁନ୍ଦର ସୁଢ଼ଳ ଅମୃତ ସନ୍ତାନ ତୁମ ଗୃହକୁ ଆସୁଛନ୍ତି । ତାହାର ନାମ ଦୁର୍ଲ୍ଲଭ, ଯଶସ୍ୱୀ ଓ ବଶୀର (ସୁ-ସମାଚାର ପ୍ରାପ୍ତ) ମଧ ଅଟେ । ତାହାକୁ ପୂଣ୍ୟାତ୍ମା ଦିଆଯାଇଛି । ସେ ପରମବ୍ରହ୍ମ ପରମେଶ୍ୱର ଆଲ୍ଲାଃଙ୍କ ପରମ ଜ୍ୟୋତି । ସେ ଅଭିନ୍ନନୀୟ ଯେ ସ୍ୱର୍ଗପୁରରୁ ଆସୁଛନ୍ତି । ତାଙ୍କରି ଆଗମନ ସହିତ କରୁଣା ନିହିତ । ସେ ଅତ୍ୟନ୍ତଗାରିମାମୟ, ଅପାର ସମ୍ପଦର ଅଧିକାରୀ । ସେ ଧରାପୃଷ୍ଠକୁ ଆସିବ ଏବଂ ମସିହା ପ୍ରାଣ ଓ ସତ୍ୟତାର ଆତ୍ମାରେ ସମୃଦ୍ଧିଶାଳୀ ହୋଇ ବହୁ ଦୁରାତ୍ମା ବ୍ୟାଧିକୁ ବିଶୋଧନ କରିବ । ସେ ଈଶ୍ୱରଙ୍କ ବାକ୍ୟ; କାରଣ ଈଶ୍ୱରଙ୍କ ପ୍ରେମ ଓ ଦୟାରେ ବିଭୂଷିତ ସେହି ଦେବପୁରୁଷଙ୍କୁ ଦିବ୍ୟ ବାକ୍ୟର ବ୍ୟାପକ ସମ୍ଭାର ସହିତ ପ୍ରେରଣ କରାଯାଇଛି । ସେ ଅତି ବିଚକ୍ଷଣ ବୁଦ୍ଧି, ବିଦ୍ୟା ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ହେବ । ତାଙ୍କ ହୃଦୟ ଉଦାରପୂର୍ଣ୍ଣ ଏବଂ ତାଙ୍କୁ ପ୍ରକାଶ୍ୟ ଓ ଗୁପ୍ତ ଜ୍ଞାନରେ ପରିପୂର୍ଣ୍ଣ କରାଯିବ । ସେ ଶୀଘ୍ର ଶୀଘ୍ର ବଢ଼ିବାରେ ଲାଗିବ ଏବଂ ଦଳିତ ନିଷ୍ପେଷିତ ଜନଙ୍କ ସହାୟକ ଓ ତ୍ରାଣକର୍ତାର ପରିଚୟକ ହେବ ଏବଂ ସେ ପୃଥିବୀର କୋଣେ କୋଣେ ସୁଖ୍ୟାତି ଅର୍ଜନ କରିବ ଏବଂ ସମସ୍ତ ଜାତି ତାହାଙ୍କ ଠାରୁ ଆଶିଷ ଲାଭ କରିବେ ।'' ଏହି ଭବିଷ୍ୟତବାଣୀ ଅନୁଯାୟୀ ୧୨ ଜାନୁଆରୀ ୧୮୮୯ ମସିହାରେ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଙ୍କ ଘରେ ଏକ ମହାନ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିଥିଲେ । ଯାହାଙ୍କ ନାମ ବଶିରୁଦ୍ଦିନ ମହମୁଦ୍ ଅହମଦ୍ । ଯାହାଙ୍କୁ ଅହମଦୀୟା ମୁସଲିମ ସମାଜରେ ମୁସଲେଃ ମଉଦ (ଅଙ୍ଗୀକୃତ ସଂସ୍କାରକ)ବୋଲି କୁହାଯାଏ । ଆପଣ ଐଶୀଶକ୍ତି ବଳରୁ ସାଂସାରିକ ଓ ଆଧାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ ଥିଲେ । ୧୯୦୮ ମସିହାରେ ଯେତେବେଳେ ତାଙ୍କ ପିତୃ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀ ଅ.ସଙ୍କ ଦେହାନ୍ତ ହେଲା, ସେତେବେଳେ ବିରୋଧୀ ମାନଙ୍କ ପରିହାସ ଓ ତାଚ୍ଛଲ୍ୟପୂର୍ଣ୍ଣ ଉଲ୍ଲାସକୁ ଦେଖି ଆପଣ ପିତାଙ୍କ ମୃତ ଶଯ୍ୟାଧାର ନିକଟରେ ଛିଡ଼ା ହୋଇ ଶପଥ କରି ଥିଲେ ଯେ, 'ଯଦି ସଂସାରବାସୀ ସମସ୍ତେ ମୋ ଠାରୁ ଦୂରେଇ ଯାଆନ୍ତି ଓ ମୁଁ ଏକାକି ରହିଯାଏ , ତେବେ ମୁଁ ଏକା ହିଁ ସାରା ଦୁନିଆର ମୁକାବିଲା କରିବି ଏବଂ କୌଣସି ବିରୋଧୀ ଓ ଶତ୍ରୁଙ୍କୁ ଭୃକ୍ଷେପ କରିବି ନାହିଁ । ଆପଣ ନିଜର ଏହି ଶପଥକୁ ଅତି ଉତମ ରୂପେ ପାଳନ କରି ଇସଲାମର ଶାନ୍ତିପୂର୍ଣ୍ଣ ବାର୍ତାକୁ କାହାରି ପ୍ରତି ଭୟ ନକରି ସାରା ଜୀବନ ଉକ୍ତ ଉତମ କାର୍ଯ୍ୟ ସମ୍ପାଦନରେ କଟାଇ ଥିଲେ । ଏହାର ଜ୍ୱଳନ୍ତପ୍ରମାଣ ଆପଣଙ୍କ ମହାନ କୀର୍ତିମାନରୁ ସ୍ପଷ୍ଟ ଅନୁମେୟ । ତାଙ୍କର ସଂପୂର୍ଣ୍ଣ ଚେଷ୍ଟା ଫଳରେ ବାସ୍ତବିକ ଇସଲାମ ଧର୍ମ ଅହମଦୀୟା ମୁସଲିମ ସମାଜ ସଂସାରର ଶେଷ ସୀମା ପର୍ଯ୍ୟନ୍ତପହଂଚିପାରିଛି । ତଥା ବିଶ୍ୱର ୨୧୩ ଗୋଟି ରାଷ୍ଟ୍ରରେ ପରିବ୍ୟାପ୍ତ । ଏହି ଅହମଦୀୟା ମୁସଲିମ ସଂପ୍ରଦାୟର ବର୍ତମାନ ଆଧାତ୍ମିକ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ଅହମଦୀୟା ମୁସଲିମ ସମାଜର ୫ମ ଖଲିଫା ରୂପେ ଲଣ୍ଡନ ଠାରେ ଅଧିଷ୍ଠିତ ହୋଇ ମାନବକଲ୍ୟାଣ, ଜନସେବା ତଥା ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଐକ୍ୟବଦ୍ଧ ହୋଇ ସର୍ବରାଷ୍ଟର ରାଷ୍ଟ୍ରପତି, ଶାସକ, ରାଜା, ମହାରାଜା ଏବଂ ବହୁତ ବୁଦ୍ଧିଜୀବିମାନଙ୍କୁ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଆହ୍ୱାନ ଦେଇ ଚାଲିଛନ୍ତି । ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି,ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା । ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା । ଏବଂ ଦେଶଦ୍ରୋହୀ, ଧର୍ମଦ୍ରୋହୀ ଶନ୍ତ୍ରାସବାଦ ମାନଙ୍କର ତାଣ୍ଡବ ଲୀଳାକୁ ଦମନ କରିବା । ସର୍ବେଭବନ୍ତୁ ସୁଖିନଃର ସହର ବସାଇବା । ଏହା ହିଁ ଆମର କାମନା

**ଭୁବନେଶ୍ୱର**

## ସଂପର୍କ ଦୃଢ଼ କରନ୍ତୁ

***ପ୍ରେମିକା ବା ପ୍ରେମିକଙ୍କୁ ଖୁସି କରିବାକୁ ଅନେକ ସମୟରେ ବିଭିନ୍ନ ବାଟରେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ । ମାତ୍ର ଏଭଳି କେତେକ କଥା ରହିଛି, ଯାହା କଲେ ଖୁବ୍ କମ୍ ହୋଇଥାଏ, ମାତ୍ର ରୋମାନ୍ସରେ ଆଦୌ ଭଟ୍ଟା ପଡ଼େନାହିଁ ।***

■ ପ୍ରେମିକ/ପ୍ରେମିକା ସହ ଅନ୍ୟାନ୍ୟ ସାଙ୍ଗମାନଙ୍କୁ ନେଇ ପିକ୍‌ନିକ୍ ଯାଆନ୍ତୁ । ■ଘରେ ଉଭୟେ ରୋଷେଇ କରନ୍ତୁ ।
■ ମୋବାଇଲ୍‌ରେ ମେସେଜ୍ ପଠାନ୍ତୁ । ■ ଘରୋଇ ଖେଳ ଖେଳନ୍ତୁ ।■ଏକାଠି ସିନେମା ଦେଖନ୍ତୁ । ■ରାତିରେ ଏକାଠି ତାରା ଦେଖନ୍ତୁ ।■ କିଛି ସୃଜନଶୀଳ କାମ କରନ୍ତୁ ।■ସୁଇମିଂ ପୁଲ୍‌ରେ ଗାଧାନ୍ତୁ ।■କୌଣସି ଶିବିରକୁ ଯାଆନ୍ତୁ ।■ଏକାଠି ବାସ୍କେଟ୍ ବଲ୍ ଖେଳନ୍ତୁ ।■ କଫି ପିଅନ୍ତୁ । ■ ସ୍ଥାନୀୟ ଐତିହାସିକ ସ୍ଥଳଗୁଡ଼ିକୁ ବୁଲିଯାଆନ୍ତୁ ।■ଏକାଠି ମିଶି ସୁଡ଼ୋକୁ ବା ସେଭଳି ଖେଳକୁ ସମାଧାନ କରନ୍ତୁ ।■ଅନ୍ତତଃ ପାର୍କକୁ ଚାଲିଚାଲି ବୁଲିବାକୁ ଯାଆନ୍ତୁ ।

## ରୋଷେଇ ରାଜ୍



✹ ତରକାରୀ ଅଧିକ ରାଗ ହୋଇଯାଇଥିଲେ, ଦହି ୨ ଚାମଚରେ ଅଳ୍ପ ପାଣି ମିଶାଇ ଫେଟିବେ । ଏବେ ସେହି ମିଶ୍ରଣକୁ ତରକାରୀରେ ଭଲରେ ମିଶାଇ ନେବେ । ଚୁଲାକୁ ଅଳ୍ପ ଆଁ□ରେ ରଖି ୫ ମିନିଟ୍ ରାନ୍ଧିବା ପରେ ଘୋଡ଼ଣି ଦେଇ ବନ୍ଦ କରିବେ ।
✹ ରାନ୍ଧିବା ସମୟରେ ଚିମୁଟାଏ ଚିନି କିମ୍ବା ଅଧ ଚାମଚ ମହୁ ମଧ ମିଶାଇଲେ ରାଗ ସ୍ୱାଦ ଦୂର ହୁଏ । ହେଲେ ଏହା ଅଧିକ ପରିମାଣରେ ମିଶାଇଲେ ତରକାରୀର ସ୍ୱାଦ ବରଂ ଖରାପ ହେବାର ଭୟ ରହିଛି ।
✹ ଲୁଣିଆ କୌଣସି ବ୍ୟଞ୍ଜନ ହୋଇଗଲେ, ଏହାର ସ୍ୱାଦ ତୁରନ୍ତ ଠିକ୍ କରିବାକୁ ଲେମ୍ବୁ ରସ ୨ ଚାମଚ ମିଶାଇ ପାରିବେ ।

## ସୂକ୍ଷ୍ମ ଓ କାରଣ ଶରୀର

◆ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ

ଭାରତୀୟ ଆଧାତ୍ମିକ ଶାସ୍ତ୍ର ବେଦ, ବେଦାନ୍ତ ଦର୍ଶନ ଓ ଶ୍ରୀମଦ୍ ଭଗବଦ୍ଗୀତା ଆଦି;ମାନବୀୟ ଚେତନାକୁ ବ୍ୟାପକ ଏବଂ ଉର୍ଦ୍ଧ୍ୱଗାମୀ କରିବା ସକାଶେ ସଦା ସର୍ବଦା ପ୍ରଯତ୍ନଶୀଳ । ଏହି ଶାସ୍ତ୍ର ଗୁଡ଼ିକ ବ୍ରହ୍ମ ଓ ଜୀବର ସ୍ୱରୂପକୁ ବର୍ଣ୍ଣନା କରିବା ସହିତ ଜୀବନର ସତ୍ୟତାକୁ ପ୍ରକାଶିତ କରିଥାଏ । ଏହା ସହ ଜୀବର ଜନ୍ମ ଠାରୁ ମୃତ୍ୟୁ ତଥା ମୃତ୍ୟୁ ଠାରୁ ଜନ୍ମ ର ଯାତ୍ରା କିପରି ହୁଏ ? ଏବଂ କେଉଁ କେଉଁ ଶରୀର ଧାରଣ କରେ ? ତାହା ମଧ ଏଥିରେ ଉଲ୍ଲେଖ ରହିଛି । ବିଶେଷ ଭାବରେ ଶରୀର ହେଉଛି ଜୀବର ଭୌତିକ ଅଂଶ । ଏହି ଶରୀରକୁ ବେଦାନ୍ତ ଦର୍ଶନ ଅନୁଯାୟୀ ସ୍ଥୁଳ, ସୂକ୍ଷ୍ମ ଓ କାରଣ ବୋଲି ଅଭିହିତ କରାଯାଉଛି । ଏଣୁ କୁହାଯାଇଛି: ସ୍ଥୁଳଂ ସୂକ୍ଷ୍ମଂ ତଥା କାରଣଂ ଚ ଶରୀର ତ୍ରୟମାତ୍ମନଃ । ଉପରୋକ୍ତ ତିନିଗୋଟି ଶରୀର ମଧ୍ୟରୁ ପ୍ରଥମଟି ହେଲା ସ୍ଥୁଳ ଶରୀର, ଯାହା ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶାଦି ପଂଚ ମହାଭୂତରେ ଗଠିତ । ଏହି ସ୍ଥୁଳ ଶରୀର ଉପରେ ଶଙ୍କରାଚାର୍ଯ୍ୟଙ୍କ ବିରଚିତ 'ତତ୍ତ୍ୱବୋଧ 'ରେ ଦେଖିବାକୁ ମିଳେ : ଅନ୍ନସମ୍ଭୂତ ମେବାନ୍ନ ବୃଦ୍ଧି ମପୃରି ଣାର୍ମି ତ୍ୱାତ୍, ପଂଚୀକୃତଭୂତୈର୍ନିର୍ମିତଂ ତତ୍ ସ୍ଥୁଳଶରୀରମ୍ ।। ଅର୍ଥାତ୍ ସ୍ଥୁଳ ଶରୀର ଅନ୍ନ ଦ୍ୱାରା ଜନ୍ମ ଲାଭକରେ , ଅନ୍ନ ଦ୍ୱାରା ହିଁ ବୃଦ୍ଧି ପାଇଥାଏ , ଅନ୍ନର ହ୍ରାସ ଘଟିଲେ ଏହାର କ୍ଷୟ ହୋଇଥାଏ ଏବଂ ଏହା ପଂଚୀକୃତ ଭୂତଙ୍କ ଦ୍ୱାରା ନିର୍ମିତ, ପୂର୍ବଜନ୍ମର କର୍ମଫଳ ଓ ସୁଖ-ଦୁଃଖ ଆଦିର ଭୋକ୍ତା ଅଟେ । ସେପରି ଶ୍ୱେତାଶ୍ୱତର ଉପନିଷଦରେ କୁହାଯାଇଛି: ' ନବଦ୍ୱାରେ ପୁରେ ଦେହୀ, ହଂସୋ ଲୀଳାୟତେ ବହିଃ ' ଏହାର ଅର୍ଥ ଏ ସ୍ଥୁଳ ଶରୀର ହେଉଛି ' ନବଦ୍ୱାର ପୁରୀ ' । ଏହି ଶରୀର ମଧ୍ୟରେ ନଅ ଗୋଟି ଦ୍ୱାର ଯଥା ଦୁଇଟି ଚକ୍ଷୁ,ଦୁଇଟି କର୍ଣ୍ଣ,ଦୁଇଟି ନାସାପୁଡ଼ା,ଗୋଟିଏ ମୁଖ, ଗୋଟିଏ ପାୟୁ(ମଳଦ୍ୱାର), ଏବଂ ଗୋଟିଏ ଉପସ୍ଥ (ମୂତ୍ରଦ୍ୱାର ) ରହିଛି । ଯେଉଁଥିରେ ଆତ୍ମା ବାସ କରନ୍ତି । ଆମେ ଏ ଶରୀରକୁ ଆଖିରେ ଦେଖିପାରୁ । ଏହା ଜନ୍ମ ନିଏ, ବୃଦ୍ଧି ଘଟେ ଏବଂ ଶେଷରେ ମୃତ୍ୟୁ ବରଣ କରେ । ସ୍ଥୁଳ ଶରୀର କେବଳ ଆତ୍ମାର ଏକ ବାହ୍ୟ ଆବରଣ ମାତ୍ର । ଦ୍ୱିତୀୟଟି ହେଉଛି ସୂକ୍ଷ୍ମ ଶରୀର ବା ଲିଙ୍ଗ ଶରୀର । ଯାହା ସତରଟି ତତ୍ତ୍ୱ ବା ସପ୍ତଦଶ କଳାକୁ ନେଇ ଗଠିତ ବୋଲି ମଧ ତତ୍ତ୍ୱବୋଧରେ କୁହାଯାଇଛି : ଅପଂଚୀକୃତ ପଂଚମହାଭୂତୈଃ



କୃତଂ ସତ୍କର୍ମଜନ୍ୟଂ, ସୁଖଦୁଃଖାଦିଭୋଗସାଧନଂ ପଂଚଜ୍ଞାନେନ୍ଦ୍ରିୟାଣି, ପଂଚକର୍ମେନ୍ଦ୍ରିୟାଣି ପଂଚପ୍ରାଣାଦୟଃ ମନଶ୍ଚୈକଂ, ବୁଦ୍ଧିଶ୍ଚୈକା ଏବଂ ସପ୍ତଦଶକଳାଭିଃ ସହ ଯତିଷ୍ଠତି ତତ୍ ସୂକ୍ଷ୍ମଶରୀରମ୍ ।' ଅର୍ଥାତ୍ ଏ ସୂକ୍ଷ୍ମ ଶରୀର ଯାହା ଅପଂଚୀକୃତ ପଂଚମହାଭୂତ ଦ୍ୱାରା ନିର୍ମିତ, ପୂର୍ବ ଜନ୍ମର ସତ୍କର୍ମରୁ ଜାତ ଏବଂ ସୁଖ-ଦୁଃଖ ଆଦି ଅନୁଭବ କରିବାର ମାଧ୍ୟମ, ତାହାକୁ ସୂକ୍ଷ୍ମ ଶରୀର କୁହାଯାଏ । ଏହାର ନିର୍ମାଣ ପଂଚ ଜ୍ଞାନେନ୍ଦ୍ରିୟ ( ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ତ୍ୱଚା/ଚର୍ମ ),ପଂଚ କର୍ମେନ୍ଦ୍ରିୟ (ବାକ୍ /ବାଣୀ, ପାଣି /ହସ୍ତ, ପାଦ, ପାୟୁ /ମଳଦ୍ୱାର ଓ ଉପସ୍ଥ / ଜନନେନ୍ଦ୍ରିୟ),ପଂଚ ପ୍ରାଣ (ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ), ମନ ଓ ବୁଦ୍ଧି ଆଦି ଦ୍ୱାରା ହୋଇଛି । ସ୍ଥୁଳ ଶରୀର ମୃତ୍ୟୁ ପରେ ଏହି ସୂକ୍ଷ୍ମ ଶରୀର ଆତ୍ମା ସହିତ ଅନ୍ୟ ଏକ ଯୋନିକୁ ଗତିକରେ । ସ୍ଥୁଳ ଶରୀର ମୃତ୍ୟୁ ପୂର୍ବରୁ ମନ୍ୟୁଷର ଯେଉଁ ଭାବନା ଓ ସଂସ୍କାର ସ୍ଥାୟୀ ରହିଥାଏ ,ସେ ସେହି ଅବସ୍ଥାକୁ ପ୍ରାପ୍ତ କରେ । ତେଣୁ ଭଗବଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ହେ କୁନ୍ତି ପୁତ୍ର ! ଯଂ ଯଂ ବାପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଳେବରମ୍ । ତଂ ତମେବୈତି କୌନ୍ତେୟ ସଦା ତଦ୍‌ଭାବ ଭାବିତଃ ।। ଏ ସୂକ୍ଷ୍ମ ଶରୀରରେ ଜୀବର ସମସ୍ତ ଭାବନା ଓ ସଂସ୍କାର ଆଦି ସ୍ଥାୟୀ ରହିଥାଏ ଏବଂ ସ୍ୱପ୍ନ ଅବସ୍ଥାରେ ସବୁଠାରୁ ଅଧିକ ଅନୁଭୂତ ହୁଏ, ଯେଉଁଠି ସ୍ଥୁଳ ଶରୀର ସ୍ଥିର ଥାଏ କିନ୍ତୁ ମନ ଚଳଚଂଚଳ ରହିଥାଏ । ଏହା ଅତିସୂକ୍ଷ୍ମ ହୋଇଥିବା କାରଣରୁ କୌଣସି ପଦାର୍ଥ କିମ୍ବା ସ୍ଥାନକୁ ଯିବା ପାଇଁ ବାଧା ପାଏ ନାହିଁ । ତୃତୀୟଟି ହେଉଛି କାରଣ ଶରୀର, ଯେ ଅନାଦି କାଳରୁ ଜୀବର ଥିବା ଅବିଦ୍ୟା ବା ଅଜ୍ଞାନର ରୂପ ଅଟେ । ଏହା ସ୍ଥୁଳ ଶରୀର ଓ ସୂକ୍ଷ୍ମ ଶରୀରର କାରଣ ବୋଲି ମଧ ତତ୍ତ୍ୱବୋଧରେ କୁହାଯାଇଛି : 'ଅନାଦ୍ୟ ବିଦ୍ୟାରୂପଂ ଶରୀରଦ୍ୱୟସ୍ୟ କାରଣମାତ୍ରଂ ସତ୍ ? ନିର୍ବିକଳ୍ପ ରୂପଂ କାରଣଶରୀରମ୍ ।' ଏହା ଏପରି ଏକ ଅବସ୍ଥା ଯେଉଁଠାରେ କୌଣସି ଭେଦଭାବ ବା ବିକଳ୍ପ ନଥାଏ । ଯେପରି ଗଭୀର ନିଦ୍ରା ସମୟରେ ଆମେ ଏହି ଶରୀରର ଅନୁଭବ କରୁ, ଯେଉଁଠି କୌଣସି ଚିନ୍ତା ବା କର୍ମାଦିର ଲେଶମାତ୍ର ନଥାଏ । ସେପରି ବିବେକ ଚୂଡ଼ାମଣିରେ ଶ୍ରୀଶଙ୍କରାଚାର୍ଯ୍ୟ କହିଛନ୍ତି: ଅବ୍ୟକ୍ତମେବ କାରଣଂ ଶରୀରଂ ତଦାତ୍ମନଃ । ସୁଷୁପ୍ତିଭାବରୂପତ୍ୱାଦଜ୍ଞାନଂ ନାମ ନାମତଃ ।। ଅର୍ଥାତ୍ ଅବ୍ୟକ୍ତ (ଯାହା ଅପ୍ରକାଶିତ) ହେଉଛି ଆତ୍ମାର କାରଣ ଶରୀର । ଯାହାକୁ ସାଧାରଣତଃ 'ଅବିଦ୍ୟା' ବା ଆନନ୍ଦମୟ କୋଷ ଭାବରେ ବର୍ଣ୍ଣନା କରାଯାଇଛି । ଯେ ସୁଷୁପ୍ତି ଅବସ୍ଥାରେ ଅନୁଭୂତ ହୁଏ ଏବଂ ଅଜ୍ଞାନ ରୂପରେ ବିଦ୍ୟମାନ ରହିଥାଏ । ବେଦାନ୍ତ ଦର୍ଶନ ଅନୁଯାୟୀ ମନୁଷ୍ୟକୁ ସ୍ଥୁଳ, ସୂକ୍ଷ୍ମ ଓ କାରଣ ଶରୀର ମାନଙ୍କ ବିଷୟରେ ଜ୍ଞାତ ହେବା ଆବଶ୍ୟକ । କାରଣ ଏହି ତିନି ଶରୀର ହେଉଛି ଆତ୍ମାର ଆବରଣ ସଦୃଶ । ଆତ୍ମଜ୍ଞାନ ହିଁ ମନୁଷ୍ୟର ଅଜ୍ଞାନତାକୁ ନଷ୍ଟ କରିଥାଏ । ତେଣୁ ମୁଣ୍ଡକ ଉପନିଷଦରେ କୁହାଯାଇଛି ଯେ : ଭିଦ୍ୟତେ ହୃଦୟଗ୍ରନ୍ଥିଶ୍ଛିଦ୍ୟନ୍ତେ ସର୍ବସଂଶୟାଃ । କ୍ଷୀୟନ୍ତେ ଚାସ୍ୟ କର୍ମାଣି ତସ୍ମିନ୍ ଦୃଷ୍ଟେ ପରାବରେ ।। ଅର୍ଥାତ୍ ହୃଦୟରେ ଥିବା ଅଜ୍ଞାନର ଗଣ୍ଠି ବା ମାୟା-ମୋହର ବନ୍ଧନ, ମନରେ ଥିବା ସମସ୍ତ **BERHAMPUR. ITO1 @ incometax .gov.in** ପ୍ରକାର ଦ୍ୱନ୍ଦ୍ୱ ଏବଂ ସମସ୍ତ ସଂଚିତ କର୍ମ ବା ପାପ-ପୁଣ୍ୟ ଆଦିର କ୍ଷୟ ଆତ୍ମ ଜ୍ଞାନଦ୍ୱାରା । ବ୍ରହ୍ମ ଜ୍ଞାନ ଦ୍ୱାରା ନାଶ ହୋଇଥାଏ । ଯାହାଫଳରେ ଜୀବ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି ଲାଭକରି ପରମାନନ୍ଦ ବା ମୁକ୍ତି ଲଭିଥାଏ ।

*ଖମ୍ପେଶ୍ୱରୀ ପାଟଣା, ଆସିକା*
*ଗଞ୍ଜାମ-୯୮୬୧୩୩୪୮୬୮*

## ସ୍ୱାସ୍ଥ୍ୟ

## ଖାଦ୍ୟ ପ୍ରତି ଆଲର୍ଜି



ଯଦି କୌଣସି ଖାଦ୍ୟ ପ୍ରତି ଆପଣଙ୍କର ଆଲର୍ଜିକ ରହିଛି, ତେବେ ଆପଣ କ'ଣ କରିବେ ? ଅଣଦେଖା କରିବା କଣ ଠିକ୍ ହେବ ? ବୋଧହୁଏ ଠିକ୍ ନୁହେଁ । ନ୍ୟୁ ଇଂଲଣ୍ଡ ଜର୍ଣ୍ଣାଲ ଅଫ୍ ମେଡିସିନରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଆଲର୍ଜି ଥିବା ଖାଦ୍ୟକୁ ଶିଶୁଙ୍କ ଖାଦ୍ୟରେ ଧୀରେ ଧୀରେ ମିଶାଇଲେ ସେମାନଙ୍କର ଆଲର୍ଜିକ୍ ରୋଗ ଭଲ ହୋଇଥାଏ । ୫ରୁ ୧୧ ବର୍ଷୀୟ ୫୫ଜଣ ପିଲାଙ୍କ କ୍ଷେତ୍ରରେ, ଯେଉଁମାନଙ୍କର ଅଣ୍ଡା ପ୍ରତି ଆଲର୍ଜି ରହିଥିଲା, ଏହି ଉପାୟ ଅବଲମ୍ବନ କରାଯାଇଥିଲା । ଏହାକୁ ଇମ୍ୟୁନଥୋରାପୀ କୁହାଯାଏ । ଏହି ପିଲାମାନଙ୍କୁ ଏଗ୍ ପାଉଡର ପ୍ରଦାନ କରାଯାଇଥିଲା । ପ୍ରଥମ ୧୦ ମାସରେ ୫୦ ପ୍ରତିଶତ ଏବଂ ୨୨ ମାସରେ ୭୫ ପ୍ରତିଶତ ପିଲାଙ୍କ ନିକଟରେ ଆଲର୍ଜିକ୍ ରୋଗର ଲକ୍ଷଣ ସମ୍ପୂର୍ଣ୍ଣ ହ୍ରାସ ପାଇଥିଲା । ଏହି ପିଲା ମାନେ ଏହାପରେ ଅଣ୍ଡାକୁ ଖାଦ୍ୟରେ ଗ୍ରହଣ କରିବାବେଳେ ସେମାନଙ୍କ ନିକଟରେ ସ୍ୱଳ୍ପ କିମ୍ବା ଆଦୌ ଆଲର୍ଜିକ୍ ରୋଗର ଲକ୍ଷଣ ଦେଖା ଦେଇ ନଥିଲା । ୫୫ ଜଣଙ୍କ ଭିତରୁ ୧୧ ଜଣଙ୍କର ଆଲର୍ଜିକ୍ ରୋଗ ସମ୍ପୂର୍ଣ୍ଣ ଭଲ ହୋଇଯାଇଥିଲା । ସେମାନେ ସିଧାସଳଖ ଭାବରେ ଅଣ୍ଡା କିମ୍ବା ଅଣ୍ଡାରୁ ପ୍ରସ୍ତୁତ ଯେକୌଣସି ଖାଦ୍ୟକୁ ଖାଇ ପାରୁଥିଲେ ।

+++

## ତୀର୍ଯ୍ୟକ

## କହିଲେ କହିବ କହୁଛି

'ସୌନ୍ଦର୍ଯ୍ୟ'ର ପରିପ୍ରକାଶ ତଥା ଉଜ୍ଜଳ ଆଲୋକରେ ଉଦ୍‌ଭାସିତ ହୁଏ ରୂପରେ ନା ଗୁଣରେ ? ଏହି ସଂପର୍କିତ ପ୍ରଶ୍ନ ଉପରେ ଖୁବ୍ ଯୁକ୍ତିତର୍କ ହୋଇଥିଲା । ଦୁଇଜଣ ବନ୍ଧୁଙ୍କ ମଧ୍ୟରେ ଜଣେ କହିଲା ଆରେ ଅନାଡ଼ି ରୂପ ନ ଥିଲେ କିଏ କାହାକୁ ପଚରେ କହିଲୁ । ରୂପ ଥିଲେ ଭେକ ପରା । ସୁନ୍ଦର ରୂପରେ ସଭିଏଁ ଆକୃଷ୍ଟ ହୋଇଥାନ୍ତି । କେତେ ପ୍ରଶଂସା ଓ ଭଲ ପାଇବା ମିଳେ । ଆଉ ଜଣେ କହିଲା ଯା, ପଳା ରୂପରେ କିସ ସୁନ୍ଦର ଯେ । ଯୌବନ ଅଛି ତ ରୂପ ଅଛି । ବଅସ ଗଡ଼ିଗଲା ପରେ ରୂପ ପରା ମଉଳି ଯାଏ । ଗୁଣ ସବୁଠୁ ବଡ଼ । କାରଣ ଗୁଣି ଲୋକ ମଲା ପରେ ବି ପ୍ରଶଂସା ଭାଜନ ହୋଇଥାଏ । କାଳି କୁଟୁରି ଅପରିଷ୍କୃତ ହୋଇଥିଲେ ମଧ ଯଦି ଜଣେ ଗୁଣି ଜ୍ଞାନୀ, ମାନୀ ହୋଇଥାଏ ନା ତାହେଲେ ସଭିଏଁ ତାକୁ ଭଲ ପାଆନ୍ତି । ଏମିତି କେତେ କଥା ଯୁକ୍ତିତର୍କ ବିତର୍କ ଖୁବ୍ ଜୋରରେ ଚାଲିଥାଏ । ଏହି ସମୟରେ ମୋର ନଜର ସେ ଦୁହିଁଙ୍କ ଉପରେ ପଡ଼ିବାରୁ ସେ ଦୁହିଁଙ୍କ ପାଖକୁ ଗଲି ଏବଂ ପଚାରିଲି କିରେ ଏପରି ଅଯଥାରେ ଯୁକ୍ତିତର୍କ କିସ ପାଇଁ ହେଉଛି ? ଜଣେ ବନ୍ଧୁ ହଠାତ୍ ମୋତେ ଦେଖି ଟିକେ ଅପ୍ରସ୍ତୁତ ହୋଇପଡ଼ିଲା । କହିଲା ସାନିଆ (ଆରବନ୍ଧୁ ଜଣଙ୍କ)ର ଭାଉଜ ଗତକାଲି ଭୁବନେଶ୍ୱରରୁ ସପରିବାର ଆସିଛନ୍ତି । ଭାଇ-ଭାଉଜଙ୍କୁ ଦେଖି ସାନିଆ ଖୁସି ହେବା ପରିବର୍ତେ ବରଂ ଦୁଃଖରେ ଭାଙ୍ଗିପଡ଼ିଛି । କାହିଁକି ନା ଗତ ଦୁଇ ବର୍ଷ ପୂର୍ବେ ଯେଉଁ ଭାଇ ବାପା- ମାଆ, ସାନ ଭଉଣୀକୁ ଅତ୍ୟନ୍ତ ଭଲ ପାଉଥିଲା ସେମାନଙ୍କ ହସ ଖୁସିରେ ସାମିଲ ହେବା ସହ ଦରମା ଗଣ୍ଡାକ ମାଆ ହାତକୁ ବଢ଼ାଇ ଦେଉଥିଲା ବାପାଙ୍କ ଗୃହ ଖର୍ଚ୍ଚକୁ ବଂଚାଇବା ପାଇଁ । ସେଇ ଭାଇ ବାହାହୋଇ ସାରିଲା ପରେ ଆଜି ଯେପରି ପରିବର୍ତନ ହୋଇ ଯାଇଛି । ଅତି ସୁନ୍ଦର ଝିଅଟିକୁ ଭଲ ପାଇ ପ୍ରେମ ବିବାହ କରିସାରିଲା ପରେ ସେ ଯେପରି ଆଜି ବାପା-ମାଆ, ଭଉଣୀ ଠାରୁ ବିଚ୍ଛିନ୍ନ ହୋଇ ଯାଇଛି । ସ୍ତ୍ରୀର ସୌନ୍ଦର୍ଯ୍ୟରେ ଏପରି ମୋହିତ ହୋଇ ଯାଇଛି ଯେ, ତାକୁ ସବୁ ଯେପରି ଅନ୍ଧକାରାଚ୍ଛନ୍ନ ପରି ଦେଖଯାଉଛି । ସାନିଆ ଦେଖିବାକୁ ସେତେଟା ସୁନ୍ଦର ହୋଇନଥିଲେ ମଧ ଅତି ହୃଦୟବାନ, ସ୍ନେହୀ, ଗୁଣୀ ଝିଅଟିଏ । କିନ୍ତୁ ତା' ଭାଉଜ ସୁନ୍ଦର ରୂପ ଯୋଗୁଁ ଏପରି ଗର୍ବ ଅହଂକାରପୂର୍ଣ୍ଣ ହୋଇଛି ଯେ, ଗୁରୁଜନ, ଲଘୁଜନ ପ୍ରତି ତା'ର କୌଣସି ଖାତିର ନାହିଁ । ଏଥିରେ ତାକୁ ସହଯୋଗ କରୁଛି ତା' ଭାଇ । ବୁଢ଼ା ବୟସରେ ବାପା ଆଜି ପର୍ଯ୍ୟନ୍ତ ଘରକୁ ଚଳାଇ ଆସୁଛନ୍ତି । ଏଥିପ୍ରତି ମଧ ଆଉ ନଜର ନାହିଁ ତା' ଭାଇର । କେହି ଯଦି କିଛି ତା'ସ୍ତ୍ରୀକୁ କହିଲା ତାହାଲେ ତା' ଭାଇଟି ରାଗରେ ଜର୍ଜରିତ ହୋଇ ଯାଏ ଏବଂ ବାପା-ମାଆ ଆଉ ଭଉଣୀକୁ ଭର୍ତ୍ସନା କରେ । ସେ କୁହେ- ମୋ ସ୍ତ୍ରୀ ବଡ଼ ଘରର ଝିଅ ଏବଂ ସୁନ୍ଦରୀ। ତେଣୁ ତାକୁ ଘର ସଣ୍ଣାର ଆଦବ କାଇଦା କିଛି ଶିଖେଇବା ଦରକାର ନାହିଁ କି ଘରଖର୍ଚ୍ଚ ପାଇଁ ମୁଁ ଆଉ ପଇସାପତ୍ର ଦେଇ ପାରିବି ନାହିଁ । ବାପା ! ନିଜ ସଂସାରକୁ ନିଜେ ଚଳାନ୍ତୁ । ପିଲାଟିଏ ଜନ୍ମହେଲେ ତାକୁ ଲାଳନ ପାଳନ କରି ବଡ଼ ମଣିଷ କରିବାର କର୍ତବ୍ୟ ବାପା- ମାଆଙ୍କ ହାତରେ ନ୍ୟସ୍ତ ଥାଏ । ସେ ତାଙ୍କର କର୍ତବ୍ୟ କରି ସାରିଛନ୍ତି । ମୁଁ ଏଥର ମୋ ସଂସାରକୁ ଦେଖିବି । "ନିଜେ ବଂଚ ଓ ଅନ୍ୟକୁ ବଂଚିବାର ସ୍ୱାଧୀନତା ଦିଅ ।" ବାପା- ମାଆଙ୍କ ପ୍ରତି ଥିବା କର୍ତବ୍ୟ ବର୍ତମାନ ସମୟରେ ଆଉ ଚଳୁ ନାହିଁ ଧନ୍ୟ ଏ ସଂସାର, ଧନ୍ୟ ଏ ପିତା-ମାତା, ଧନ୍ୟ ତାଙ୍କ ସନ୍ତାନ





# ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ରଭାଷା ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ବଂଟନ



ବାରିପଦା : ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ର ଭାଷା ବିଦ୍ୟାଳୟର ପରିସରରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ପୋଷାକ, ଜୋତା, ମୌଜା, ଟୋପି ଟାଇ, ଆଇ କର୍ଡ ଆଦି ବିତରଣ କରାଗଲା । ମୁଖ୍ୟ ଅତିଥି ଭାବରେ ସୁଦୂର ବନାରସ ରୁ ବୀରେନ୍ଦ୍ର କୁମାର ଖଣ୍ଡେଲୱାଲ ଯୋଗ ଦେଇ ପିଲା ମାନଙ୍କୁ ପୋଷାକ ପ୍ରଦାନ କରିଥିଲେ । ବିଦ୍ୟାଳୟରେ ସଭାପତି ଶ୍ରୀଯୁକ୍ତ ଗୟା ପ୍ରସାଦ ଖଣ୍ଡେଲୱାଲ କାର୍ଯ୍ୟ କାରିଣୀ କମିଟି ସଦସ୍ୟ ସୁକାନ୍ତ ଜୀଉ, ସମ୍ପାଦକ ଡ. ଅସୀମ କୁମାର ଚକ୍ରବର୍ତୀ, ସମାଜ ସେବି ହିମାଂଶୁ ଶେଖର ପ୍ରହରାଜ, ଯୋଗ ଦେଇ ସମସ୍ତ ପିଲା ମାନଙ୍କୁ ପୋଷାକ ବଂଟନ କରିଥିଲେ, ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଦେବେନ୍ଦ୍ର କୌର, କରବୀ ଶର୍ମା, ଇପ୍ସିତା ଦାସ, ରଶ୍ମି ରେଖା ପଟ୍ଟନାୟକ, ବିସ୍ମିତା ସେଠି, ଜ୍ଞାନ ରଞ୍ଜନ ବାରିକ, ବୈକୁଣ୍ଠ ବେହେରା ଆଦି କାର୍ଯ୍ୟକ୍ରମ କୁ ସଫଳ କରିବାରେ ସାହାଯ୍ୟ କରିଥିଲେ । ଡ଼. ଅସୀମ କୁମାର ଚକ୍ରବର୍ତୀ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିରିଡ଼ିସାଇ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟକ୍ରମ

ମାଲକାନଗିରି : ମାଲକାନଗିରି ଜିଲା ସଦର ମହକୁମାରେ ପ୍ରଥମ ଶିରିଡି ସାଇଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା କାର୍ଯକ୍ରମ ଆରମ୍ଭ ହୋଇଛି । ତିନି ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ବହୁ ସଂଖ୍ୟାରେ ଭକ୍ତ ବୃନ୍ଦ ସାମିଲ ହୋଇଛନ୍ତି । ସ୍ଥାନୀୟ ପାତ୍ରଗୁଡାରେ ନିର୍ମାଣ ହୋଇଥିବା ଏହି ମନ୍ଦିରରେ ସାଇ ବାବାଙ୍କ ବିଗ୍ରହ ସମେତ ଗଣେଶ ଓ ଦତାତ୍ରେୟଙ୍କ ବିଗ୍ରହ ମଧ ପ୍ରତିଷ୍ଠା ପାଇବେ । ମାଲକାନଗିରି ଶିରିଡି ସାଇ ସେବା ସମିତି ପକ୍ଷରୁ ପ୍ରତିଷ୍ଠା କାର୍ଯକ୍ରମ ଆୟୋଜନ ହୋଇଥିବା ବେଳେ ଗଞ୍ଜାମ ଜିଲା ଚିକିଟି ଗ୍ରାମରୁ ପୁରହିତ ମାନଙ୍କ ଦ୍ୱାରା ପୂଜାବିଧି ଅନୁଷ୍ଠିତ ଜାରି ରହିଛି । ପ୍ରଥମ ଦିନର କାର୍ଯକ୍ରମରେ କଳଶ ଯାତ୍ରା ଅନୁଷ୍ଠିତ ହୋଇଥିଲା ଓ ଏଥିରେ ସାମିଲ ହୋଇଥିଲେ ଶତାଧିକ ମହିଳା ଭକ୍ତ । ଏହାପରେ ଅଙ୍କୁରା ରପୋନ ଓ ବିଧିବଦ୍ଧ ପୂଜନୀତି ଆରମ୍ଭ ହୋଇଥିଲା । ଆସନ୍ତା ଗୁରୁବାର ଦିନ ଦେବତା ମାନଙ୍କ ପ୍ରାଣ ପ୍ରତିଷ୍ଠା ତଥା ଯଜ୍ଞ ଅନୁଷ୍ଠିତ ହେବାର କାର୍ଯକ୍ରମ ରହିଛି । ସେହିପରି ଶେଷ ଦିନ ଅର୍ଥାତ ଶୁକ୍ରବାର ଦିନ ଅପରାହ୍ଣରେ ପ୍ରସାଦ ସେବନ ଓ ସନ୍ଧ୍ୟାରେ ଭଜନ ସୋମାରହ ଆୟୋଜନ ହେବ ବୋଲି ସେବା ସମିତିର ସଭାପତି ଶଶାଙ୍କ ମିଶ୍ର ସୂଚନା ଦେଇଛନ୍ତି । ହଜାର ହଜାର ସଂଖ୍ୟାରେ ଭକ୍ତ ବୃନ୍ଦଙ୍କ ସମାଗମ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା, ପାର୍କିଂ, ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

# କୃଷକ ପଂଜିକରଣ ଉପରେ ସଚେତନତା କାର୍ଯ୍ୟକ୍ରମ

ଜୟପୁର : ଏମ. ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ଜୟପୁର ଦ୍ୱାରା ଆନ୍ତର୍ଜାତୀୟ ମହିଳା କୃଷକ ବର୍ଷ ୨୦୨୬ ପାଳନ ଅବସରରେ କୋରାପୁଟ ବ୍ଲକ ର ଦେବୀଘାଟ ଗ୍ରାମରେ ମହିଳା ଚାଷୀମାନଙ୍କର କୃଷକ ପଂଜିକରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ବ୍ଲକର ବିଭିନ୍ନ ଗ୍ରାମରୁ ପ୍ରାୟ ୧୦୦ ଜଣ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ । ହେମନ୍ତ କୁମାର ପଢ଼ିହାରୀ, କୃଷି ଜିଲ୍ଲା ଅଧିକାରୀ, କୋରାପୁଟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଚାଷୀ ମାନଙ୍କୁ ସରକାରଙ୍କର ୧୧୦ ପ୍ରକାର ପ୍ରକଳ୍ପ ତଥା ବିଶେଷକରି ମହିଳା ମାନଙ୍କର ଚାଷୀ ପଂଜିକରଣର ଗୁରୁତ୍ୱତା, ସମସ୍ତ ପ୍ରକଳ୍ପରେ ସେମାଙ୍କର ସାମିଲ, କୃଷକ ହେଲ୍ପଲାଇନ ଯୋଗାଯୋଗ ନମ୍ବର, କୃଷି ବୀମା ଗୁଡିକ ବିଷୟରେ ସବିଶେଷ ଆଲୋଚନା କରିଥିଲେ । ତତ ସହିତ ଅନ୍ୟ ଅଥିଥି ଭାବରେ ମହୀପାଳସିଂ ମଣ୍ଡଳ, ବିଧାୟକ ପ୍ରତିନିଧି କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ଚାଷୀମାନଙ୍କର ପରିଚୟ ଓ ସଂମାନ ଉପରେ ଆଲୋଚନା କରିଥିଲେ । ତାଙ୍କ ସହ ଶ୍ରୀମତୀ ସବିତା ପ୍ରଧାନ, ମହିଳା ମଂଚ ସଭାପତି ଏବଂ ଶ୍ରୀମତୀ ଅନୁପମା ବାରିକ, କୋରାପୁଟ ମଣ୍ଡଳରୁ ଉପସ୍ଥିତ ହୋଇ ମହିଳା ଚାଷୀମାନଙ୍କର ଅବଦାନ ଅତୁଳନୀୟ କହି ଉତ୍ସାହ ପ୍ରଦାନ କରିଥିଲେ । ଏଥିରେ ଚିର ସବୁଜ ବିପ୍ଳବର ଜନକ ପ୍ରଫେସର ଏମ. ଏସ. ସ୍ୱାମୀନାଥନଙ୍କର ଚିର ସବୁଜ ବିପ୍ଳବର ଦର୍ଶନର ଏକ ମୁଖ୍ୟ ବିଷୟବସ୍ତୁ ହେଲା ମହିଳା କୃଷକ ମାନଙ୍କର ଉନ୍ନତି ତଥା ଦେଶର ସମସ୍ତ ସୁବିଧା ସୁଯୋଗରେ ସେମାଙ୍କୁ ଅଗ୍ରାଧିକାର ଦେବା ବିଷୟରେ ଅନୁଷ୍ଠାନର କର୍ମୀ ଶ୍ରୀମତୀ ସୁରଜିତା କୁମାରୀ ତୁରୁକ ଆଲୋଚନା କରିଥିଲେ । କୃଷି ବିଭାଗରୁ ଶ୍ରୀ ରାଜେନ୍ଦ୍ର ପାଲ କୃଷକ ପଞ୍ଜିକରଣ ପ୍ରକ୍ରିୟା ନିମନ୍ତେ ଆବଶ୍ୟକୀୟ ନଥିପତ୍ର ଏବଂ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ ।

# ସୁବର୍ଣ୍ଣପୁର ରିଜର୍ଭ ପଡ଼ିଆ ଠାରେ ଦିକ୍ଷାନ୍ତ ସମାରୋହ

ସୁବର୍ଣ୍ଣପୁର : (ହି.ସ.)ସୁବର୍ଣ୍ଣପୁର ରିଜର୍ଭ ପଡ଼ିଆ ଠାରେ ନୂତନ ନିଯୁକ୍ତି ପାଇଥିବା ହୋମ ଗାର୍ଡ ଙ୍କୁ ନେଇ ଦିକ୍ଷାନ୍ତ ସମାରୋହ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଏସପି ଶ୍ରୀ ନାରାୟଣ ନାଏକ ଯୋଗ ଦେଇ ଦୀର୍ଘ ଏକ ମାସ ର ପ୍ରଶିକ୍ଷଣ ପରେ ପ୍ରାରମ୍ଭିକ ପରୀକ୍ଷାରେ ଖୁବ ଭଲ ଭାବେ ଉତୀର୍ଣ୍ଣ ହୋଇଛନ୍ତି ହୋମ ଗାର୍ଡ ବୋଲି କହି ଆଜି ନିଜ ନିଜ କର୍ମ କ୍ଷେତ୍ର କୁ ଯାଇ ଲୋକ ଙ୍କ ପାଇଁ ସମାଜ ମଙ୍ଗଳ ପାଇଁ ସେବା କରି ପୋଲିସ ର ଗୌରବ ବଢାଇ ବାକୁ ପରାମର୍ଶ କରିଥିଲେ । ଜିଲ୍ଲା ପୋଲିସ୍ କୁ ସବୁଠୁ ଅଧିକ ସହଯୋଗ କରନ୍ତି ଆପଣ ଙ୍କ ହୋମଗାର୍ଡ । ସମାଜ ର ସବୁ ବର୍ଗ ର ଲୋକ ଙ୍କୁ ସେବା ଓ ସୁରକ୍ଷା ଦେବା ରେ ଆପଣ ଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ, କାରଣ ହୋମାଗର୍ଡ ଗାଁ ର କୋଣ ଅନୁକୋଣ ରେ ପରିଚିତ ବୋଲି ଏସପି ଶ୍ରୀ ନାଏକ କହିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପ ରାଜ ସାହୁ ଯୋଗ ଦେଇ ଜିଲ୍ଲା ପୋଲିସ୍ ଓ ନୂତନ ହୋମ ଗାର୍ଡ ଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ତମ ଅତିଥି ଭାବେ ଅତିରିକ୍ତ ଏସପି କେ . ହରି ପ୍ରସାଦ, ପ୍ରତାପ ରଣା , ଡି ଏସ ପି ରେଣୁକା ସୁନା , ଚନ୍ଦ୍ର ଶେଖର ଶବର , ପୋଲିସ କନେଷ୍ଟ ବଲ ଆସୋସିଏସନ୍ ସଭାପତି କୁମୁଦ ରଂଜନ ମେହେର, ସଂପାଦକ ରଞ୍ଜିତ ପଧାନ ଙ୍କ ସମେତ ଜିଲ୍ଲା ସ୍ତରୀୟ ସମସ୍ତ ପୋଲିସ ଅଧିକାରୀ ଯୋଗ ଦେଇଥିଲେ ।

# ଜୟପୁର ପୌରସଂସ୍ଥାର ସ୍ୱତନ୍ତ୍ର ବୈଠକ

ଜୟପୁର : କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥାର ଆଜି ଏକ ସ୍ୱତନ୍ତ୍ର ଜରୁରୀକାଳିନ ବୈଠକ ଜୟପୁର ପୌରସଂସ୍ଥାର ସଭାଗୃହ ଠାରେ ମଧ୍ୟାହ୍ନ ସାଢେ ୧୨ ଟା ସମୟରେ ଅନୁଷ୍ଠିତ ହୋଇଥିଲା । ଜୟପୁର ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତିଙ୍କ ଅଧକ୍ଷତରା ଅନୁଷ୍ଠିତ ଏହି ସ୍ୱତନ୍ତ୍ର ବୈଠକକର ପ୍ରାରମ୍ଭରୁ ସହରର ଉନ୍ନତୀମୂଳକ କାର୍ଯ୍ୟ ବନ୍ଦ ରହିଥିବା ନେଇ କାଉନସିଲର ମାନେ ଅସନ୍ତୋଷ ପ୍ରକୋଟ କରିଥିଲେ । ଏହିପରି ଉନ୍ନତୀମୂଳକ କାର୍ଯ୍ୟକୁ ହଠାତ ବନ୍ଦ କରାଯିବାକୁ ନେଇ ପ୍ରଥମେ ୨୮ ନମ୍ବର ୱାର୍ଡର କାଉନିସଲର ଯଶପାଲ ସିଂ ପ୍ରଶ୍ନ କରିଥିଲେ । ଆଗାମୀ ଦିନରେ ରାଜ୍ୟରେ ଗଠିତ ନୂତନ ପୌରସଂସ୍ଥା ଏବଂ ଏନଏସିରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଘୋଷଣା କରାଗଲେ ଉନ୍ନତୀମୂଳକ କାର୍ଯ୍ୟ ବନ୍ଦ ହୋଇଯିବ । ତେଣୁ ବଳକା ରହିଥିବା ସମସ୍ତ ଉନ୍ନତୀମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ କାଉନସିଲର ମାନଙ୍କ ପକ୍ଷରୁ ଦାବି କରାଯାଇଥିଲା । ଏହାପରେ ଚଳିତ ମାସ ୨୮ ତାରିଖରେ ଜୟପୁର ପୌରସଂସ୍ଥାର ପରିମଳ ଓ ସଫେଇ କାର୍ଯ୍ୟ କରୁଥିବା ଠିକାସଂସ୍ଥାର ସମୟ ଶେଷ ହେଉଥିବା ଯୋଗୁଁ ପୁଣି ଉକ୍ତ ସଂସ୍ଥାର ସମୟ ଅବଧିକୁ ବୃଦ୍ଧି ନ କରିବାକୁ ଅଧିକାଂଶ କାଉନସିଲର ମତ ଦେଇଥିଲେ । ତେଣୁ ଆଗାମୀ ୧୫ ଦିନରୁ ଏକ ମାସ ମଧରେ ଟେଣ୍ଡର ପ୍ରକ୍ରିୟା ମାଧମରେ ବିଜ୍ଞପ୍ତି ପ୍ରକାଶ କରାଯାଇ ଟେଣ୍ଡର ମାଧମରେ ସହରର ପରିମଳ ଓ ସଫେଇ ଦାୟୀତ୍ୱ ପ୍ରଦାନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଅନ୍ୟ ପକ୍ଷରେ ସହରରୁ ନିର୍ଗତ ଅଳିଆ ଆବର୍ଜନାକୁ ସହରର ବିଭିନ୍ନ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର (ଏମସିସି) ଗୁଡିକ ରହିଛି । ସେହିପରି ସହରର ଟ୍ରାଫିକ, ସହରାଂଚଳରେ ଚିକିତ୍ସାରେ ସମସ୍ୟା ନେଇ କାଉନସିଲର ମାନେ ଉଦବେଗ ପ୍ରକାଶ କରିଥିଲେ । ଏହିପରି କେତେ ସଂଖ୍ୟାରେ ନୂତନ ଟ୍ରେଡ ଲାଇସେନ୍ସ ବ୍ୟବସାୟୀଙ୍କୁ ପ୍ରଦାନ କରାଯାଇଛି, ଯେଉଁମାନେ ବିନା ଟ୍ରେଡ ଲାଇସେନ୍ସରେ ବ୍ୟବସାୟ କରୁଛନ୍ତି ସେମାନଙ୍କୁ ତୁରନ୍ତ ନୋଟିସ କରିବାକୁ କାଉନସିଲର ବି. ବିଷ୍ଣୁବର୍ଦ୍ଧନ ରେଡ୍ଡି ଦାବି କରିଥିଲେ । ତେଣୁ ତୁରନ୍ତ ପୁଲିସକୁ ସହରର ଟ୍ରାଫିକ ନିୟନ୍ତ୍ରଣ ଏବଂ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ସହରାଂଚଳରେ ଉପଯୁକ୍ତ ଡାକ୍ତରଙ୍କୁ ନିଯୁକ୍ତି ଏବଂ ସଫଳ ଚିକିତ୍ସା ବ୍ୟବସ୍ଥା କରିବାକୁ ଆଲୋଚନା କରାଯିବ । ସେହିପରି ବିନା ଟ୍ରେଡ ଲାଇସେନ୍ସରେ ବ୍ୟବସାୟୀ କରୁଥିବା ଲୋକଙ୍କୁ ନୋଟିସ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ କୁମାରୀ ରେଡ୍ଡି ସୂଚନା ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ପୌର ନିର୍ବାହୀ ଅଧିତାରୀ ପୂଜା ରାଉତ, ପୌରଯନ୍ତ୍ରୀ ଅଜୟ ଜାନୀ, ମୁଖ୍ୟ ସେକ୍ସନ ଅଧିକାରୀ ସୁକଦେବ ବେହେରା, କାଉସିଲର ପ୍ରଣବ କିଶୋର ନାୟକ, ଦେବରାଜ ଚୌଧୁରୀ, ସିମାଂଚଳ ବିଶୋୟୀ, ସୁଷମା ମହାପାତ୍ର, ପଦ୍ମା ରେଡ୍ଡି. ଶଶିରେଖା ପରଜା, ଅର୍ପିତା ଷଡଙ୍ଗୀ, ପାର୍ଥ ସାରଥୀ ମଲ୍ଲିକ, ଅଜିତ ବେହେରା, ଗୋପୀନାଥ ମହାନ୍ତି, ମଧୁସ୍ମିତା ଓରାନ, ରବିନ୍ଦ୍ର ସାହୁ ପ୍ରମୁଖ ଏବଂ ବିଭିନ୍ନ ବିଭାଗିୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର

ଭବାନୀପାଟଣା : ଜୁନାଗଡ଼ ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧନ ଶିବିର ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟ ସ୍ଥିତ ସଭାଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବ୍ଲକର ବିଭିନ୍ନ ଅଂଚଳରୁ ଆସିଥିବା ୩୪ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧରୁ ବ୍ୟକ୍ତିଗତ ୨୮ ଗୋଟି ଓ ସାମୂହିକ ୫ ଗୋଟି ରହିଥିବା ବେଳେ ୬ ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଭତା, ପ୍ରଧାନମନ୍ତ୍ରୀ ଆବାସ, ପାନୀୟଜଳ, ଜମିବିବାଦ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ,ସମାଜ କଲ୍ୟାଣ, ଶିଶୁ ସୁରକ୍ଷା, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ବିଦ୍ୟୁତ୍, ପୋଲିସ କେଶ୍, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତି ଅଭିଯୋଗର ଶୁଣାଣୀ କରି ଏହିସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାପାଇଁ ଏଥିସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧର୍ମଗଡ଼ ଢ଼ୋଲାମଣୀ ଭୋଇ, ସ୍ଥାନୀୟ ବ୍ଲକ ଅଧକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଅଧାପନ୍ତରିଆ ଡ୍ରେନକୁ ନେଇ ତେଜୁଛି ଅସନ୍ତୋଷ

ଚମ୍ପୁଆ : କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ପଂଚାୟତର ନିଶାଗଡ଼ିଆ ଗ୍ରାମରେ ନିର୍ମାଣଧିନ ଡ୍ରେନ କାମ ଅଧାପନ୍ତରିଆ ଭାବେ ପଡି ରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜୁଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ, ନିଶାଗଡ଼ିଆ ଗ୍ରାମରେ ଆର୍ଥିକ ବର୍ଷ ୨୦୨୪-୨୦୨୫ ରେ ଗ୍ରାମ୍ୟ ରାସ୍ତା କଡରେ ମୁକ୍ତା ମୁଣ୍ଡାଙ୍କ ଘର ଠାରୁ ଟଙ୍କ ମୁଣ୍ଡାଙ୍କ ଘର ପର୍ଯ୍ୟନ୍ତ ଜଳ ନିଷ୍କାସନ ପାଇଁ ସିମେଂଟ କଂକ୍ରିଟ ଡ୍ରେନ ନିର୍ମାଣ ନିମନ୍ତେ ଅଟକଳ ୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି । ଏହି କାର୍ଯ୍ୟର କାର୍ଯ୍ୟାଦେଶ ଚମ୍ପୁଆ ପଂଚାୟତ ସମିତି ନାମରେ ଥିବାବେଳେ ଡ୍ରେନ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି । ଅଧା ଢ଼ଳେଇ କାମ ହୋଇଥିବା ବେଳେ ଅଧା ଖାଲ ଭିତରୁ ରଡ଼ ବାହାରକୁ ବାହାରି ରହିଛି । ଏହି କାର୍ଯ୍ୟ ପାଇଁ ଲାଗିଥିବା ସୂଚନା ଫଳକରେ କାର୍ଯ୍ୟାରମ୍ଭ ସମ୍ପର୍କିତ ତାରିଖ ନ ଲେଖି ବିଭାଗ ପକ୍ଷରୁ କିଛି ଲୁଚାଇବାକୁ ଚେଷ୍ଟା କରାଯାଉଛି । ଏହି ଡ୍ରେନର ଢ଼ଳେଇ କାମ ଦେଖିବାକୁ କୌଣସି ଅଧିକାରୀ ଆସି ନ ଥିବାରୁ ନିମ୍ନମାନର କାମ ହୋଇଥିବା ଅଭିଯୋଗ ଆଣିବା ସହିତ କାର୍ଯ୍ୟର ସମ୍ପୂର୍ଣତାକୁ ନେଇ ସନ୍ଦେହ କରିଛନ୍ତି ସ୍ଥାନୀୟ ବାସିନ୍ଦା । ତାସହିତ ଲୋକଙ୍କ ସୁବିଧା ନିମନ୍ତେ ନିର୍ମାଣ କରା ଯାଉଥିବା ଏହି ଡ୍ରେନ କାର୍ଯ୍ୟ ଦୀର୍ଘ ଦିନ ଧରି ଅଧାପନ୍ତରିଆ ଭାବେ ପଡି ରହିବାରୁ ନିକଟରେ ଥିବା ଘରର ଲୋକମାନେ ଯିବା ଆସିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାତି ଅନ୍ଧାରରେ ଯିବା ଆସିବା କରିବାରେ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ଫଳରେ ଏହାକୁ ନେଇ ଗ୍ରାମରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏସମ୍ପର୍କରେ ପଡୁଆ ପଂଚାୟତ ଦାୟିତ୍ୱରେ ଥିବା ଜେଇଙ୍କୁ ଫୋନ ମାଧମରେ ଯୋଗାଯୋଗ କରିବାକୁ ଚେଷ୍ଟା କରା ଯାଇଥିଲା କିନ୍ତୁ ଫୋନ ଉଠାଇ ନ ଥିବାରୁ କୌଣସି ସୂଚନା ମିଳି ପାରି ନାହିଁ । ତେଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ଡାହାଣୀ ସନ୍ଦେହରେ ନିର୍ଯାତନା ଓ ନିବାରଣ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ



କଟକ (ନି.ପ୍ର) : ଡାହାଣୀ ସନ୍ଦେହରେ ଘଟୁଥିବା ନିର୍ଯାତନା ଭଳି ଅମାନବିକ କୁପ୍ରଥାକୁ ରୋକିବା ଓ ସମାଜରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ଅଧକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

# ମାଉଳୀ ମା’ ଯାତ୍ରା ଅନୁଷ୍ଠିତ

ମାଲକାନଗିରି : ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ବଡ଼ିଗେଟା ପଂଚାୟତ ଅନ୍ତର୍ଗତ ଟେକଗୁଡା ବି ଗ୍ରାମରେ ତିନି ଦିନିଆ ମାଉଳୀ ମା ଯାତ୍ରା ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଆଦିବାସୀ ପରମ୍ପରା ଅନୁଯାଇ ଏହି ଯାତ୍ରା ପ୍ରତି ଦୁଇବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ । ଏହି ମାଉଳୀ ମା ଯାତ୍ରା ଗତ ସୋମବାର ଦିନ ଆରମ୍ଭ ହୋଇଥିବା ବେଳେ ବୁଧବାର ଦିନ ଶେଷ ଯାତ୍ରା ଅନୁଷ୍ଠିତ ହୋଇଛି । ଯାତ୍ରାର ପ୍ରଥମ ଦିନରେ ଦେବୀ ମାଉଳୀ ମା ଗ୍ରାମ ନିକଟସ୍ଥ ବଡ ପାହାଡ ନିକଟକୁ ଯାଇଥାନ୍ତି ପରେ ସେଠାରେ ଥିବା ପାଟନାମତଙ୍ଗ ଝରଣା ପାଣିରେ ସ୍ନାନ କରି ସେଠାରୁ ବିରାଟ ପଟୁଆରରେ କଳସ ଯାତ୍ରା ଓ ଶତାଧିକ ଭକ୍ତ ଙ୍କ ସହ ମା ଙ୍କୁ ଟେକଗୁଡା ବି ଗ୍ରାମ ରେ ଥିବା ମନ୍ଦିରକୁ ନିଆ ଯାଇଥାଏ । ଏହି ସମୟରେ ଭକ୍ତ ଙ୍କ ହୁଳହୁଳି, ଝାଲି ଶଙ୍ଖ ଧ୍ୱନି ରେ ଅଂଚଳ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ପରେ ମା ମଣ୍ଡପରେ ପୂଜା ପାଇଥିଲେ । ଦିତୀୟ ଦିନରେ ମା ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେ । ମାଙ୍କ ମୂର୍ତୀ ନିକଟରେ ମୟୁର ପୁଛ ରଖା ଯାଇଥିବା ବେଳେ ମୂର୍ତୀ ନିକଟରେ ଦୁଇଟି ପାରା ବସିଥିବା ଦେଖିବାକୁ ମିଳିଥିଲା । ପୂଜକ ପୂର୍ବ ରୀତିନୀତିରେ ମା’ଙ୍କ ପୂଜାର୍ଚ୍ଚନା କରିବା ପରେ ଶ୍ରଦ୍ଧାଳୁମାନେ ମା’ଙ୍କ ଦର୍ଶନ କରି ପରିବାର ପାଇଁ ମଙ୍ଗଳକାମନା କରିଥାନ୍ତି । ମୁଖ୍ୟ ପୂଜାରୀ ସରୋଜ କୁମାର ପଡିଆମି ମାଙ୍କ ରୀତିନୀତିରେ ପୂଜାର୍ଚନା କରିବା ସହ ଭକ୍ତ ମାନଙ୍କର ମନସ୍କାମନା ପୂରଣ ପାଇଁ ଭୋଗ ନୈବେଦ୍ୟ ଲଗାଇ ପୂଜାର୍ଚନା କରିଥିଲେ । ମାଙ୍କ ମହିମା ପାଇବା ପାଇଁ ସହସ୍ରାଧିକ ଭକ୍ତ ଏଠାରେ ଏକଜୁଟ ହୋଇଥିଲେ । ଯେଉଁ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି ସେହି ଲୋକ ମା ଙ୍କ ନିକଟକୁ ଆସି ଦର୍ଶନ କରିବା ପରେ ପୂଜାରୀ (ବାଡେ) ମାନଙ୍କ ଦ୍ୱାରା ପ୍ରସ୍ତୁତ ଜଡିବୁଟି ଔଷଧ ଖାଇବା ଦ୍ୱାରା ବହୁ ଦୁରା ରୋଗ ରୁ ଆରୋଗ୍ୟ ଲାଭ ପାଇବାର ବିଶ୍ୱାସ ରହିଛି । ପୂଜାର ଶେଷ ଦିନରେ ବିଧି ଅନୁଯାଇ ମା ଙ୍କୁ ମେଲଣ ଦିଆଯାଏ ବୋଲି ଗାଁ ମୁଖିଆ କସା ପଡିଆମି ଓ ଗ୍ରାମର ପେଦା ମଙ୍ଗୁଡୁ ମାଡକାମି ପ୍ରକାଶ କରିଛନ୍ତି ।

# ମହିଳା ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ

ବଲାଙ୍ଗୀର : (ହି.ସ.) – ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ର ପ୍ରେକ୍ଷାଳୟରେ ‘ପ୍ରାନ୍ତର ପ୍ରତିନିଧିତ୍ୱ: ସ୍ୱର, ଦୃଶ୍ୟମାନତା ଏବଂ ସାମାଜିକ ପରିବର୍ତନ’ ବିଷୟକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ବ୍ୟାପକ ଆଲୋଚନା, ପ୍ୟାନେଲ୍ ଚର୍ଚ୍ଚା ଓ ପ୍ରାୟୋଗିକ ଅଧିବେଶନ ମାନଙ୍କ ସହ ଶେଷ ହୋଇଛି । ଏହି ଆଲୋଚନାଚକ୍ର ରେ ଚାରିଟି ପ୍ୟାନେଲ୍ ଚର୍ଚ୍ଚା ଗୋଟିଏ ଇଂରାଜୀ ବିଭାଗରୁ ଓ ତିନିଟି ସାମାଜିକ ବିଜ୍ଞାନରୁ ଏହା ସହିତ ପନ୍ଦରଟି ପ୍ରାୟୋଗିକ ଅଧିବେଶନ ଆୟୋଜିତ ହୋଇଥିଲା ।ଏଥିରେ ୧୨୦ରୁ ଅଧିକ ଗବେଷଣାତ୍ମକ ପ୍ରବନ୍ଧ ଦେଶର ୪୮ଟି ବିଶ୍ୱବିଦ୍ୟାଳୟ ଓ କଲେଜରୁ ଆସିଥିବା ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା । ଶିକ୍ଷାନୁଷ୍ଠାନ ମାନଙ୍କ ମଧ୍ୟରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ହାଇଦ୍ରାବାଦ୍ ବିଶ୍ୱବିଦ୍ୟାଳୟ, କାଶ୍ମୀର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ, କେରଳ,ଡକ୍ଟର ହରି ସିଂହ ଗୌର ବିଶ୍ୱ ବିଦ୍ୟାଳୟ, ପଣ୍ଡିଚେରୀ, ରାଜସ୍ଥାନ ବିଶ୍ୱ ବିଦ୍ୟାଳୟ, ଓଡିଆ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍ସାବିଶ୍ୱବିଦ୍ୟାଳୟ,ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ , ଗଙ୍ଗାଧର ବିଶ୍ୱବିଦ୍ୟାଳୟ ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଅଂଶଗ୍ରହଣକାରୀ ମାନେ କାଶ୍ମୀରରୁ କେରଳ ଓ ରାଜସ୍ଥାନରୁ ଆସାମ ପର୍ଯ୍ୟନ୍ତ ଦେଶର ବିଭିନ୍ନ ଅଂଚଳକୁ ପ୍ରତିନିଧିତ୍ୱ କରି ବିବିଧ ଆଂଚଳିକ ଅନୁଭବ ଆଣିଥିଲେ । ଚାରିଟି ପ୍ୟାନେଲ୍ ଚର୍ଚ୍ଚା ଓ ପନ୍ଦରଟି ପ୍ରାୟୋଗିକ ଅଧିବେଶନରେ ସାମାଜିକ ନ୍ୟାୟ, ସମାବେଶୀ ଶିକ୍ଷା, ପରିବେଶ ଆଧାରିତ ପ୍ରାନ୍ତୀକତା, ପ୍ରବାସନ, ଲିଙ୍ଗ ସଶକ୍ତି କରଣ, କଲ୍ୟାଣମୂଳକ ନୀତି, ଆର୍ଥିକ ସମାବେଶ, ସାହିତ୍ୟିକ ପ୍ରତିରୋଧ ଓ ଗଣତାନ୍ତ୍ରିକ ଅଂଶଗ୍ରହଣ ଭଳି ବିଷୟଗୁଡ଼ିକ ଉପରେ ଗଭୀର ଆଲୋଚନା ହୋଇଥିଲା । ଏହି ଅଧିବେଶନ ଗୁଡ଼ିକ ତାତ୍ତ୍ୱିକ ଧାରଣା ଓ ପ୍ରାୟୋଗିକ ଗବେଷଣାକୁ ସମନ୍ୱୟ କରି ପ୍ରାନ୍ତୀୟ କଣ୍ଠସ୍ୱର ଓ ସାମାଜିକ ପରିବର୍ତନ ଉପରେ ଅନୁଶାସନ ମୂଳକ ସଂଳାପକୁ ଉତ୍ସାହିତ କରିଥିଲା । ଆଲୋଚନା ଚକ୍ର ର ଶେଷ ଅଧିବେଶନ ଚିନ୍ତନମୂଳକ ଆଲୋଚନା ଓ ଶାସ୍ତ୍ରୀୟ ଆଦାନ ପ୍ରଦାନ ସହିତ ଆୟୋଜିତ ହୋଇ ଥିଲା । ସମାପନ ଉଦବୋଧନ ପଦ୍ମଶ୍ରୀ ସମ୍ମାନିତ ଲୋକସାହିତ୍ୟ ଗବେଷକ ମହେନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସେ ବିବିଧ ଭାଷୀ ଶିକ୍ଷା, ଆଦିବାସୀ ଜ୍ଞାନ ପ୍ରଣାଳୀ ଓ ସାଂସ୍କୃତିକ ଭାବେ ସମାବେଶୀ ପାଠ୍ୟପ୍ରଣାଳୀର ଗୁରୁତ୍ୱ ଉଲ୍ଲେଖ କରିଥିଲେ । ଏହା ସହିତ ଡକ୍ଟର ରାଜ କିଶୋର ପାତ୍ର, ଦର୍ଶନ ଶାସ୍ତ୍ରର ସହଯୋଗୀ ଅଧ୍ୟାପକ ଓ ଏଚଆରଡିସି ନିର୍ଦ୍ଦେଶକ ତାଙ୍କ ଉଦବୋଧନରେ ଉଚ୍ଚ ଶିକ୍ଷା କିପରି ଗବେଷଣା ଓ ନୀତି ମାଧ୍ୟମରେ ପ୍ରାନ୍ତୀକତାକୁ ସମାଧାନ କରିପାରେ ସେଥିରେ ଗୁରୁତ୍ୱ ଦେଇଥିଲେ । ଏହି ଅଧିବେଶନ ରେ ଆଲୋଚନାଚକ୍ର ସମ୍ବନ୍ଧୀୟ ରିପୋର୍ଟ ପ୍ରସ୍ତୁତି, ଅତିଥି ସମ୍ମାନ ଓ ବାହାରୁ ଆସିଥିବା ପ୍ରତିନିଧିମାନଙ୍କୁ ପ୍ରମାଣପତ୍ର ବଂଟନ କରାଯାଇଥିଲା । ଅତିଥି ପରିଚୟ ଅଧ୍ୟାପକ ସଲୋମନ କୁମାର, ମଂଚ ପରିଚାଳନା ଡଃ ଅନୁରାଧା ମିଶ୍ର, ସଂଗୋଷ୍ଠୀ ବିବରଣୀ ଡଃ ରାଜେଶ କୁମାର କର୍ଣ୍ଣ ପାଠ କରିଥିଲେ । ଆଲୋଚନାଚକ୍ର ର ସଂଯୋଜକ ପ୍ରତୀକ୍ଷା ପ୍ରତିଶୃତି ଧନ୍ୟବାଦ ଦେଇଥିଲେ । ସେ ସମସ୍ତ ଅତିଥି, ଅଂଶଗ୍ରହଣକାରୀ, ଆୟୋଜକ ମଣ୍ଡଳୀ ଓ ଛାତ୍ରଛାତ୍ରୀ ମାନଙ୍କୁ ସମ୍ମିଳିତ ପ୍ରୟାସ ପାଇଁ କୃତଜ୍ଞତା ଜଣାଇଥିଲେ । କଲେଜର ଅଧକ୍ଷଙ୍କ ଶେଷ ମତାମତ ସହ କାର୍ଯ୍ୟକ୍ରମ ଔପଚାରିକ ଭାବେ ଶେଷ ହୋଇଥିଲା ।ଏହି ଦୁଇ ଦିନିଆ ଆୟୋଜନ ଜ୍ଞାନ ବିନିମୟ ଓ ସଂଳାପର ଏକ ସଜୀବ ଜାତୀୟ ମଂଚ ରୂପେ ପରିଣତ ହୋଇ ପ୍ରାନ୍ତୀୟ କଣ୍ଠସ୍ୱରକୁ ଉତୋଳନ କରିବା ଓ ସମାବେଶୀ, ସାମାଜିକ ଭାବେ ସଜାଗ ଗବେଷଣାକୁ ପ୍ରୋତ୍ସାହନ ଦେବାରେ ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କ ଅଙ୍ଗୀକାରକୁ ପୁନରୁଦ୍ଧାର କରିଛି ।ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଶିକ୍ଷାବିତ, ଗବେଷକ ଓ ଛାତ୍ରଛାତ୍ରୀ ମାନେ ଏଥିରେ ସକ୍ରିୟ ଭାଗ ନେଇଥିଲେ । ଦେବଦତ ପାଣିଗ୍ରାହୀ, ଅଜିତ କୁମାର ପଣ୍ଡା, ଡଃ ସିଦ୍ଧେଶ୍ୱର ପଧାନ, ରାକେଶ ମଲ୍ଲିକ, ସିଦ୍ଧାର୍ଥ ଦାଶ, ଦୀନେଶ ସିଂ ପ୍ରମୁଖ ସହଯୋଗ କରିଥିଲେ ।

# ଚମ୍ପୁଆରେ ବନାଂଚଳସ୍ତରୀୟ ଜଙ୍ଗଲ ନିଆଁ ନିବାରଣ ସଚେତନତା ଶିବିର

ଚମ୍ପୁଆ : ଚମ୍ପୁଆ ସ୍ଥିତ ଧରଣି ଧର ନଗର ଭବନରେ ଚମ୍ପୁଆ ବନାଂଚଳ ଅଧିକାରୀ ଅକ୍ଷୟ ଛତ୍ରିୟାଙ୍କ ସଭାପତିତ୍ୱରେ ବନାଂଚଳସ୍ତରୀୟ ଜଙ୍ଗଲ ନିଆଁ ନିବାରଣ ସଚେତନତା ଶିବିର ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ସମ୍ମାନିତ ଅତିଥିଭାବେ ଡି.ସି. ଭେ. ରାମଚନ୍ଦ୍ରମୂର୍ତ୍ତୁ, କେନ୍ଦୁଝର ବନ ଖଣ୍ଡ ଏ.ସି. ଭେ. ଅଶୋକ କୁମାର ଦାସ, ଚମ୍ପୁଆ ଥାନା ଅଧିକାରୀ ସୁରୁପ କୁମାର ନାଏକ, ରଜିଆ ଗ୍ରାମପଂଚାୟତ ସରପଂଚ ସନ୍ତୋଷ ନାୟକ, କରଞ୍ଜିଆ ସରପଂଚ ସୁପ୍ରିୟା ମୁଣ୍ଡା, ରଙ୍ଗାମାଟିଆ ସରପଂଚ ମାଧୁରୀ ନାଏକ ଓ ମୁଖ୍ୟବକ୍ତା ଭାବେ ଅଗ୍ନି ନିର୍ବାପକ ଅଧିକାରୀ ଗୌରାଙ୍ଗ ସିଂ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ପାରମ୍ଭରେ କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରିଣୀଙ୍କ ପୂଜାର୍ଚ୍ଚନ କରାଯାଇଥିଲ । ଏହାପରେ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସଭାପତି ଭାବେ ପ୍ରଥମେ ଚମ୍ପୁଆ ବନାଂଚଳ ଅଧିକାରୀ ଅକ୍ଷୟ ଛତ୍ରୀୟା କାର୍ଯକ୍ରମର ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଇଥିଲେ । ମୁଖ୍ୟଅତିଥି ଉପଜିଲ୍ଲାପାଳ ଉମାକାନ୍ତ ପରିଡା ତାଙ୍କ ବକ୍ତବ୍ୟରେ ସଚେତନ ହୋଇ କିପରି ଜଙ୍ଗଲରେ ଆଦୌ ନିଆଁ ନ ଲାଗିବ ଓ ନିଆଁ ଲାଗୁ ନ ଥିବା ଗାଁର ଜନସାଧାରଣଙ୍କୁ ଧନ୍ୟବାଦ ସହିତ ପୁରସ୍କୃତ କରିବାକୁ ମତ ରଖିଥିଲେ । ଠିକ ସେହିପରି ସମସ୍ତ ସମ୍ମାନିତ ଅତିଥି ପ୍ରାକୃତିକ କିମ୍ବା କାହାରି ଦ୍ୱାରା ନିଆଁ ନ ଲାଗିବ ସେଥିପ୍ରତି ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ ଓ ଜଙ୍ଗଲର ଉପକାରିତା ତଥା କିପରି ଜଙ୍ଗଲ ବିଭାଗ, ଅଗ୍ନି ନିର୍ବାପକ ବିଭାଗ ଓ ଜନସାଧାରଣ ସଚେତନ ହୋଇ ଜଙ୍ଗଲରେ ନିଆଁ ନ ଲାଗିବ କିମ୍ବା ରୋକାଯାଇ ପାରିବ ସେଥିପ୍ରତି ସମନ୍ୱୟ ରଖିଲେ ଜଙ୍ଗଲ ନଷ୍ଟ ନ ହେବା ସହିତ ଜଙ୍ଗଲଜନ୍ତୁ ସୁରକ୍ଷିତ ହୋଇ ପାରିବେ, ଔଷଧିୟ ବୃକ୍ଷ ସୁରକ୍ଷିତ ହୋଇ ପାରିବ ଓ ପରିବେଶ ଠିକ ରହି ପାରିବ ସେ ସମ୍ପର୍କରେ ବାର୍ତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଉଦୟନାଥ ହୋ ମଂଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବନରକ୍ଷୀ, ବନ କର୍ମଚାରୀ, ପ୍ରତ୍ୟେକ ଗାଁର ଜଙ୍ଗଲ କମିଟି ସଦସ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ

# ଦୋଳଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଭଦ୍ରକ(ନିପ୍ର): ଚଳିତ ବର୍ଷ ଦୋଳଯାତ୍ରା ଓ ହୋଲି ମେଲଣକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ପାଇଁ ଧୂଷୁରୀ ଥାନା ପରିସରରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶହୀଦନଗର, ମେଲଣଡିହ ଲୁଣିଆ, ବୟାଙ୍ଗଡ଼ିହ, କୋରୁଆ, ଶୁର୍ଜିପୁର, ଅର୍ଜୁନପୁର, ପାଳସାହି ଓ ଶ୍ରୀଶ୍ରୀ ବାସୁଦେବ ଧାମ ମେଲଣ କମିଟିର ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଉପସ୍ଥିତ ଥିଲେ । ଧୂଷୁରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅଜୟ ସୁଦର୍ଶନ ବାଗେ ଓ ଅନ୍ୟ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଦୋଳଯାତ୍ରା ସମୟରେ ଆଇନ-ଶୃଙ୍ଖଳା ବଜାୟ ରଖିବା, ସରକାରୀ ନିୟମ ମାନିବା ଓ ମେଲଣ ପରିଚାଳନା ସମ୍ବନ୍ଧୀୟ ବିଭିନ୍ନ ଆଲୋଚନା କରାଯାଇ ଥିଲା । ମେଲଣ ଓ ଶୋଭାଯାତ୍ରା ସମୟରେ କୌଣସି ବିସ୍ଫୋରକ ସାମଗ୍ରୀ ବ୍ୟବହାର ନ କରିବାକୁ ନିଷ୍ପତି ହୋଇଛି । ମାଇକ ବ୍ୟବହାର ପୂର୍ବରୁ ସମ୍ବନ୍ଧିତ ଅଧିକାରୀଙ୍କ ଅନୁମତି ନେବା ଓ ଶବ୍ଦ ସୀମା ମାନିବା ପାଇଁ କୁହାଯାଇ ଥିଲା । ମେଲଣ ପରିସରରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରିବାକୁ କମିଟି ମାନଙ୍କୁ ପରାମର୍ଶ ଦିଆଯାଇଛି । ବୟାଙ୍ଗଡ଼ିହ ମେଲଣ ସମୟରେ ବାଇପାସ ରାସ୍ତାରେ ଯାନ ଚଳାଚଳ ବ୍ୟବସ୍ଥା ରହିବା ସହ ନସଲାପୁର ଠାରୁ ମେଲଣ ପଡିଆ ପର୍ଯ୍ୟନ୍ତ ଯାନ ଚଳାଚଳ ନିଷେଧ ରହିବ ବୋଲି ନିଷ୍ପତି ହୋଇଛି । ପ୍ରତ୍ୟେକ ମେଲଣ କମିଟି ୧୦ ଜଣ ସ୍ୱେଚ୍ଛାସେବୀ ନିୟୋଜନ କରି ପୁଲିସଙ୍କୁ ସହଯୋଗ କରିବେ ଓ ସେମାନଙ୍କର ତଥ୍ୟ ଥାନାରେ ଦେବେ । ମେଲଣ ବିମାନ ଯାଉଥିବା ରାସ୍ତାରେ କୌଣସି ଦୋକାନ ବା ଷ୍ଟଲ ବସିବ ନାହିଁ । ଶୋଭାଯାତ୍ରାର ସ୍ଥାନ, ସମୟ ଓ କ୍ରମାନ୍ୱୟ ତାଲିକା ପୂର୍ବରୁ ଥାନାକୁ ଅବଗତ କରିବାକୁ ନିଷ୍ପତି ହୋଇଛି । କୌଣସି ବିବାଦ ଉପୁଜିଲେ ପ୍ରଥମେ କମିଟି ହସ୍ତକ୍ଷେପ କରିବେ, ଆବଶ୍ୟକ ହେଲେ ପୁଲିସ ହସ୍ତକ୍ଷେପ କରିବେ । ପରିଶେଷରେ ଥାନା ପକ୍ଷରୁ ସମସ୍ତ ମେଲଣ କମିଟିଙ୍କୁ ଶାନ୍ତିଶୃଙ୍ଖଳା ରକ୍ଷାରେ ସହଯୋଗ ପାଇଁ ଆହ୍ୱାନ କରାଯାଇଥିଲା । ଦୋଳଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ପାଳନ ହେବ ବୋଲି ଧୂଷୁରୀ ପୁଲିସ ପକ୍ଷରୁ ଆଶା ବ୍ୟକ୍ତ କରାଯାଇଥିଲା ।

# ଗୋପବନ୍ଧୁ ଶିକ୍ଷା ସଦନର ୩୬ତମ ବାର୍ଷିକୋତ୍ସବ ଅନୁଷ୍ଠିତ



ଜଳେଶ୍ୱର(ନିପ୍ର): ପ୍ରତିଭାର ବିକାଶ ପାଇଁ ଜଳେଶ୍ୱରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଜଳେଶ୍ୱର ନୂଆବଜାର ସ୍ଥିତ ଗୋପବନ୍ଧୁ ଶିକ୍ଷା ସଦନର ୩୬ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଉତ୍ସବ ଗତ ୧୭ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ କମର୍ଦ୍ଦା ସ୍ଥିତ ସୁରେନ୍ଦ୍ର ବୈଷୟିକ ଶିକ୍ଷା ପ୍ରତିଷ୍ଠାନର ଅଧକ୍ଷ ସରୋଜ ରଞ୍ଜନ ସେନାପତି ସଭାପତିତ୍ୱ କରିଥିଲେ । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପିକା ଶ୍ରୀମତୀ ସୁଷମା ରାଣୀ ଭୂୟାଁ ଯୋଗ ଦେଇ କହିଥିଲେ ଯେ ପରିବାର ହେଉଛି ପ୍ରଥମ ବିଦ୍ୟାଳୟ । ପିଲା ମାନଙ୍କୁ ବଳ ପୂର୍ବକ ଶିକ୍ଷା ଦେବା ଉଚିତ ନୁହେଁ । ପିଲା ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସେମାନଙ୍କ ମଧ୍ୟରେ ଆଧ୍ୟାତ୍ମିକତା, ସଂସ୍କାର, ଗୁରୁଜନ ମାନଙ୍କୁ ସମ୍ମାନ ଦେବା ପାଇଁ ପିଲାମାନଙ୍କୁ ପିତା, ମାତା ଓ ଶିକ୍ଷକ ମାନେ ଶିକ୍ଷା ଦେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ଡ଼ଃ ଲଳିତ ରଞ୍ଜନ ସେନାପତି ବକ୍ତବ୍ୟ ପ୍ରଦାନ କରି ମା'ମାନେ ପିଲାମାନଙ୍କୁ ସଂସ୍କାର ଶିକ୍ଷା ଦେବା ଉଚିତ ବୋଲି କହିବା ସହ ଆଜିର ସମାଜରେ ମଣିଷ ପଣିଆ କମିଯାଉଛି ବୋଲି ମତ ପ୍ରକାଶ କରିଥିଲେ । ସମ୍ମାନିତ ବକ୍ତା ଭାବେ ଦୀନକୃଷ୍ଣ ମହାବିଦ୍ୟାଳୟର ଅଧାପକ ସୁଶାନ୍ତ କୁମାର ସାହୁ ତାଙ୍କ ବକ୍ତବ୍ୟ ରେ ଛୋଟଛୋଟ ପିଲାମାନଙ୍କର ପାଠ ପଢିବା ଅଭ୍ୟାସ ପ୍ରତି ଶିକ୍ଷକ ଓ ଅଭିଭାବକ ମାନେ ଚେଷ୍ଟିତ ହେବା ଦରକାର ବୋଲି କହିଥିଲେ । ପ୍ରଧାନ ଶିକ୍ଷକ ତାପସ ରଞ୍ଜନ ଗିରି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ମେଘମାଳା ଭଞ୍ଜ ବିଦ୍ୟାଳୟର ଇତିହାସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ଟ୍ରଫି ଓ ପ୍ରଶଂସା ପତ୍ର ପ୍ରଦାନ କରି ସମ୍ମାନିତ କାରିଥିଲେ । ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ପାରମିତା ଜେନା, ଅଞ୍ଜଳି ସେନାପତି, ରୀନା ରାଣୀ ବ୍ରହ୍ମ, ଅନିତା ପରିଡା, ସ୍ୱାଗତିକା ଦାସ, ସଞ୍ଜୁ ରାଣୀ ମହାନ୍ତି । ଶେଷରେ ସୌଦାମିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ରାତ୍ରୀରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଯୁବତୀ ମାନଙ୍କ ପାଇଁ ସ୍ତନ୍ୟ କର୍କଟ ସଚେତନତା କାର୍ଯ୍ୟକ୍ରମ



କଟକ(ନିପ୍ର): କଟକର ଇନରହ୍ୱିଲ୍ କ୍ଲବ୍, ୟୁସିସିଆଇଏଲ୍ ଲେଡିଜ୍ ଫୋରମ୍, ଭୁବନେଶ୍ୱରର ସହଯୋଗରେ, ଶୈଳବାଳାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ 'ଯୁବତୀ ମାନଙ୍କ ଗୁରୁତ୍ୱପୂର୍ଣ୍ଣ କର୍କଟ ରୋଗର କାରଣ 'ବିଷୟବସ୍ତୁ ଉପରେ ଏକ କର୍କଟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆନୁଷ୍ଠାନିକ ଭାବରେ ଇନର ହ୍ୱିଲ୍ ସଦସ୍ୟ କୀର୍ତିଦ୍ରଷ୍ଟା ସ୍ୱାଇଁଙ୍କ ଦ୍ୱାରା ଏକ ଭାବପୂର୍ଣ୍ଣ ବନ୍ଦନା କରାଯାଇ ଥିଲା । ଅନୁଷ୍ଠାନର ଅଧକ୍ଷ ଡକ୍ଟର ଜୀବନ ବଲ୍ଲଭ ଜେନା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଯୁବତୀମାନଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଉପରେ ଧ୍ୟାନ ଦେବା ପାଇଁ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ । ୟୁ ସି ସି ଆଇ ଏଲ୍ ଲେଡିଜ୍ ଫୋରମର ସଭାପତି ଡକ୍ଟର ଭାରତୀ ବେହେରା ସେମିନାରର ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ ଏବଂ ପ୍ରାରମ୍ଭିକ ସଚେତନତା ଏବଂ ପ୍ରତିରୋଧର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଇନରହ୍ୱିଲ୍ କ୍ଲବ୍ ଅଫ୍ କଟକର ସଭାପତି ରୀତିମୁକ୍ତା ପଟ୍ଟନାୟକ ଆନୁଷ୍ଠାନିକ ଭାବରେ ସମ୍ମାନିତ ବକ୍ତା ଡକ୍ଟର ଦୀପ୍ତିରାଣୀ ସାମନ୍ତ, ଏଚ ଓ ଡି , ଏ ଏଚ ପି ଜି ଡି ସି ଆଇ ଙ୍କର ପରିଚୟ କରାଇଥିବା ବେଳେ ରୀତା ପଟ୍ଟନାୟକ, ୟୁ ସି ସି ଆଇ ଏଲ ଲେଡିଜ୍ ଫୋରମର ସମ୍ପାଦିକା, ଡକ୍ଟର ଭାଗ୍ୟଲକ୍ଷ୍ମୀ ନାୟକ, ସ୍ତ୍ରୀ ଅଙ୍କୋଲୋଜିଷ୍ଟ, ଆଚାର୍ଯ୍ୟ ହରିହର କର୍କଟ ରୋଗର ପରିଚୟ କରାଇଥିଲେ । ଅନୁଷ୍ଠାନ ଉଭୟ ବିଶିଷ୍ଟ ଡାକ୍ତର ସ୍ତନ କର୍କଟ ଏବଂ ଗର୍ଭାଶୟ କର୍କଟ ଉପରେ ଅତ୍ୟନ୍ତ ସୂଚନାପ୍ରଦ ଏବଂ ଜ୍ଞାନଦାୟକ ଅଧିବେଶନ ପ୍ରଦାନ କରିଥିଲେ । ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ, ସମୟୋଚିତ ସ୍କ୍ରିନିଂ ଏବଂ ପ୍ରତିରୋଧକ ଯତ୍ନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ପାରସ୍ପରିକ ଆଲୋଚନାରେ ଅଧିବେଶନଟି ବହୁତ ଆକର୍ଷଣୀୟ ଥିଲା । ଯେଉଁଠାରେ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବରେ ପ୍ରଶ୍ନ ପଚାରିଥିଲେ ଏବଂ ଡାକ୍ତରମାନେ ଧୈର୍ଯ୍ୟର ସହିତ ସ୍ପଷ୍ଟ ଭାବରେ ସମସ୍ତ ପ୍ରଶ୍ନର ଉତର ଦେଇଥିଲେ । କାର୍ଯ୍ୟକ୍ରମଟିକୁ ଡକ୍ଟର ଗାୟତ୍ରୀ କର ଏବଂ ଶ୍ରୀମତୀ ରୀତିମୁକ୍ତା ପଟ୍ଟନାୟକ ସୁନ୍ଦର ଭାବରେ ସଂଯୋଜନା କରିଥିଲେ । ଉଭୟ କ୍ଲବ ପକ୍ଷରୁ ଧନ୍ୟବାଦ ପ୍ରସ୍ତାବ ପିପି ଗାୟତ୍ରୀ ଦାସଙ୍କ ଦ୍ୱାରା ପ୍ରସ୍ତାବିତ କରାଯାଇଥିଲା, ଏବଂ ପରେ ଅନୁଷ୍ଠାନ ପକ୍ଷରୁ ଡକ୍ଟର ମେନକାରାଣୀ ସାହୁଙ୍କ ଦ୍ୱାରା ହୃଦୟସ୍ପର୍ଶୀ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଏହି ପ୍ରଭାବଶାଳୀ ପଦକ୍ଷେପ ମାଧ୍ୟମରେ, କଟକର ଇନରହ୍ୱିଲ୍ କ୍ଲବ୍ ପୁଣିଥରେ ଯୁବତୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଏକ ସୁସ୍ଥ ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ସେମାନଙ୍କୁ ଜ୍ଞାନ ପ୍ରଦାନ କରିବା ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ପୁନଃଦୋହରାଇଛି ।

# ମାଇକ୍ରୋଏଲଇଡି ପ୍ରଯୁକ୍ତିବିଦ୍ୟା ଏବଂ ଉନ୍ନତ ଗ୍ୟାସ ସେନ୍ସର ଉପରେ ଆଲୋଚନାଚକ୍ର ଅନୁଷ୍ଠିତ

ଭୁବନେଶ୍ୱର: ଆଇଆଇଟି ଭୁବନେଶ୍ୱରର ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ୍ ଆଣ୍ଡ୍ କମ୍ପ୍ୟୁଟର ସାଇନସ୍ସେ ଏବଂ ଆଇଇଇ, ଭୁବନେଶ୍ୱର ସେକ୍ସନ ପକ୍ଷରୁ ମିଳିତ ଭାବରେ ଗୁରୁବାର ଉଦୀୟମାନ ଇଲେକ୍ଟ୍ରୋନିକ୍ ଏବଂ ସେନ୍ସିଂ ପ୍ରଯୁକ୍ତିବିଦ୍ୟା ଉପରେ ଏକ ବୈଷୟିକ ଆଲୋଚନା ଆୟୋଜିତ ହୋଇଯାଇଛି । 'ପ୍ରଦର୍ଶିତ ଏବଂ ଅଣ-ପ୍ରଦର୍ଶିତ ପ୍ରୟୋଗ ପାଇଁ ମାଇକ୍ରୋଏଲଇଡି' ଉପରେ ନ୍ୟୁୟର୍କର କଲମ୍ବିଆ ବିଶ୍ୱବିଦ୍ୟାଳୟର ଭିତିଭୂମି ଏବଂ ନବସୃଜନର ଭାଇସ୍ ଡିନ୍ ପ୍ରଫେସର ଇଓଆନିସ୍ (ଜନ୍) କିମିସିସ୍ ଏବଂ ବୈଦ୍ୟୁତିକ ଇଞ୍ଜିନିୟରିଂର ପ୍ରଫେସର କେନେଥ୍ ବ୍ରାୟର୍ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଫେସର କିମିସିସ୍ ମାଇକ୍ରୋଏଲ୍ଇଡିର ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ, ଯେଉଁଥିରେ ଉଚ୍ଚ ଦକ୍ଷତା, ଆଲୋକ ଏବଂ ସ୍ଥାୟୀତ୍ୱ ଅନ୍ତର୍ଭୁକ୍ତ । ସେ ଡିସପ୍ଲେ ବ୍ୟତୀତ ସେମାନଙ୍କର ଉଦୀୟମାନ ପ୍ରୟୋଗଗୁଡ଼ିକ ଉପରେ ଆଲୋକପାତ କରିଥିଲେ, ସେଗୁଡିକ ମଧ୍ୟରେ ବାୟୋମେଡିକାଲ୍ ଇମେଜିଂ, ଦୃଶ୍ୟମାନ ଆଲୋକ ଯୋଗାଯୋଗ, ମାଇକ୍ରୋସ୍କୋପି, ଏବଂ ଆଇଓଟି-ସକ୍ଷମ ସିଷ୍ଟମ୍ ଆଦି ଉଲ୍ଲେଖନୀୟ ଥିଲା । ସେ ଥର୍ମାଲ୍ ପରିଚାଳନା, ଡିଭାଇସ୍ ଇଣ୍ଟିଗ୍ରେସନ୍ ଏବଂ ସିଷ୍ଟମ୍-ସ୍ତରୀୟ ଅପ୍ଟିମାଇଜେସନ୍ ସହିତ ଜଡିତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରମୁଖ ପ୍ରଯୁକ୍ତିବିଦ୍ୟା ଚ୍ୟାଲେଞ୍ଜ ଏବଂ ଚାଲୁଥିବା ଗବେଷଣା ପ୍ରୟାସକୁ ମଧ୍ୟ ଉଲ୍ଲେଖ କରିଥିଲେ । ଏହି ଅଧିବେଶନରେ ଆଇଆଇଟି ଖଡ଼ଗପୁରର ଡକ୍ଟରେଟ ଗବେଷକ ଅଭିଜିତ ନାରାୟଣ ଇଶୋର ମଧ୍ୟ ଯୋଗ ଦେଇଥିଲେ, ଯେଉଁମାନେ ଜଳବାୟୁ-ସମ୍ବନ୍ଧୀୟ ବାୟୁମଣ୍ଡଳୀୟ ପ୍ରଦୂଷକଙ୍କ ତଦାରଖ ପାଇଁ ଅର୍ଜୈବ ପେରୋଭସ୍କାଇଟ୍-ଆଧାରିତ ଗ୍ୟାସ୍ ସେନ୍ସର ଉପରେ ବକ୍ତବ୍ୟ ରଖିଥିଲେ । ତାଙ୍କର ଆଲୋଚନାରେ ସେ ପରିବେଶଗତ ତଦାରଖ ପ୍ରୟୋଗ ପାଇଁ ତ୍ରୁଟି ଇଞ୍ଜିନିୟରିଂ, ସେନ୍ସର ଚୟନ ଏବଂ ମେସିନ୍ ଲର୍ଣ୍ଣିଂ-ସହାୟିତ ଗ୍ୟାସ୍ ଚିହ୍ନଟରେ ସାମ୍ପ୍ରତିକ ଅଗ୍ରଗତି ଉପରେ ଆଲୋକପାତ କରିଥିଲେ । ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ୍ ଆଣ୍ଡ୍ କମ୍ପ୍ୟୁଟର ସାଇନସ୍ସେର ସହକାରୀ ପ୍ରଫେସର ଡକ୍ଟର ସାୟନ ଦେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଗବେଷକ ଏବଂ ଛାତ୍ରଛାତ୍ରୀ ମାନଙ୍କର ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଏବଂ ଏହା ଇଲେକ୍ଟ୍ରୋନିକ୍ସ, ସେନ୍ସିଂ ପ୍ରଯୁକ୍ତିବିଦ୍ୟା ଏବଂ ଜଳବାୟୁ-ପ୍ରାସଙ୍ଗିକ ଇଞ୍ଜିନିୟରିଂ ସମାଧାନ କ୍ଷେତ୍ରରେ ଅତ୍ୟାଧୁନିକ ବିକାଶ ଉପରେ ଶୈକ୍ଷିକ ପାରସ୍ପରିକ କ୍ରିୟା ପାଇଁ ଏକ ମୂଲ୍ୟବାନ ପ୍ଲାଟଫର୍ମ ପ୍ରଦାନ କରିଥିଲା ।

# ପୁରୁଷୋତମ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭଦ୍ରକ(ନିପ୍ର): ବନ୍ତ ବ୍ଲକ, ଓଡ଼ଙ୍ଗ ପଂଚାୟତ ସରମରା ସ୍ଥିତ ପୁରୁଷୋତମ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜ କିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି କାଦବରାଙ୍ଗ ଉଚ୍ଚ ମାଧ୍ୟମିକ ସଂଯୁକ୍ତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ବିମଳ କୁମାର ଦାସ, ମୁଖ୍ୟବକ୍ତା ଶିକ୍ଷାବିତ୍ ତଥା ପ୍ରବଚକ୍ ହରିହର ପାଣିଗ୍ରାହୀ, ସମ୍ମାନିତ ଅତିଥି କେସିଭିଏମ୍ ପ୍ରଧାନଶିକ୍ଷକ ଶରଦ କୁମାର ଜେନା, ମଙ୍ଗୁଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମାକାନ୍ତ ରାଉତ, ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ପରମେଶ୍ୱର ପୃଷ୍ଟି, ସ୍ଥାନୀୟ ସରପଂଚ ଲକ୍ଷ୍ମୀପ୍ରିୟା ଦାସ, ମୋ ସ୍କୁଲ ଅଭିଯାନ କମିଟି ସଭାପତି ଶଶିକାନ୍ତ ଜେନା, ପରିଚାଳନା କମିଟି ସଭାପତି ବିଶ୍ୱନାଥ ଜେନା ପ୍ରମୁଖ ଅତିଥି ଯୋଗ ଦେଇ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ହେବା ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କର ଶାରୀରିକ ଓ ମାନସିକ ବିକାଶର ଅଗ୍ରଗତି ହେଇଥାଏ ବୋଲି କହିଥିଲେ । ମଂଚ ସଂଚାଳନ ଶିକ୍ଷକ ନିରଞ୍ଜନ ରାଉତ, ଶିକ୍ଷୟତ୍ରୀ ଅନସୂୟା ଭୋଇ ଅତିଥି ପରିଚୟ ପ୍ରଦାନ, ବାର୍ଷିକ ବିବରଣୀ ପଠନ ଶିକ୍ଷୟତ୍ରୀ ଜଲିରାଣୀ ଶଙ୍ଖୁଆ, ଧନ୍ୟବାଦ ଅର୍ପଣ ଶିକ୍ଷକ ସୋମନାଥ ବିଶ୍ୱାଳ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଅତିଥି ଜଗତର ନାଥ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଛାତ୍ର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇ ଥିଲା । ବିଦ୍ୟାଳୟର ଶିକ୍ଷା ଓ କ୍ରୀଡା କ୍ଷେତ୍ରରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କୁ ଉପସ୍ଥିତ ଅତିଥି ଟଫି ଓ ମାନପତ୍ର ପ୍ରଦାନ କରିଥିଲେ । ବିଦ୍ୟାଳୟର କାର୍ଯ୍ୟକ୍ରମରେ ଯଶୋବନ୍ତ ସିଂ, ରାମକୃଷ୍ଣ ଆଇଚ, ତାପସ ଜେନା, ଲସୋ କିସ୍କୁ, ମଳୟ କୁମାର ଦାସଙ୍କ ସମେତ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଓ ଅଭିଭାବକ ପ୍ରମୁଖ ସହଯୋଗ କରିଥିଲେ ।

# ପାର୍ଟ ଫାଇଲ ଜମି ପଞ୍ଜିକରଣରେ ଗଞ୍ଜାମ ଆଗରେ

ଭୁବନେଶ୍ୱର: ରାଜ୍ୟ ସରକାର ଜମିକୁ ଭାଗ (ପାର୍ଟ ଫାଇଲ) କରି ବିକ୍ରି ଲାଗି ଅନୁମତି ଦେବାପରେ ସମଗ୍ର ରାଜ୍ୟରେ ଲୋକେ ଆବଶ୍ୟକତା ମୁତାବକ ନିଜ ନିଜ ଜମିକୁ ଭାଗ କରି ବିକ୍ରି କରୁଛନ୍ତି । ଗଞ୍ଜାମ ଜିଲ୍ଲାରେ ଏଭଳି ଭାଗ ଜମି ସର୍ବାଧିକ ୧୧ ହଜାରରୁ ଅଧିକ ପଞ୍ଜିକୃତ ହୋଇ ସାରିଲାଣି । ଜମି ଭାଗ କରି ବିକ୍ରି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଲୋକେ ନିଜର ଜମିକୁ ଭାଗ କରି ବିକ୍ରି କରିବାପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗର ବିଜ୍ଞପ୍ତିକୁ ଗତ ବର୍ଷ ଜୁନ ମାସରେ ସରଳୀକରଣ କରାଯାଇଥିଲା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଏ ନେଇ ଗତବର୍ଷ ଅକ୍ଟୋବର ମାସରେ ବିସ୍ତୃତ ନିର୍ଦ୍ଦେଶନାମା ଜାରି କରିଥିଲେ । ଏହାକୁ ପାଳନ କରିବାପାଇଁ ସମସ୍ତ ପଞ୍ଜିକରଣ ଅଧିକାରୀଙ୍କ ସ୍ପଷ୍ଟିକରଣ ପ୍ରଦାନ କରାଯାଇଛି । ବର୍ତମାନ ସୁଦ୍ଧା ଏହି ନିୟମ ବଳରେ ସମଗ୍ର ରାଜ୍ୟରେ ପାର୍ଟ ଫାଇଲ ପଞ୍ଜିକରଣ ଚାଲିଥିବାବେଳେ ଗଞ୍ଜାମରେ ସର୍ବାଧିକ ୧୧ହଜାର ପଞ୍ଜିକରଣ ହୋଇଛି । କଟକ ଓ ଖୋରଧା ଜିଲ୍ଲାରେ ୫ହଜାରରୁ ଅଧିକ କରି ଏଭଳି ପଞ୍ଜିକରଣ ହୋଇଥିବାବେଳେ ଯାଜପୁର ଓ ପୁରୀ ଜିଲ୍ଲାରେ ୩ହଜାରରୁ ଅଧିକ କରି ପଞ୍ଜିକରଣ ହୋଇଛି । ବାଲେଶ୍ୱରରେ ଏଭଳି ପଞ୍ଜିକରଣ ସଂଖ୍ୟା ୨୮୫୭, ଭଦ୍ରକରେ ୨୫୭୭, କେନ୍ଦ୍ରାପଡାରେ ୨୩୪୮ ହୋଇଥିବାବେଳେ ମୟୁରଭଞ୍ଜରେ ଏହା ୧୩୬୫ ରହିଛି । ସବୁଠାରୁ ମାତ୍ର ୨ଟି ପଞ୍ଜିକରଣ ଦେବଗଡ ଜିଲ୍ଲାରେ ହୋଇଥିବା ମନ୍ତ୍ରୀଙ୍କ ଉତରରୁ ଜଣାପଡିଛି ।

# ଭିଜିଲାନ୍ସ ଜାଲରେ ତହସିଲଦାର

ସୋର(ନିପ୍ର)- ବେଆଇନ ପଥର ବୋଝେଇ ଗାଡ଼ିକୁ ଛାଡ଼ିଦେବା ପାଇଁ ଲାଂଚ ନେଉଥିବା ବେଳେ ସୋର ତହସିଲଦାର ଦୈତାରୀ ମଲ୍ଲିକ ଆଜି ଅପରାହ୍ଣରେ ଭିଜିଲାନସ ଦ୍ୱାରା ଧରାପଡିଛନ୍ତି । ସୂଚନା ଅନୁସାରେ ଗତ କିଛି ଦିନ ତଳେ ମହୁମୁହାଣ ଖଞ୍ଜାମାହାଲ ପଥର ଖାଦାନରୁ ପଥର ଚୋରି ହେଉଥିବା ଡମ୍ଫରକୁ ଖବର ପାଇ ତହସିଲଦାର ଶ୍ରୀ ମଲ୍ଲିକ ଚଢାଉ କରିଥିଲେ । ଏହାପରେ ଧଳ ଷ୍ଟକ ପଏଂଟରୁ ୫ଟି ବେଆଇନ୍ ପଥର ବୋଝେଇ ଡମ୍ଫରକୁ ଜବତ କରି ସୋର ତହସିଲ ପରିସରରେ ରଖିଥିଲେ । ଉକ୍ତ ପଥର ଗାଡିକୁ ଛାଡିଦେବା ପାଇଁ ଟ୍ରକ ମାଲିକମାନଙ୍କ ଠାରୁ ୪୦ ହଜାର ଟଙ୍କା ସୋର ଟ୍ରକ ଆସୋସିଏସନର ଉପସଭାପତି ଦୟାନିଧି ଜେନାଙ୍କ ମାଧ୍ୟମରେ ନେଉଥିବା ବେଳେ ଭିଜିଲାନ୍ସ ଟିମ ମାଡିବସିଥିଲା । ଏହାପରେ ତାଙ୍କ ଭଡ଼ାଘର ଓ ଅଫିସ କାର୍ଯ୍ୟଳୟରେ ବିଭିନ୍ନ କାଗଜପତ୍ର ଯାଂଚ କରାଯାଇଥିଲା । ଶେଷରେ ଶ୍ରୀ ଜେନା ଓ ତହସିଲଦାର ଶ୍ରୀ ମଲିକଙ୍କୁ ବାଲେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଥିବା ଜଣାପଡିଛି ।

# ଶ୍ରୀରାମକୃଷ୍ଣ ପରମହଂସଙ୍କ ଜୟନ୍ତୀ ପାଳିତ



ନୟାଗଡ଼(ନିପ୍ର): ଚିର ବନ୍ଦନୀୟ ରାମକୃଷ୍ଣ ପରମହଂସଙ୍କ ୧୯୨ ତମ ଜୟନ୍ତୀ ସ୍ଥାନୀୟ ହାଉସିଂବୋର୍ଡ ନିକଟ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ହୋମଯଜ୍ଞ, ଜପଧ୍ୟାନ ସହିତ ସକାଳ ୧୦ଟା ସମୟରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ଥିଲା । ଏହି ସଭାରେ ବିଦ୍ୟାଳୟର ସଂପାଦକ ଶ୍ରୀଧର ସାହୁ ଯୋଗଦେଇ ଠାକୁର ଶ୍ରୀରାମକୃଷ୍ଣଙ୍କ ଜୀବନୀ ବିଷୟରେ ଆଲୋଚନା କରି କହିଥିଲେ, ଶ୍ରୀରାମକୃଷ୍ଣ ହୁଗୁଳୀ ଜିଲ୍ଲାର କାମାରପୁକୁର ଗାଁରେ ଏକ ବ୍ରାହ୍ମଣ ବଂଶରେ ଜନ୍ମଗ୍ରହଣ କରିଥିଲେ । ସେ ଦିନ ଥିଲା ୧୨୪୨ ସାଲର ଛଅ ଫାଲ୍‌ଗୁନ, ବୁଧବାର, ଶୁକ୍ଳ ଦ୍ୱିତୀୟା ତିଥି (୧୮୩୬ ଖ୍ରୀ:ର ଫେବୃଆରୀ ୧୮ ତାରିଖ) । ତାଙ୍କ ପିତାଙ୍କ ନାମ ଖୁଦିରାମ ଚଟ୍ଟୋପାଧ୍ୟାୟ ଓ ମାତା ଚନ୍ଦ୍ରମଣି ଦେବୀ । ଖୁଦିରାମ ଅତି ନିଷ୍ଠାବାନ, ତେଜସ୍ୱୀ, ଦେବଦେବୀଙ୍କ ପ୍ରତି ଭକ୍ତିପରାୟଣ, ସତ୍ୟବାଦୀ ଓ ସଦାଚାରୀ ବ୍ରାହ୍ମଣ ଥିଲେ । ତାଙ୍କର ବିଶ୍ୱାସ ଥିଲା ଜ୍ୱଳନ୍ତ । ଶୀତଳା ଦେବୀ ବାଳିକା ରୂପରେ ଆସି ପ୍ରତ୍ୟୁଷରେ ପୂଜାଫୁଲ ତୋଳିବାରେ ଖୁଦିରାମଙ୍କୁ ସାହାଯ୍ୟ କରୁଥିଲେ । ଚନ୍ଦ୍ରମଣି ଦେବୀ ସରଳତା ଓ ଦୟାର ପ୍ରତିମୂର୍ତି ଥିଲେ । ତାଙ୍କର ପୂର୍ବ ବାସସ୍ଥାନ ଥିଲା ଦେରେ ଗାଁରେ, କାମାରପୁକୁର ଠାରୁ ପ୍ରାୟ ତିନି ମାଇଲ ଦୂରରେ । ସେହି ଗ୍ରାମର ଜମିଦାରଙ୍କ ପକ୍ଷରେ ମିଥ୍ୟା ସାକ୍ଷ୍ୟ ନ ଦେବା ଫଳରେ, ଚାଳିଶ ବର୍ଷ ବୟସରେ ଖୁଦିରାମଙ୍କୁ ସ୍ୱଜନବର୍ଗଙ୍କ ସହ ପୈତୃକ ବାସସ୍ଥାନ ଛାଡ଼ି କାମାରପୁକୁରରେ ଏକ ବନ୍ଧୁଙ୍କ ଦାନ ସ୍ୱରୂପ ସାମାନ୍ୟ ଏକ କୁଟୀରରେ ଆଶ୍ରୟ ନେବାକୁ ପଡ଼ିଥିଲା । ଥରେ ପିତୃପୁରୁଷଙ୍କୁ ପିଣ୍ଡଦାନ ଦେବା ଲାଗି ସେ ଗୟାତୀର୍ଥକୁ ଯାଇଥିଲେ । ନାରାୟଣ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ, ଖୁଦିରାମ ! ତୁମର ଭକ୍ତିରେ ମୁଁ ସନ୍ତୁଷ୍ଟ ହୋଇଛି । ତୁମର ସେବା ଗ୍ରହଣ କରିବା ପାଇଁ ତୁମର ପୁତ୍ର ରୂପେ ମୁଁ ଜନ୍ମ ନେବି । ଖୁଦିରାମ କାନ୍ଦି ପକାଇ କହିଲେ, 'ମୁଁ ଯେ ବଡ଼ ଗରିବ ! ଆପଣଙ୍କର ସେବା ମୁଁ କରିପାରିବ ତ ପ୍ରଭୁ' ସେହି ଜ୍ୟୋତିର୍ମୟ ପୁରୁଷ ସ୍ନେହବିଗଳିତ କଣ୍ଠରେ କହିଲେ, 'ଭୟ କର ନାହିଁ ବ୍ରାହ୍ମଣ ! ତୁମେ ଯେଉଁ ଭାବରେ ମୋର ସେବା କରନା କାହିଁକି, ସେଥିରେ ମୁଁ ତୃପ୍ତ ହେବି ।' ଏଣେ ତାଙ୍କ ଗୃହରେ ଚନ୍ଦ୍ରମଣି ଦେବୀଙ୍କର ନାନା ପ୍ରକାର ଦିବ୍ୟ ଦର୍ଶନ ଓ ଅନୁଭୂତି ହେବାକୁ ଲାଗିଲା । ସେ ଅନୁଭବ କଲେ ଯେ ଏକ ପ୍ରକାଣ୍ଡ ଜ୍ୟୋତି ସତେ ଯେମିତି ତାଙ୍କ ଉଦରରେ ପ୍ରବେଶ କରିଛି । ଯଥା ସମୟରେ ଶ୍ରୀରାମକୃଷ୍ଣ ଙ୍କର ଜନ୍ମ ହେଲା । ଶ୍ରୀରାମକୃଷ୍ଣ ହେଲେ ସର୍ବଧର୍ମର ସମନ୍ୱୟସ୍ୱରୂପ ମହଦ୍ଧର୍ମର ପ୍ରତୀକ । ଠାକୁର କୁହନ୍ତି-: ଯେପରି ଆମ୍ବ ପାଚିଲେ ଡେମ୍ଫରୁ ଆପଣା ଛାଏଁ ଖସି ପଡ଼େ, ଜ୍ଞାନ ଲାଭ ହେଲେ ଆତ୍ମାଭିମାନ ଆପଣା ଛାଏଁ ଚାଲିଯାଏ । ସେହିପରି ଛାତ ଉପରକୁ ଉଠିବାକୁ ହେଲେ ନିଶୁଣି, ବାଉଁଶ, ପାହାଚ ପ୍ରଭୃତି ନାନା ମାଧ୍ୟମରେ ଉଠିବାକୁ ପଡ଼େ; ସେହିପରି ପରମେଶ୍ୱରଙ୍କ ନିକଟକୁ ଯିବାର ବହୁ ଉପାୟ ରହିଛି । ପ୍ରତ୍ୟେକ ଧର୍ମ ହେଉଛି ତାହାର ଗୋଟିଏ ଉପାୟ । ଯେପରି କାଳୀ ମନ୍ଦିରକୁ ଆସିବାକୁ ହେଲେ କିଏ ନୌକାରେ, କିଏ ଗାଡ଼ିରେ, କିଏ ବା ପାଦରେ ଚାଲି ଆସନ୍ତି, ସେହିପରି ଭିନ୍ନ ଭିନ୍ନ ମତ ଆଶ୍ରୟ କରି ମଣିଷ ସଚ୍ଚିଦାନନ୍ଦ-ଲାଭ ହୋଇଥାଏ । ଯେତେ ମତ ସେତେ ପଥ । ପରିଶେଷରେ ସମସ୍ତ ଗୁରୁଜୀ ଗୁରୁମା ଏହି ମହାପୁରୁଷ, ପରମ ପୂଜ୍ୟ ପରମହଂସଙ୍କ ପବିତ୍ର ଜୟନ୍ତୀ ଅବସରରେ ତାଙ୍କର ଅମୃତ ଅମ୍ଳାନ ଆତ୍ମାର ସ୍ମୃତି ଚାରଣ କରିଥିଲେ ।





# ରାଧାବଲ୍ଲଭ ତୁଳସୀ ଉପବନ ଅଙ୍କୁଶପୁର ଗ୍ରାମ ଏକାମପଣା, ନିମାପଡାରେ କରାଯିବ


ଭୁବନେଶ୍ୱର/ନିମାପଡ଼ା: ପୂଜ୍ୟ ମହନ୍ତ ରାମକୃଷ୍ଣ ଦାସ ମହାରାଜା ରାଧାବଲ୍ଲଭ ମଠ ପୁରୀ ଙ୍କ ପ୍ରସ୍ତାବ ଅନୁଯାଇ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ର ଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ ନାରାୟଣ ମହାପାତ୍ର ସୁରେଶ କୁମାର ମିଶ୍ର ତ୍ରିଲୋଚନ ନାୟକ ବିଜୟ ପଣ୍ଡା ଭାରତୀ ଭୂଷଣ ପଟ୍ଟନାୟକ, ଡି କେ ଧୀର, ଶ୍ରୀନିବାସ ରାଓ ପ୍ରମୁଖ ଅଙ୍କୁଶପୁର ଗ୍ରାମ ର ଏକମାପଣା ନିମାପଡା ଠାରେ ମଠ ସ୍ଥାନ ପରିଦର୍ଶନ କରି ରାଧାବଲ୍ଲଭ ତୁଳସୀ ଉପବନ କରାଯିବା ପାଇଁ ସ୍ଥିର କରି ଥିଲେ ଆଜିର ବୈଠକ ରେ ମିଳିତ ଭାବେ ସମସ୍ତେ ତୁଳସୀ ବନ କରିବା ପାଇଁ ସ୍ଥିର କରିଥିଲେ ଏହି କାର୍ଯ୍ୟ କୁ ଆଗେଇ ନେବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ



ବିଷୟରେ ଆଲୋଚନା କରା ଯାଇ ଦାୟିତ୍ୱ ବ[ାଗଲା, ଏହି ଆଲୋଚନା ପରେ ମହାପ୍ରଭୁ ଙ୍କ ଭଜନ କୀର୍ତନ କରାଯାଇ ସମସ୍ତେ ପ୍ରସାଦ ସେବନ କରି ଥିଲେ, ଆଜିର ନିଜକୁ ବିକଶିତ କରିବା କାର୍ଯ୍ୟକ୍ରମ ରେ ଜଗନ୍ନାଥ ଜଗନ୍ନାଥ ଚକାନୟନ ଚକାନୟନ ଭଜନ ଗୁରୁ ଭାରତୀ ଭୂଷଣ ପଟ୍ଟନାୟକ ଙ୍କ ସଂଯୋଜନା ରେ ଭଜନ ବୋଲି୍ବାକୁ ପ୍ରୟାସ କରି ଥିଲେ ଏହି କାର୍ଯ୍ୟକ୍ରମ ରେ ପ୍ରମୋଦିନ ପଣ୍ଡା ଓ ଅଶୋକ ବଳ ପ୍ରମୁଖ ଯୋଗ ଦେଇ ଥିଲେ ଆଗାମୀ ଦିନରେ ଶ୍ରୀଜଗନ୍ନାଥ ସଂସ୍କୃତି ପାଇଁ ଅନେକ କିଛି ନୂତନ କାର୍ଯ୍ୟ କରିବାକୁ ସ୍ଥିର କରାଯାଇ ସଭା ସାଙ୍ଗ କରାଗଲା ।

# ଢୋଲରେ ବିଶ୍ୱଶାନ୍ତି ମହାଯଜ୍ଞ

କେନ୍ଦ୍ରାପଡ଼ା(ନି.ପ୍ର.): କେନ୍ଦ୍ରାପଡା ବ୍ଲକ ଅଧିନ ଢୋଲ ପ□ାୟତର ଢୋଲ ଗ୍ରାମରେ ସପ୍ତଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଯଜ୍ଞଙ୍କୁ ଗରାପୁର ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଉଦଘାଟନ କରିଥିଲେ । ଏହି ଅବସରରେ ଶ୍ରୀମା ଯଜ୍ଞର ଉପକାରିତା ଓ ସମାଜପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋଚନା କରି କହିଲେ ଯଜ୍ଞ କଲେ ବର୍ଷା ହେବ । ଫଳରେ ପୃଥିବୀ ସଶ୍ୟଶାମଳା ହୋଇପାରିବା ସହ ଭଲ ଫଳ ଫଳିବ ଓ ପୃଥିବୀ ଶାନ୍ତ ରହିବା ସହ ମାନବସମାଜ ମଧ ଶାନ୍ତିରେ ବସବାସ କରିବ । ଯଜ୍ଞଦ୍ୱାରା ପ□ଭୁତ ସ୍ୱଧନ ହେବା ସହ



ପବିତ୍ର ହୋଇଥାଏ । ଯଜ୍ଞ ସନାତନ ଧର୍ମର ବିଭିନ୍ନ କର୍ମରୁ ଅନ୍ୟତମ ଅଟେ । ଏହା କରାଯିବା ଦ୍ୱାରା ଅନ୍ୟର ଉପକାର ହୋଇଥାଏ । ପୃଥିବୀରେ ଥିବା ମାନବ ସମାଜ ସମେତ ବୃକ୍ଷ, ଲତା ଓ ପ୍ରାଣୀମାନଙ୍କର ମଧ ଉପକାର ହୋଇଥାଏ । ଯଜ୍ଞଦ୍ୱାରା ଇନ୍ଦ୍ରାଦି ଦେବଗଣ ସନ୍ତୁଷ୍ଟ ହେଉଥିବାରୁ ପୃଥିବୀକୁ ଅନ୍ନଦାନ କରିଥାନ୍ତି । ଏହି ଅନ୍ନ ପାଇ ଜୀବ, ଜନ୍ତୁ, ବୃକ୍ଷ, ଲତା ଓ ମାନବ ସମାଜ ଜୀବନ ଧାରଣ କରିଥାନ୍ତି ବୋଲି ଶ୍ରୀମା ଅର୍ଶିବଚନ ପ୍ରଦାନ କରି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିବପ୍ରସାଦ ଦାସ, ଶ୍ରୀଜଗନ ଦଇତାପତି, ପ୍ରମୋଦ କୁମାର ପୃଷ୍ଟି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାଧୁସନ୍ଥମାନେ ଯଜ୍ଞର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଆଖପାଖ ଅ□ଳର ବହୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେଇ ପ୍ରଭୁ କୃପା ଲାଭ କରିଥିଲେ ।

# ନୀଳଗିରି ବିଜେଡି ସାଙ୍ଗଠନିକ ସଭାପତିଙ୍କୁ କୃତଜ୍ଞତା ଜଣାଇଲେ ପୂର୍ବତନ ବିଧାୟକ ସୁକାନ୍ତ ନାୟକ



ନୀଳଗିରି,(ନି.ପ୍ର.)ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ଓ ଏନଏସି ରେ ବିଜେଡି ସଭାପତିଙ୍କ ନାମ ଘୋଷଣା ହୋଇଛି । ଏହି କ୍ରମରେ ନୀଳଗିରିରେ ଯୁବ କର୍ମୀଙ୍କ ଉପରେ ସୁପ୍ରିମୋ ନବୀନ ପଟ୍ଟନାୟକ ଗୁରୁ ଦାଇତ୍ୱ ଦେଇଛନ୍ତି । ନୀଳଗିରି ବ୍ଲକ ସଭାପତି ଭାବେ ରାଜୀବ ଦାସବାବୁ ଓ ନଗର ସଭାପତି ଭାବେ ଅଚ୍ୟୁତ ଚରଣ ପ୍ରଧାନ ଓ ଔପଦା ବ୍ଲକ ପାଇଁ ଉଦୟ କୁମାର ସ ଙ୍କ ନାମ ଘୋଷଣା କରିଛନ୍ତି । ଏନେଇ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ନୀଳଗିରି ବିଜେଡି କାର୍ଯ୍ୟାଳୟ ରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଔପଦା ବ୍ଲକ ର ବରିଷ୍ଠ ନେତା କେଶବ ମୁଦୁଲିଙ୍କ ବାସଭବନ ରେ କାର୍ଯ୍ୟକର୍ତା ଙ୍କ ଉପସ୍ଥିତ ରେ ସମର୍ଦ୍ଧିତ କରା ଯାଇଥିଲା । ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ସିଆଡ଼ିମାଳ ଗ୍ରା:ପ ସରପଂଚ ସୁରଥ ସିଂ,ଉପେନ୍ଦ୍ର ନାୟକ, ରମା ସିଂ, ଭଗବାନ ସେଠୀ, ଗଙ୍ଗା ସିଂ, ସୁନୀଲ ପ୍ରଧାନ, ଚକ୍ରଧର ବେହେରା, ଅଭି ବେହେରା, ରାଜକୁମାର ସିଂ, ନିରଞ୍ଜନ କୁଅଁର, ଔପଦା ରେ ମଧୁସୂଦନ ମଲ୍ଲିକ,ବିନୟ ପଟ୍ଟନାୟକ,ଶୁଭେନ୍ଦୁ ପଣ୍ଡା, ଭାଗବତଖିଲାର , ଗୟାଧର ସେଠି, ସଦାଶିବ ପଣ୍ଡା, ତପନ ଗାଆଣ, ବସନ୍ତ ବେଜ, ଜଗବନ୍ଧୁ ପୁଆଳ, ଅଧିକାରୀ ପରିଡା, ଉପେନ୍ଦ୍ର ସ୍ୱାଇଁ,ଉଦୟ. ପରିଡା, ବାସୁଦେବ ବିଶ୍ୱାଳ, ଯୁବନେତା ନିଲୁ ବିଶ୍ୱାଳ ପ୍ରମୁଖ ରାଜୀବ ଓ ଅଚ୍ୟୁତ, ଉଦୟ ଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଙ୍କ ସମେତ ରାଜ୍ୟ ତଥା ଜିଲ୍ଲା ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇବା ସହ ତୃଣମୂଳ ସ୍ତରରେ ଦଳକୁ ସୁଦୃଢ଼ କରିବା, ନବୀନ ଙ୍କ ହାତ ମୁଠା କୁ ଟାଣ କରିବା ସହିତ ବିଧାୟକଙ୍କ ଜନ ବିରୋଦ୍ଧି କାର୍ଯ୍ୟକୁ ଲୋକଲୋଚନ କୁ ଆଣିବା ଓ ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଙ୍କ ବଳିଷ୍ଠ ନେତୃତ୍ୱ ଓ ବିଗତ ଦଶ ବର୍ଷ ର ସଫଳତା କୁ ଲୋକଙ୍କ ପାଖରେ ପହଂଚାଇ ସଂଗଠନ କୁ ସକ୍ରିୟ କରିବେବୋଲି ନବ ନିଯୁକ୍ତ ସଭାପତି ମାନେ କହିଛନ୍ତ ।

# କେନ୍ଦୁଝର ପୋଲିସର ବଡ ସଫଳତା, ଆନ୍ତରାଜ୍ୟ ସାଇବର ଠକ ଗିରଫ

କେନ୍ଦୁଝର,(ନି.ପ୍ର.): ୧କୋଟି ଟଙ୍କାରୁ ଉର୍ଦ୍ଧ ଟଙ୍କାର ସାଇବର୍ ଠକେଇ ଅଭିଯୋଗରେ ୫ଜଣ ଆନ୍ତଃରାଜ୍ୟ ଠକଙ୍କୁ ଗିରଫ କଲା କେନ୍ଦୁଝର ଟାଉନ୍ ଥାନା ପୋଲିସ । ଝାଡ଼ଖଣ୍ଡର ନାରାୟଣପୁର ଓ ଜମତାରା ଲିଙ୍କ ଥିବା ଏକ ଆନ୍ତଃରାଜ୍ୟ ସାଇବର୍ ଠକ ଗ୍ୟାଙ୍ଗ ର ୫ଜଣଙ୍କୁ ଗିରଫ କରିଛି କେନ୍ଦୁଝର ପୋଲିସ ଓ ଏମାନଙ୍କଠାରୁ ୨ଟି ବାଇକ୍, ୬ଟି ମୋବାଇଲ୍ ଫୋନ୍, ୩୮ଟି ଏଟିଏମ କାର୍ଡ ଓ ୯୧ଟି ସିମ କାର୍ଡ଼ ଜବତ ହୋଇଛି । ଏମାନେ ଲୋକଙ୍କଠାରୁ ସିମ କାର୍ଡ ନେଇ ସେମାନଙ୍କ ନାଁରେ ବ୍ୟାଙ୍କ ଆକାଉ[ ଖୋଲି ଏବଂ ଝାଡ଼ଖଣ୍ଡରେ ବିକ୍ରି କରୁଥିଲେ । ଏହିସବୁ ଆକାଉ[ ଦ୍ୱାରା ୧କୋଟି ୧୪ ଲକ୍ଷ ୧୨ହଜାର ୬ଶହ ଟଙ୍କା ଠକେଇ ହୋଇଥିବା ପୋଲିସ୍ ସୂଚନା ଦେଇଛି । ଗିରଫଙ୍କ ମଧ୍ୟରେ ୪ଜଣ ଝାଡ଼ଖଣ୍ଡର ଥିବା ବେଳେ, ଅନ୍ୟ ଜଣେ କେନ୍ଦୁଝର ଜିଲ୍ଲାର । ଅଭିଯୁକ୍ତମାନେ ହେଲେ ଝାଡଖଣ୍ଡ




ପ୍ରଦେଶ ର ଗିରିଡିହ ଜିଲ୍ଲାର ଅଲ୍ଲା ହୁସେନ(୩୦),ମହମ୍ମଦ ଆନୱାର ଆନସାରୀ(୩୧),ମହମ୍ମଦ ସରତାଜ୍ ଆନସାରୀ(୨୦),ମହମ୍ମଦ ସରଫରାଜ ଓରଫ୍ ସମଫରାଜ(୩୬) ଏବଂ କେନ୍ଦୁଝର ଜିଲ୍ଲାର ବିଜୟ ଓରଫ୍ ଅଲେଖ କୁମାର ପାତ୍ର(୩୩) । ଏହି ଠକମାନେ ଏକ ଗ୍ୟାଙ୍ଗ ଗଠନ କରିଥିଲେ । ଏମାନେ ମୁଖ୍ୟତଃ ମହିଳା, ବେକାର ଯୁବକ, ଯୁବତୀ ଏବଂ ଗରିବ ଶ୍ରେଣୀର ଲୋକଙ୍କୁ ପ୍ରଲୋଭିତ କରି ସେମାନଙ୍କ ନାଁରେ ବ୍ୟାଙ୍କ ଆକାଉ[ ଖୋଲି ଆକାଉ[ ପିଛା ୫ହଜାରରୁ ୧୦ହଜାର ଟଙ୍କା ହିସାବରେ ଝାଡ଼ଖଣ୍ଡ ଜମତାରା ରେ ଥିବା ସାଇବର୍ ଠକଙ୍କୁ ବିକ୍ରି କରୁଥିଲେ । ଏଭଳି ୫୮ଟି ବ୍ୟାଙ୍କ ଆକାଉ[ ମାଧ୍ୟମରେ ଠକମାନେ ୧କୋଟି ୧୪ଲକ୍ଷ ୧୨ହଜାର ୬ଶହ ଟଙ୍କା ଠକେଇ କରିଛନ୍ତି । ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୪ ଜଣ ଝାଡ଼ଖଣ୍ଡର ଅଂଚଳର, ଯେଉଁମାନେ କେନ୍ଦୁଝରରେ ରଙ୍ଗମିସ୍ତ୍ରୀ ଓ କାଠମିସ୍ତ୍ରୀ ଭାବେ କାମ କରୁଥିଲେ ଓ ଅନ୍ୟଜଣେ କେନ୍ଦୁଝର ଜିଲ୍ଲାର ବୋଲି ସୂଚନା ଦେଇଛନ୍ତି ସଦର ଏସଡ଼ିପିଓ ସୁଦର୍ଶନ ଗଙ୍ଗୋଇ । ଲୋକମାନେ ସଚେତନ ହୋଇ ଏଭଳି କୌଣସି ଠକଙ୍କ କଥାରେ ପ୍ରଲୋଭିତ ନହେବାକୁ ଏସଡିପିଓ ନିବେଦନ କରିଛନ୍ତି ।

# କେନ୍ଦ୍ରାପଡାରେ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ

କେନ୍ଦ୍ରାପଡ଼ା,:କେନ୍ଦ୍ରାପଡା ଜିଲ୍ଲାର ୧୦୭ଟି ପରୀକ୍ଷା କେନ୍ଦ୍ରରେ ଆଜି ଓଡିଆ ବିଷୟରେ ପରୀକ୍ଷା ଦେଇଛନ୍ତି ୧୯ହଜାର ୪୭୨ଜଣ ଛାତ୍ରଛାତ୍ରୀ । ୧୯ହଜାର ୩୦୧ଜଣ ଆଜି ବାର୍ଷିକ ମାଟ୍ରିକ ପରୀକ୍ଷାର ମାତୃଭାଷା ଓଡିଆ ବିଷୟରେ ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧ୍ୟରୁ ୧୯୦୨୯ଜଣ ପରୀକ୍ଷା ଦେଇଥିବା ବେଳେ ୨୭୨ଜଣ ଅନୁପସ୍ଥିତ ଥିଲେ । ୨୬୩ଜଣ ମଧ୍ୟମା ଛାତ୍ରଛାତ୍ରୀ ଓଡିଆ ବିଷୟରେ ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧ୍ୟରୁ ୨୨୭ଜଣ ପରୀକ୍ଷା ଦେଇଥିବା ବେଳେ ୩୬ଜଣ ଅନୁପସ୍ଥିତ ଥିଲେ । ସେହିପରି ଓପନସ୍କୁଲର ୨୪୯ଜଣ ଛାତ୍ରଛାତ୍ରୀ ଓଡିଆ ବିଷୟରେ ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧ୍ୟରୁ ୨୧୬ଜଣ ପରୀକ୍ଷା ଦେଇଥିବା ବେଳେ ୩୩ଜଣ ଅନୁପସ୍ଥିତ ଥିଲେ । ଆଜି ଜିଲ୍ଲାର କୌଣସି ପରୀକ୍ଷା କେନ୍ଦ୍ରରେ କପି କରି କେହି ଧରାପଡିନଥିବା ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକଙ୍କ ଠାରୁ ସୂଚନା ମିଳିଛି ।

# କେନ୍ଦ୍ରାପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ପରୀକ୍ଷା ଆରମ୍ଭ

କେନ୍ଦ୍ରାପଡ଼ା :କେନ୍ଦ୍ରାପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ +୨ ପରୀକ୍ଷା ବୁଧବାର ଆରମ୍ଭ ହୋଇଛି । ମାର୍ଚ୍ଚମାସ ୨୫ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି +୨ପରୀକ୍ଷା ନିମନ୍ତେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷାକେନ୍ଦ୍ରରେ କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମେତ ୮ଟି ଘରୋଇ ଆବାସୀକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଛନ୍ତି । ଆଜି ପରୀକ୍ଷାର ପ୍ରଥମ ଦିବସରେ +୨ ବିଜ୍ଞାନର ଏମ.ଆଇ.ଏଲ. (ଓଡିଆ) ବିଷୟରେ ପରୀକ୍ଷା ଥିଲା । ଏହି ପରୀକ୍ଷା କେନ୍ଦ୍ରର ୧୭ଟି ହଲରେ ମୋଟ ୯୨୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ଏଥିରେ କେନ୍ଦ୍ରାପଡା କଲେଜର ୫୨ଜଣ ଅଧ୍ୟାପକ,ଅଧ୍ୟାପିକା ନିରୀକ୍ଷକ, ରିଲିଭର ଓ ଗେଟ୍ ଚେକିଙ୍ଗ ସୁପରଭାଇଜର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ବୋଲି ପରୀକ୍ଷା କେନ୍ଦ୍ରର ଉପଅଧୀକ୍ଷିକା ଡ. ବାସନ୍ତୀ ଶୁକ୍ଲା ସୂଚନା ଦେଇଛନ୍ତି । ଆସନ୍ତା କାଲି ଏହି କେନ୍ଦ୍ରରେ ଧନ୍ଦାମୂଳକଶିକ୍ଷା ବିଭାଗର ପଦାର୍ଥବିଜ୍ଞାନ ବିଷୟରେ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ୪୫ଜଣ ରେଗୁଲାର ଓ ୫ଜଣ ଏକ୍ସ ରେଗୁଲାର ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ଏହି ପରୀକ୍ଷା କେନ୍ଦ୍ରର ଅଧୀକ୍ଷକ ଭାବେ ଅଧ୍ୟାପକ ସେକ ହବିବ୍ ରହିଥିବା ବେଳେ ଉପଅଧୀକ୍ଷକ ଭାବେ ଅଧ୍ୟାପକ ସୁଦର୍ଶନ ପାତ୍ର ଅଛନ୍ତି ।

# ମେଟ୍ରିକ ପରୀକ୍ଷା ଆରମ୍ଭ,ନୀଳଗିରି ବ୍ଲକର ୧୪ ସେଂଟର ରେ ୨୪୦୫ ପରୀକ୍ଷାର୍ଥୀ ପରୀକ୍ଷା ଦେଲେ

ନୀଳଗିରି,(ନି.ପ୍ର.)ଆଜିଠାରୁ ସାରା ରାଜ୍ୟରେ ମେଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଆସନ୍ତା ମାର୍ଚ୍ଚ ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣା ପଡ଼ିଛି । ତେବେ ଆଜି ସକାଳ ୯ ଘଟିକାରୁ ପରୀକ୍ଷା ଆରମ୍ଭ ହୋଇଥିଲା ବେଳେ, ସକାଳ ୮,୧୫ ମିନିଟ ସମୟରେ ପରୀକ୍ଷା ସେ[ର କୁ ପରୀକ୍ଷାର୍ଥୀ ଙ୍କୁ ଲାଇନ ଅନୁସାରେ ପ୍ରବେଶ କରିଥିଲେ ।ପରେ ପରୀକ୍ଷାର୍ଥୀ ସିଟ ରେ ବସିବା ପରେ ସକାଳ ୮,୪୫ ମିନିଟ ରେ ଖାତା ଦିଆଯାଇଥିଲା । ଖାତାରେ ନାମ, ରୋଲ ନମ୍ବର, ସେ[ର ନମ୍ବର ପୂରଣ ପରେ ସକାଳ ୯ଘଟିକା ରେ ପ୍ରଶ୍ନ ପତ୍ର ଦିଆଯାଇଥିଲା । ପରୀକ୍ଷା ଶେଷ ହେବା ପରେ ଶାନ୍ତି ଶୃଙ୍ଖଳା ସହିତ ପରୀକ୍ଷାର୍ଥୀ ପରୀକ୍ଷା



ଦେଇଥିଲେ । ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ରେ ଚଳିତ ବର୍ଷ ମେଟ୍ରିକ ପରୀକ୍ଷା ଦେବାପାଇଁ ୨୪୬୭ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ୧୪ସେ[ର ରେ ୨୪୦୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୬୨ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଆସିନଥିଲେ । ନୀଳଗିରି ବ୍ଲକ ,ଏନଏସି ମିଶାଇ୧୨ଟି ସେ[ର ହୋଇଥିଲା ବେଳେ ଔପଦା ବ୍ଲକ ର ଈଶ୍ୱରପୁର ଓ ସନ୍ତରା ଗଡ଼ିଆ ସେ[ର ମିଶାଇ ୧୪ଟି ସେ[ର କୁ ନେଇନୋଡାଲ ସେ[ର ଟି ନୀଳଗିରି କୈଳାଶ ଚନ୍ଦ୍ର ହାଇସ୍କୁଲ ରେ ନୋଡାଲ ସେ[ର ଦ୍ୱାରା ପରିଚାଳିତ ହେଉଥିଲା ବେଳେ ଉକ୍ତ ନୋଡାଲ ସେ[ର ଦାୟତ୍ୱ ରେ କୌଶିକ କୁମାର ଦାସ ଥିଲେ । ସୁପରଭିଜନ ପାଇଁ ଏବିଓ ଓ ଶିକ୍ଷକ ମିଶି ସମୁଦାୟ ୧୪ ଜଣ ପର୍ଯ୍ୟବେକ୍ଷକ ନିୟୋଜିତ ଥିବାବେଳେ୧୧୨ରୁ ଉର୍ଦ୍ଧ୍ୱ ଶିକ୍ଷକଶିକ୍ଷୟତ୍ରୀ ଦାୟିତ୍ୱ ଥିଲେ ।

# ଦୁବାଇ ୨୦୨୬ ଆୟୋଜିତ ତୃତୀୟ ଆନ୍ତର୍ଜାତୀୟ ଆୟୁଷ ସମ୍ମିଳନୀରେ ଡ଼ା. ଜିତେଶ ଶର୍ମାଙ୍କୁ ବକ୍ତା ଭାବେ ସମ୍ମାନିତ

ଝାରସୁଗୁଡ଼ା(ନି.ପ୍ର.)- ଝାରସୁଗୁଡ଼ାରେ ଅବସ୍ଥିତ



ଜି.ଡ଼ି.ଏସ୍ ହୋମିଓପ୍ୟାଥି ହସ୍ପିଟାଲର ନିର୍ଦ୍ଦେଶକ ଡ଼ା. ଜିତେଶ ଶର୍ମାଙ୍କୁ ଦୁବାଇରେ ଆୟୋଜିତ ତୃତୀୟ ଆନ୍ତର୍ଜାତୀୟ ଆୟୁଷ ସମ୍ମିଳନୀରେ କୋ-ଚେୟାର ଏବଂ ଆମନ୍ତ୍ରିତ ବକ୍ତା ଭାବେ ସମ୍ମାନୀତ କରାଯାଇଛି । ଏହି ସମ୍ମିଳନୀ ୧୫ରୁ ୧୭ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଯୁକ୍ତ ଆରବ ଏମିରେଟସ୍ ?ର ଦୁବାଇ ବିଶ୍ୱ ଟ୍ରେଡ଼ ସେ[ରରେ ଆୟୋଜିତ ହୋଇଥିଲା ।ତିନି ଦିନୀୟ ଏହି ଅନ୍ତର୍ଜାତୀୟ ସମ୍ମିଳନୀରେ ବିଶ୍ୱର ବିଭିନ୍ନ ଦେଶରୁ ପ୍ରମୁଖ ଚିକିତ୍ସକ ଗବେଷକ,ଶିକ୍ଷାବିତ ଓ ନୀତି ନିର୍ମାତାମାନେ ଅଂଶ ଗ୍ରହଣ କରିଥିଲେ । ସମ୍ମେଳନର ମୂଳ ବିଷୟ ଥିଲା ସମଗ୍ର ଆରୋଗ୍ୟ ସେବା, ଇ[ଗ୍ରେଟିଭ ମେଡ଼ିସିନ ଓ ପ୍ରମାଣ ଭିତିକ ଆୟୁଷ ଚିକିତ୍ସା ପ୍ରଣାଳୀ ବିଶେଷ କରି ଅଟୋଇମ୍ୟୁନ ରୋଗ ଓ ଦୀର୍ଘକାଳୀନ ରୋଗ ମାନଙ୍କ ଉପରେ ଗଭୀର ଆଲୋଚନା ହୋଇଥିଲା ।ଏହି ସମ୍ମିଳନୀରେ ବିଶ୍ୱସ୍ତରୀୟ ପ୍ରସ୍ତୁତିମାନେ ସମଗ୍ର ଓ ଏକୀକୃତ ଆରୋଗ୍ୟ ପ୍ରତି ବୃଦ୍ଧିଶୀଳ ବିଶ୍ୱ ସ୍ୱୀକୃତିକୁ ପ୍ରଦର୍ଶନ କରିଥିଲା । ବକ୍ତା ଭାବେ ଡ଼ା. ଜିତେଶ ଶର୍ମାଙ୍କର ଅଂଶଗ୍ରହଣ ଭାରତୀୟ ହୋମିଓପଥିର ଆନ୍ତର୍ଜାତୀୟ ମଂଚରେ ବଢୁଥିବା ଅବଦାନକୁ ପ୍ରତିଫଳିତ କରେ । ଏହି ସଫଳତା ଝାରସୁଗୁଡ଼ା ଓ ଓଡିଶା ପାଇଁ ଗର୍ବର ବିଷୟ ଓ ଆୟୁଷ ଆନ୍ଦୋଳନରେ ଭାରତର ସ୍ଥାନକୁ ଆହୁରି ମଜବୁତ କରିଛି ।

# ଗହଣା ଦୋକାନୀ ଠୁଁ ଗହଣା ଲୁଟ୍ ଘଟଣାର ଭିନ୍ନ ମୋଡ଼

ନିଳଗିରି ,(ନି.ପ୍ର.):ଗତ କାଲି ବୁଧବାର ରାତି ପ୍ରାୟ ୯.୨୯ମିନିଟ୍ ସମୟରେ ସନ୍ତରାଗଡିଆ ବଜାରରେ ଥିବା କୃପାସିନ୍ଧୁ ଜୁଏଲାରୀର ମାଲିକ କୃପାସିନ୍ଧୁ ରଣା ଦୋକାନ ବନ୍ଦ କରି ନିଜ ବ୍ୟାଗ୍ ରେ ୩୭୫ଗ୍ରାମ ସୁନା ଅଳଙ୍କାର ନେଇ ଯାଉଥିବା ବେଳେ ହଠାତ୍ ଦୁଇଟି ବାଇକ୍ ରେ ୪ଜଣ ଯୁବକ ଆସି ବନ୍ଧୁକ ଦେଖାଇ ଲୁଟି ନେଇ ଫେରାର ହୋଇ ଯାଇଥିଲେ । ଖବର ପାଇ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ସଦଳବଳେ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ । ଘଟଣା ସ୍ଥଳରେ ଏସଡିପିଓ ପ୍ରମୋଦ ମଲ୍ଲିକ ଉକ୍ତ ରାତିରେ ବିଭିନ୍ନ ରାସ୍ତାରେ ପୋଲିସ ମୃତାୟନ କରି ଯାଂଚ କରିଥିଲେ । ଗୁରୁବାର ଦିନ ସାଇ[ଫିକ ଟିମ୍ ପହଂଚି ତଦନ୍ତ କରିଛନ୍ତି । ଘଟଣାର ତଦନ୍ତକାରି ଅଫିସର୍ ଖୋଦ୍ ଆଇ ଆଇ ସି ଗୋବର୍ଦ୍ଧନ ନାୟକ ଘଟଣା ସ୍ଥଳରୁ ବିଭିନ୍ନ ସି ସି, ଫୁଟେଜକୁ ସଂଗ୍ରହ କରିବା ପରେ ଫୁଟେଜ ଆଧାରରେ ତଦନ୍ତ ଆଗକୁ ଚାଲିଥିବା ବେଳେ ଫୁଟେଜ ରେ ଦୋକାନୀ,ତାଙ୍କ ପୁଅ, ମୂଲିଆ କୁ ନେଇ ଦ୍ୱନ୍ଦ ରେ ପୋଲିସ ପଡିଥିବା ବେଳେ ଦୋକାନୀ ପୋଲିସ ର ସନ୍ଦେହ ଘେରକୁ ଆସିଥିବା ପ୍ରାଥମିକ ତଦନ୍ତରୁ ଜଣା ପଡୁଛି ।ସମ୍ପୂର୍ଣ୍ଣ ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି । ଗହଣା ଦୋକାନର ମାଲିକ କୃପାସିନ୍ଧୁ ରଣା ଚୋରି ନେଇ ନୀଳଗିରି ଥାନାରେ ଏତଲା ଦେଇଥିବା ବେଳେ ପୋଲିସ କୃପାସିନ୍ଧୁ ରଣା, ପୁଅ ପ୍ରଶାନ୍ତ ରଣା ଓ ସତ୍ୟଜିତ ରଣା କୁ ଡାକି ଘଟଣାର ନିରପେକ୍ଷ ତଦନ୍ତ କରୁଛନ୍ତି । ଏନେଇ ନୀଳଗିରି ଥାନାରେ ପକ୍ଷରୁ ୮୫/୨୬ରେ ଏକ ମାମଲା ରୁଜୁ କରାଯାଇଛି ।

# ପ୍ରେମିକାକୁ ଦେହ ବ୍ୟବସାୟରେ ଲଗାଇବା ମାମଲା: ପ୍ରେମିକ ସମେତ ୪ କୋର୍ଟଚାଲାଣ

କେନ୍ଦ୍ରାପଡ଼ା(ନି.ପ୍ର.):ପ୍ରେମିକାକୁ ଦେହ ବ୍ୟବସାୟରେ ଲଗାଇବା ମାମଲାରେ ପୋଲିସ ଆଜି ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତମାନେ ହେଉଛନ୍ତି କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିନ ଅରୁଆକଦଳୀବଣ ଗ୍ରାମର ଅଭୟ ମଳିକଙ୍କ ପୁଅ ତଥା ଯୁବତୀଙ୍କ ପ୍ରେମିକ ବାପି ରାହୁଲ ମଳିକ(୩୦), ମାର୍ଶାଘାଇ ଥାନା ଅଧିନ କରଞ୍ଜି ଗ୍ରାମର ଭୀମସେନ ମଳିକଙ୍କ ପୁଅ ହିରଣ୍ୟ ମଳିକ(୩୬), ସେହି ଥାନା ଅଧିନ ଆଇତିପୁର ଗ୍ରାମର ଅମର ମଳିକଙ୍କ ପୁଅ ଅମିତ ମଳିକ(୧୯) ଓ କରମକୂଳ ଗ୍ରାମର ପ୍ରଶାନ୍ତ କୁମାର ମଳିକଙ୍କ ପୁଅ ଗଙ୍ଗାଧର ମଳିକ(୧୯) । ପୋଲିସର ସୂଚନା ଅନୁଯାୟୀ କେନ୍ଦ୍ରାପଡ଼ା ସଦର ଥାନା ଅଧିନ ଶ୍ୟାମଗୁଡିଆ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ଏକ ଲଜରେ ରାହୁଲ ନିଜ ପ୍ରେମିକାକୁ ଦେହ ବ୍ୟବସାୟରେ ଲଗାଇଥିଲା । ଏଥିସହ ସେ ବିହାର, ଉ□ରପ୍ରଦେଶ, ପଶ୍ଚିମବଙ୍ଗ ପ୍ରଭୃତି ସ୍ଥାନରୁ ଯୁବତୀମାନଙ୍କୁ ମଧ୍ୟ ଆଣି ଦେହ ବ୍ୟବସାୟରେ ଲଗାଇଥିଲା । ଏହି କାର୍ଯ୍ୟରେ ରାହୁଲକୁ ଉପରୋକ୍ତ ଅନ୍ୟ ୩ ଅଭିଯୁକ୍ତ ସହୟତା କରୁଥିଲେ । ଏହାମଧ୍ୟରେ ପ୍ରେମିକା ଗର୍ଭବତୀ ହେବା ସହ ଅସୁସ୍ଥ ହୋଇପଡିଲା । ଫଳରେ ପ୍ରେମିକ ଜଣଙ୍କ ତାଙ୍କୁ କେନ୍ଦ୍ରାପଡ଼ା ନୂଆ ବସଷ୍ଟାଣ୍ଡରେ ଛାଡି ଫେରାର ହୋଇ ଯାଇଥିଲା । ପୋଲିସ ଯୁବତୀଙ୍କୁ ସେଠାରୁ ଉଦ୍ଧାର କରି ଡାକ୍ତରଖାନାରେ ଭ□ କରିଥିଲା । ଏଥିସହିତ ପୋଲିସ ପ୍ରେମିକ ବାପି ରାହୁଲ କୁମାରଙ୍କୁ ଗିରଫ କରିଥିଲା । ତାକୁ ଗିରଫ କରିବା ପରେ ସେ ତାଙ୍କ ସହଯୋଗୀମାନଙ୍କ ନାଁ କହିଥିଲା । ଫଳରେ ପୋଲିସ ସେମାନଙ୍କୁ ମଧ୍ୟ ଗିରଫ କରିଥିଲା । ଅଭିଯୁକ୍ତମାନଙ୍କୁ ପୋଲିସ ଜେରା କରିବା ପରେ ଦେହ ବ୍ୟବସାୟରେ ସେମାନେ ଲିପ୍ତ ଥିବା କଥା ପୋଲିସ ପାଖରେ ସ୍ୱୀକାର କରିଥିଲେ ବୋଲି ସଦର ଥାନାଧିକାରୀ କାଦମ୍ବିନୀ ପ୍ରଧାନ ସୂଚନା ଦେଇଛନ୍ତି । ତାଙ୍କ ସୂଚନା ଅନୁଯାୟୀ ରାହୁଲ ପଡୋଶୀ ଜିଲ୍ଲାର ଜଣେ ଯୁବତୀଙ୍କ ସହ ଫେସବୁକରୁ ବନ୍ଧୁତା ଆରମ୍ଭ କରିଥିଲେ । ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢି ଉଠିଥିଲା । ଫଳରେ ଗତ ୩ ମାସ ହେବ ଯୁବତୀ ଜଣକ ଘରୁ ପ୍ରେମିକ ରାହୁଲଙ୍କ ପାଖକୁ ପଳାଇ ଆସିଥିଲେ । ରାହୁଲ ତାଙ୍କୁ ମେଡିକାଲ ନିକଟରେ ଥିବା ଏକ ଲଜରେ ରଖି ଦେହ ବ୍ୟବସାୟରେ ଲଗାଇଥିଲେ । ଏହାଦ୍ୱାରା ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ । ଗର୍ଭବତୀ ହେବା ପରେ ମଧ ପ୍ରେମିକ ଦେହ ବ୍ୟବସାୟରେ ତାଙ୍କୁ ଲଗାଇଥିଲା । ବିଭିନ୍ନ ଗ୍ରାହକଙ୍କ ସହ ବାରମ୍ବାର ଶାରୀରିକ ସଂପର୍କ ରଖିବା ଦ୍ୱାରା ଯୁବତୀଙ୍କ ଶରୀର ଅସୁସ୍ଥ ହୋଇପଡିଥିଲା ।

# ନୀଳଗିରି ମେଡିକାଲ ଘଟଣା: ରୋଗୀ ହୋଇ ଯାଇଥିବା ସାମ୍ବାଦିକଙ୍କୁ ଡାକ୍ତରଙ୍କ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ

ନୀଳଗିରି,(ନି.ପ୍ର.)ବାଲେଶ୍ୱର ଜିଲ୍ଲା ନୀଳଗିରି ରେ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ପେଟରେ ଯନ୍ତ୍ରଣା ହେବାରୁ ନୀଳଗିରି ମେଡିକାଲ କୁ ଚିକିତ୍ସା ପାଇଁ ଯାଇଥିବା ବେଳେ ଜୈନିକ ଡାକ୍ତର ଚିକିତ୍ସା କରିବା ପରିବର୍ତେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାକୁ ନେଇ ଅଂଚଳରେ ସାମ୍ବାଦିକ ମହଲରେ ଗୁଞ୍ଜରଣ ସୃଷ୍ଟି ହୋଇଛି । ନ୍ୟାୟ ପାଇଁ ସାମ୍ବାଦିକ ଜଣକ ନୀଳଗିରି ଥାନାରେ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ଘଟଣା ରୁ ପ୍ରକାଶ ନୀଳଗିରି ବ୍ଲକ ରେ କଳିଙ୍ଗ ଟିଭି ସାମ୍ବାଦିକ ଶ୍ରୀ ଜଗନ୍ନାଥ ଦାସ ଙ୍କ ପେଟରେ ଖୁବ୍ ଜୋର ଯନ୍ତ୍ରଣା ହେବାରୁ ସକାଳ ପ୍ରାୟ ୮:୩୦ ମିନିଟ ସମୟରେ ନୀଳଗିରି ଡାକ୍ତରଖାନାରେ ପହଂଚି ସମସ୍ତଙ୍କ ଭଳି ଲାଇନ୍ ଛିଡ଼ା ହୋଇ ସିରିଏଲ୍ ? ପଡ଼ିଲା ପରେ ଡାକ୍ତରଖାନାରେ ଉପସ୍ଥିତ ଥ?ବା ଡାକ୍ତର ଜତିନ ସୋରେନଙ୍କୁ ପେଟର ଯନ୍ତ୍ରଣା ସହିତ ଅନ୍ୟାନ୍ୟ ରୋଗ ସମ୍ପର୍କରେ ଅବଗତ କରାଇଥିଲେ । କୌଣସି କାରଣ ନଥାଇ ଡାକ୍ତର ସୋରେନ ହଠାତ୍ ? ଉତକ୍ଷୀପ୍ତ ହୋଇ ଜଗନ୍ନାଥଙ୍କୁ ଜାତିଆଣ କୁ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଉକ୍ତ ସମୟରେ ଡ଼ାକ୍ତର ସୋରେନ ଙ୍କ ପାଖରେ ବସିଥିବା ଡ଼ାକ୍ତର ଅଭିଲିପ୍ସା ମହାନ୍ତି ଙ୍କ ସହିତ କୌଣସି କଥାବାର୍ତା ନୋହୋଇ ମଧ ସେ ତାଙ୍କ ଚେୟାରରୁ ହଠାତ୍ ଉଠିଆସି ବିନା କାରଣରେ ସୋରେନ ଡ଼ାକ୍ତର ସାରଙ୍କ ସହିତ ମିଶି ତୁ ବେଶୀ ସାମ୍ବାଦିକତା ଦେଖେଇ ହଉଛୁ ବୋଲି, ତମର ଯୋଗ୍ୟତା କେତେ, ଏବଂ ଧକ୍କା ମାରି ବାହାର କରିଦିଅ ବୋଲି ଧମକ ଦେଇଥିଲେ । ଏଥି ସହିତ ତମେ ସବୁ ସାମ୍ବାଦିକ ନେତା, ମନ୍ତ୍ରୀ, ବିଧାୟକ,ସାଂସଦ ମାନଙ୍କ ସହିତ ମିଶି ଚୋରି କରି ଦୁନିଆଟାକୁ ଲୁଟପାଟ କରୁଛ ବୋଲି ଜୋର ପାଟିରେ ଚିତ୍କାର କରିଥିଲେ । ଆମ୍ଭର ସଂଘ ଅଛି ତମର ବିଧାୟକ କିମ୍ବା ସାଂସଦ କୌଣସି ନେତା ଆମ୍ଭର କିଛିବି କରିପାରିବ ନାହିଁ ବୋଲି ସାମ୍ବାଦିକଙ୍କୁ କହି ଧକ୍କା ମାଟି ବାହାର କରିଦେଇଥିଲେ । ଯାହା ଦ୍ୱାରା କି ସର୍ବ ସାଧାରଣରେ ଲଜ୍ଜିତ ତଥା ଅପମାନିତ ହେବା ସହିତ ମାନ ସମ୍ମାନ ହାନି ହୋଇଅଛି ବୋଲି ନୀଳଗିରି ଥାନାରେ ଜଗନ୍ନାଥ ଅଭିଯୋଗ ଆଣିଛନ୍ତି । ସେ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ତାଙ୍କ ସହିତ ଥିବା ସହଯୋଗୀ ସାମ୍ବାଦିକ ସତ୍ୟବ୍ରତ ମହାଳିକ ଏବଂ ପାର୍ଥ ସାରଥୀ ଦାସବାବୁ ଙ୍କ ସହଯୋଗରେ ବାହାରକୁ ଆସିଥିଲେ । ଯାହାକି ସମସ୍ତ ଘଟଣା ଡାକ୍ତରଖାନାରେ ଥିବା ସିସିଟିଭି ରେ ରେକର୍ଡ ଭୁକ୍ତ ହୋଇଅଛି ।ତେବେ ଉକ୍ତ ଘଟଣାର ଉଚିତ୍ ତଦନ୍ତ କରି ଦୋଷୀ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ସାମ୍ବାଦିକ ଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରାଯାଇଛି । ଏନେଇ ଜଗନ୍ନାଥ ନୀଳଗିରି ଉପଜିଲ୍ଲାପାଳ, ବାଲେଶ୍ୱର ଜିଲ୍ଲାପାଳ, ନୀଳଗିରି ମେଡିକାଲ ଅଫିସର, ବାଲେଶ୍ୱର ମେଡିକାଲ ଅଫିସର, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ମୁଖ୍ୟମନ୍ତ୍ରୀ, ନୀଳଗିରି ବିଧାୟକ ଏବଂ ବାଲେଶ୍ୱର ସାଂସଦ ଙ୍କୁ ପତ୍ର ଲେଖିଥିବା ଜଣାପଡ଼ିଛି ।

# ଆସନ୍ତା ୨୦ରେ ମକର ମହୋତ୍ସବ

କେନ୍ଦ୍ରାପଡ଼ା,:ପ୍ରକୃତିମିତ୍ର ମା'ବୁଢୀ ଜାଗୁଳାଇ ପାଲା ସଙ୍ଘ, କେନ୍ଦ୍ରାପଡା ପକ୍ଷରୁ ଆସନ୍ତା ୨୦ତାରିଖରେ ଦୁହୁରିଆସ୍ଥିତ ବିଲେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ମକର ମହୋତ୍ସବ - ୨୦୨୬ ଅନୁଷ୍ଠିତ ହେବ । ଏହି ଉତ୍ସବକୁ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏଥିରେ ପ୍ରାବନ୍ଧିକ ଅମରେନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେବେ । ଏହି ଅବସରରେ ସଙ୍ଘ ପକ୍ଷରୁ ବରିଷ୍ଠ ବୃଦ୍ଧବୃଦ୍ଧାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ବାଦିପାଲା ଓ ନୃତ୍ୟସଂଗୀତ ମହୋତ୍ସବ ମଧ୍ୟ ଅନୁଷ୍ଠିତ ହେବ ବୋଲି ସଙ୍ଘ ପକ୍ଷରୁ ଗଗନବିହାରୀ ସିଂହ ଜଣାଇଛନ୍ତି ।

# ଫେବୃୟାରୀ ୨୬ରେ ତାମିଲନାଡୁ ଗସ୍ତ କରିବେ ମୁଖ୍ୟ ନିର୍ବାଚନ କମିଶନର



ଚେନ୍ନାଇ : ତାମିଲନାଡୁ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ତମିଳନାଡୁ ଗସ୍ତ ନିର୍ଦ୍ଧାରିତ ହୋଇଛି । ସେ ୨୬ ଓ ୨୭ ଫେବୃଆରୀରେ ରାଜ୍ୟ ଗସ୍ତ କରିବେ । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ୨୬ ଫେବୃଆରୀ (ଗୁରୁବାର) ଓ ୨୭ ଫେବୃଆରୀ (ଶୁକ୍ରବାର)ରେ ଚେନ୍ନାଇରେ ରହିବେ । ତାଙ୍କ ଗସ୍ତ ସମୟରେ ସେ ରାଜ୍ୟର ମାନ୍ୟତାପ୍ରାପ୍ତ ରାଜନୈତିକ ଦଳମାନଙ୍କ ପ୍ରତିନିଧି, ଜିଲ୍ଲା ନିର୍ବାଚନ ଅଧିକାରୀ, ବରିଷ୍ଠ ପୁଲିସ ଅଧିକାରୀ ଓ ଅନ୍ୟାନ୍ୟ ପ୍ରଶାସନିକ କର୍ମଚାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ । ତାଙ୍କ ଗସ୍ତ ପରେ ତାମିଲନାଡୁ ବିଧାନସଭା ନିର୍ବାଚନର ତାରିଖକୁ ଅନ୍ତିମ ରୂପ ଦିଆଯିବ । ଆଶା କରାଯାଉଛି ଯେ ମାର୍ଚ୍ଚ ମାସର ମଧ୍ୟଭାଗରେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରାଯିବ ଏବଂ ଏହାସହ ଆଚରଣ ବିଧି ଲାଗୁ ହେବ । ତାମିଲନାଡୁ ସହିତ ପୁଡୁଚେରୀ, କେରଳ, ଆସାମ, ପଶ୍ଚିମବଙ୍ଗ ସମେତ ପାଂଚଟି ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗର ଡେପୁଟି କମିଶନର ଦଳ ସମ୍ବନ୍ଧିତ ରାଜ୍ୟଗୁଡ଼ିକର ଗସ୍ତ କରୁଛନ୍ତି ଏବଂ ସରକାରୀ ବିଭାଗର ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରୁଛନ୍ତି ।

# ଶିମିଳିପାଳରେ ହେବ ହେଲିପ୍ୟାଡ୍



ଭୁବନେଶ୍ୱର: ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳରେ ହେବ ହେଲିପ୍ୟାଡ୍ । ଏନେଇ ବିଧାନସଭା ଗୃହରେ ପରିବହନ ମନ୍ତ୍ରୀ ବିଭୂତି ଜେନା ସୂଚନା ଦେଇଛନ୍ତି । ଆବଶ୍ୟକୀୟ ଜମି ନିରୂପଣ ପାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଛି ବୋଲି ସେ କହିଛନ୍ତି । ଭୁବନେଶ୍ୱର-ଗୋପାଳପୁର, ଭୁବନେଶ୍ୱର-ଶିମିଳିପାଳକୁ ହେଲିଟ୍ୟାକ୍ସି ସେବା ଜାରି ରହିଛି । ହେଲିଟ୍ୟାକ୍ସି ସେବା ପାଇଁ 'ପବନ ହଂସ ଲିଃ'କୁ ମନୋନୀତ କରାଯାଇଛି । ମାତ୍ର ୨୫୦୦ ଟଙ୍କା ଦେଇ ପର୍ଯ୍ୟଟକମାନେ ଏହି ହେଲିଟ୍ୟାକ୍ସି ଯାତ୍ରାର ସୁବିଧା ନେଇପାରିବେ । ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ସହଯୋଗରେ ପବନ ହଂସ ପକ୍ଷରୁ ଏହି ହେଲିଟ୍ୟାକ୍ସି ସେବା ଆରମ୍ଭ କରାଯାଇଛି । ଏହା ଦ୍ୱାରା ଗଞ୍ଜାମ ଜିଲ୍ଲାର ପର୍ଯ୍ୟଟନକୁ ନୂଆ ଗତି ମିଳିବ ବୋଲି ଆଶା କରାଯାଉଛି । ଏହି ସେବା ମାଧ୍ୟମରେ ପର୍ଯ୍ୟଟକମାନେ ମା' ତାରାତାରିଣୀ, ଚିଲିକା, ସାତପଡ଼ା, ମା'ନାରାୟଣୀ ପୀଠ ଏବଂ ଗୋପାଳପୁର ବେଳାଭୂମି ଭଳି ସ୍ଥାନ ଗୁଡ଼ିକୁ ଆକାଶମାର୍ଗରୁ ପରିକ୍ରମା କରିପାରିବେ ।



# ମାନବତାର କଲ୍ୟାଣ ପାଇଁ ଏଆଇ ହେଉଛି ଏକ ସହଭାଗୀ ସମ୍ବଳ : ପ୍ରଧାନମନ୍ତ୍ରୀ


ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆୟୋଜିତ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ ଅବସରରେ ଲିଡର୍ସ ପ୍ଲାନେରି ଅଧିବେଶନରେ ଉଦବୋଧନ ଦେଇଥିଲେ । ଶିଖର ସମ୍ମିଳନୀକୁ ଅଂଶଗ୍ରହଣକାରୀମାନଙ୍କୁ ପୁଣି ଥରେ ସ୍ୱାଗତ ଜଣାଇ ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଥିଲେ ଯେ ଏହି ସମ୍ମିଳନୀ ଏକ ମାନବ-କୈନ୍ଦ୍ରିକ ଓ ସଂବେଦନଶୀଳ ବୈଶ୍ୱିକ ଏଆଇ ଇକୋସିଷ୍ଟମ ତିଆରି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ଇତିହାସ ଦର୍ଶାଏ ଯେ ମଣିଷ ସବୁବେଳେ ସମସ୍ୟାକୁ ସୁଯୋଗରେ ରୂପାନ୍ତରିତ କରିଛି ଓ ଆଜି ସେହିପରି ଏକ ସୁଯୋଗ ଆସିଛି ଯେତେବେଳେ ଏକ ସମସ୍ୟାକୁ ମାନବଜାତିର ସବୁଠାରୁ ବଡ଼ ସୁଯୋଗରେ ପରିଣତ କରାଯାଇପାରିବ । ଭଗବାନ ବୁଦ୍ଧଙ୍କ ବାଣୀ 'ସଠିକ୍ ବୁଝାମଣାରୁ ସଠିକ୍ କାର୍ଯ୍ୟ ଉତ୍ପନ୍ନ ହୁଏ' କୁ ଉଦ୍ଧାର କରି ଶ୍ରୀ ମୋଦୀ ସମୟୋଚିତ, ଉଚିତ୍ ମନୋଭାବ ଓ ସଠିକ ନିଷ୍ପତି ସହ ଏଆଇର ସକାରାତ୍ମକ ପ୍ରଭାବ ଲାଗି ଏକ ରୋଡମ୍ୟାପ୍ ପ୍ରସ୍ତୁତ ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ କୋଭିଡ୍ ବିଶ୍ୱ ମହାମାରୀ ସମୟରେ ବିଶ୍ୱ ଦେଖିଥିଲା ଯେ ଯେତେବେଳେ ଦେଶମାନେ ଏକାଠି ହୁଅନ୍ତି ଅସମ୍ଭବ ସମ୍ଭବ ହୁଏ । ଏହି ସହଯୋଗ ପ୍ଲାଟଫର୍ମର ଉଦାହରଣ ଦେଇ ସେ କହିଥିଲେ ଯେ ପ୍ରଯୁକ୍ତିବିଦ୍ୟା ମାନବତାର କିପରି ସେବା କରେ ବିଗତ ବର୍ଷମାନଙ୍କରେ ଭାରତ ଏକ ଗତିଶୀଳ ଡିଜିଟାଲ୍ ଜନ ଭିତିଭୂମି ତିଆରି କରି ବିଶ୍ୱ ସହ




ସମାଧାନ ପ୍ରଦାନ କରିଥିଲା-ଟୀକା ବିକାଶଠାରୁ ଆରମ୍ଭ କରି ଯୋଗାଣ ଶୃଙ୍ଖଳ ପର୍ଯ୍ୟନ୍ତ, ଡାଟା ଆଦାନପ୍ରଦାନଠାରୁ ଆରମ୍ଭ କରି ଜୀବନ ବଂଚାଇବା ପର୍ଯ୍ୟନ୍ତ । କୋଟି କୋଟି ଲୋକଙ୍କୁ ଠିକ ସମୟରେ ଟୀକାକରଣ ସମ୍ଭବ କରିଥିବା ଡିଜିଟାଲ ଟୀକା ତାହା ଭାରତ ଦେଖାଇଥିଲା । ସେ କହିଥିଲେ ଯେ କଠିନ ସମୟରେ ବି ୟୁପିଆଇ ନିରବଚ୍ଛିନ୍ନ ଅନଲାଇନ ନେଣଦେଣ ସମ୍ଭବ କରୁଛି ଓ ଡିଜିଟାଲ ବିଭେଦ ଦୂର କରିବାରେ ବଡ଼ ଭୂମିକା ନିର୍ବାହ କରୁଛି । ସେ କହିଥିଲେ ଯେ ବିତରଣ କରିଛି । ଭାରତ ପାଇଁ ପ୍ରଯୁକ୍ତିବିଦ୍ୟା ଶକ୍ତିର ଏକ ମାଧ୍ୟମ ନୁହେଁ, ବରଂ ସେବାର ଏକ ମାଧ୍ୟମ, ଏହା ଆଧିପତ୍ୟ ପାଇଁ ନୁହେଁ ବରଂ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ । ମାନବତାର କଲ୍ୟାଣ ପାଇଁ ଏଆଇ ବି ଏହି ଦିଗରେ ଅଗ୍ରଗତି କରିବା ଉଚିତ ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଅତୀତରେ ପ୍ରଯୁକ୍ତିବିଦ୍ୟା ବିଭାଜନ ସୃଷ୍ଟି କରିଥିଲା, କିନ୍ତୁ ଏବେ ଏଆଇ ସମସ୍ତଙ୍କ ପାଇଁ ସୁଗମ ଏବଂ ସୁଲଭ ହେବା ଉଚିତ । ସେ ଗୁରୁତ୍ୱାରୋପ କରିଥିଲେ ଯେ ଏଆଇର ଭବିଷ୍ୟତ ବିଷୟରେ ଆଲୋଚନା କରିବା ସମୟରେ, ବିଶ୍ୱ ଦକ୍ଷିଣର ଆକାଂକ୍ଷା ଏବଂ ପ୍ରାଥମିକତାକୁ ଏଆଇ ଶାସନର ମୂଳରେ ରଖିବା ଉଚିତ । ଶ୍ରୀ ମୋଦୀ ଆଲୋକପାତ କରିଥିଲେ ଯେ ନୈତିକତା ସର୍ବଦା ମାନବ ପ୍ରଗତିର ମୂଳରେ ରହିଛି, କିନ୍ତୁ ଏଆଇ ସହ ଅନୈତିକ ଆଚରଣର ପରିସର ଅସୀମ ହୋଇଯାଇଛି । ସେ ଗୁରୁତ୍ୱାରୋପ କରିଥିଲେ ଯେ ଏଆଇ ପାଇଁ ନୈତିକ ମାନଦଣ୍ଡ ମଧ୍ୟ ଅସୀମ ହେବା ଉଚିତ । ସେ କହିଥିଲେ ଯେ ଏଆଇ କମ୍ପାନୀଗୁଡ଼ିକର କେବଳ ଲାଭ ଉପରେ ନୁହେଁ ବରଂ ଉଦ୍ଦେଶ୍ୟ ଉପରେ ମଧ୍ୟ ଧ୍ୟାନ ଦେବା ଏକ ବିରାଟ ଦାୟିତ୍ୱ । ସେ ଦୃଢ଼ ନୈତିକ ପ୍ରତିବଦ୍ଧତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ ବ୍ୟକ୍ତିଗତ ସ୍ତରରେ, ଏଆଇ ପୂର୍ବରୁ ମାନବ ଶିକ୍ଷା, ବୁଦ୍ଧିମତା ଏବଂ ଭାବନାକୁ ପ୍ରଭାବିତ କରୁଛି ।

# ତିନି ଦିନିଆ ଆସାମ ଗସ୍ତରେ ଯିବେ ଅମିତ ଶାହ


ଗ୍ୱୌହାଟୀ : ଅମିତ ଶାହ ଗୁରୁବାର ରାତିରେ ଆସାମର କଛାର ଜିଲ୍ଲା ମୁଖ୍ୟାଳୟ ସହର ସିଲଚାରରେ ପହଂଚିବେ । ତାଙ୍କର ଏହି ତିନିଦିନିଆ ଆସମ ଗସ୍ତ ସେହି ସମୟରେ ହେଉଛି, ଯେତେବେଳେ ଆସନ୍ତା କିଛି ଦିନ ମଧ୍ୟରେ ବିଧାନସଭା ନିର୍ବାଚନ ଆୟୋଜିତ ହେବାକୁ ଯାଉଛି । ପୁଲିସ ଅଧିକାରୀମାନଙ୍କ କହିବା ଅନୁସାରେ, ଶାହ ୨୦ ଫେବୃଆରୀରେ ଭାରତ-ବାଂଲାଦେଶ ସୀମା ସ୍ଥିତ ବିଏସଏଫର ନୌତନପୁର ସୀମା ଚୌକୀ ପରିଦର୍ଶନ କରିବା ପୂର୍ବରୁ ସିଲଚରରେ ରାତି ବିତାଇବେ ଏବଂ ସେଥିରେ ସୁରକ୍ଷା ପରିସ୍ଥିତିର



ସମୀକ୍ଷା କରିବେ । ଏହି ଅଗ୍ରିମ ସୀମା ଚୌକୀ ଦର୍ଶନ ସମୟରେ ନିର୍ବାଚନ ପୂର୍ବରୁ ସୀମା ପରିଚାଳନା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ନୌତନପୁରରେ, ଅମିତ ଶାହ ଭାଇବ୍ରାଂଟ ଭିଲେଜ ପ୍ରୋଗ୍ରାମ (ଭିଭିପି) ଆରମ୍ଭ କରିବେ, ଯାହା ସୀମା ଅଂଚଳରେ ପ୍ରାଥମିକ ଢାଂଚାକୁ ସୁଦୃଢ଼ କରିବା ଏବଂ ଜୀବିକାର ସୁଧାର ପାଇଁ କେନ୍ଦ୍ର ସରକାରଙ୍କ ଏକ ପ୍ରୟାସ । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଲା ଚାକିରି ସୃଷ୍ଟି କରିବା ଏବଂ ସଂଯୋଗ ବ୍ୟବସ୍ଥାକୁ ଉନ୍ନତ କରି ଦୂରସ୍ଥ ଗ୍ରାମଗୁଡ଼ିକରୁ ପ୍ରବାସକୁ ରୋକିବା ।

# ସମସ୍ତ କୃଷି ମନ୍ତ୍ରଣାଳୟ କାର୍ଯ୍ୟକ୍ରମ ଏବେ ବୃକ୍ଷରୋପଣ ସହିତ ଆରମ୍ଭ ହେବ : ଶିବରାଜ ସିଂହ ଚୌହାନ

ନୂଆଦିଲ୍ଲୀ : କେନ୍ଦ୍ର କୃଷି, କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଗୁରୁବାର କହିଛନ୍ତି ଯେ ସମସ୍ତ ମନ୍ତ୍ରଣାଳୟ କାର୍ଯ୍ୟକ୍ରମ ଏବେ ବୃକ୍ଷରୋପଣ ସହିତ ଆରମ୍ଭ ହେବ । କୃଷି ବିଶ୍ୱବିଦ୍ୟାଳୟରେ ସମାବର୍ତ୍ତନ



ଉତ୍ସବରେ ପ୍ରଥମେ ବୃକ୍ଷରୋପଣ କରାଯିବ, ଏବଂ ଛାତ୍ରଛାତ୍ରୀମାନଙ୍କୁ ଜୀବନସାରା ସେମାନଙ୍କ ଜନ୍ମଦିନରେ ଗଛ ଲଗାଇବା ପାଇଁ ପ୍ରତିଜ୍ଞା ନେବାକୁ କୁହାଯିବ । କେଭିକେ, କୃଷି କଲେଜ ଏବଂ ଗବେଷଣା ସହିତ ଜଡିତ ଯେକୌଣସି କାର୍ଯ୍ୟକ୍ରମରେ ବୃକ୍ଷରୋପଣ ଏକ ବାଧ୍ୟତାମୂଳକ ପ୍ରାରମ୍ଭିକ ପଦକ୍ଷେପ ହେବ । 'ଦିନେ ଗୋଟିଏ ଗଛ ଲଗାଅ' ପ୍ରତିଜ୍ଞାର ପାଂଚ ବର୍ଷ ପୂରଣ ଅବସରରେ ଗୁରୁବାର ପୁସାର ଏପି ସିନ୍ଦେ ହଲରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ଉଦବୋଧନ ଦେଉଥିଲେ । ଏହି ଅବସରରେ ସାଧ୍ୱୀ ରୀତାମ୍ବର, ପରିବେଶବିତ୍ ଡକ୍ଟର ଅନିଲ ଜୋଶୀ, ଆଇସିଏଆର ମହାନିର୍ଦ୍ଦେଶକ ଡକ୍ଟର ଏମ୍.ଏଲ୍. ଜାଟ ଏବଂ ସାଧନା ସିଂହ ଉପସ୍ଥିତ ଥିଲେ ।

# ଦକ୍ଷିଣ ଓଡ଼ିଶାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ପ୍ରମୁଖ ରେଳ ଭିତିଭୂମିର ପ୍ରୋତ୍ସାହନ

ଭୁବନେଶ୍ୱର : ଦକ୍ଷିଣ ଓଡ଼ିଶାରେ ରେଳ ଭିତିଭୂମି ଏବଂ ଆଂଚଳିକ ବିକାଶକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ସ୍ୱରୂପ, ପ୍ରଥମ ପର୍ଯ୍ୟାୟ ଅନ୍ତର୍ଗତ ୯୩.୧୯ କୋଟି ଟଙ୍କା ବ୍ୟୟରେ ବ୍ରହ୍ମପୁର ରେଳ ଷ୍ଟେସନର ପୁନଃବିକାଶକୁ ମଞ୍ଜୁର କରାଯାଇଛି । ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଷ୍ଟେସନକୁ ଏକ ଆଧୁନିକ, ଯାତ୍ରୀ ଅନୁକୂଳ, ସ୍ମାର୍ଟ ଏବଂ ସ୍ଥାୟୀ ପରିବହନ ହବ୍ ଭାବରେ ପରିଣତ କରିବା ଯାହା ଭବିଷ୍ୟତର ଅଭିବୃଦ୍ଧି ଆବଶ୍ୟକତାକୁ ଆରାମରେ ପୂରଣ କରିପାରିବ । ଓଡ଼ିଶାର ସିଲ୍କ ସିଟି ଭାବେ ଜଣାଶୁଣା ବ୍ରହ୍ମପୁର ଏବଂ ଗୋପାଳପୁର ସମୁଦ୍ର ବେଳାଭୂମି ଏବଂ ତାରାତାରିଣୀ ମନ୍ଦିର ଭଳି ପ୍ରସିଦ୍ଧ ସ୍ଥାନଗୁଡ଼ିକର ପ୍ରବେଶ ଦ୍ୱାର ଭାବରେ ପରିଚିତ ବ୍ରହ୍ମପୁର ରେଳ ଷ୍ଟେସନ, ଏହି ଅଂଚଳର ସବୁଠାରୁ ପୁରୁଣା ଏବଂ ବ୍ୟସ୍ତବହୁଳ ରେଳ ଷ୍ଟେସନ ମଧ୍ୟରୁ ଗୋଟିଏ । ଅଦ୍ୟତନ କରାଯାଉଥିବା ଏହି ଷ୍ଟେସନଟି ପୀକ୍ ଆୱରରେ



୫,୦୦୦ରୁ ଅଧିକ ଯାତ୍ରୀ ଭିଡ଼କୁ ସୁଚାରୁ ଭାବେ ପରିଚାଳନା କରିବା ପାଇଁ ଡିଜାଇନ୍ କରାଯାଉଛି, ଯାହା ଫଳରେ ଭିଡ଼ ସମୟ ଏବଂ ପର୍ବପର୍ବାଣୀ ଭିଡ଼ ସମୟରେ ମଧ୍ୟ ସୁଗମ ଏବଂ ବାଧାମୁକ୍ତ ଗତିବିଧି ସୁନିଶ୍ଚିତ ହେବ । ପୁନଃବିକାଶର ସବୁଠାରୁ ସ୍ୱତନ୍ତ୍ର ଦିଗଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି 'କଳା ଏକ ପରିଚୟ ' ଧାରଣା । ଷ୍ଟେସନ୍ ?ର ବାହ୍ୟ ଭାଗ ଏବଂ ଆଭ୍ୟନ୍ତରୀଣ ସ୍ଥାନଗୁଡ଼ିକରେ ବ୍ରହ୍ମପୁରର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିବ, ବିଶେଷକରି ଏହାର ପ୍ରସିଦ୍ଧ ରେଶମ ପରମ୍ପରା । ସ୍ଥାନୀୟ କଳାରୂପରୁ ପ୍ରେରିତ ବିଭିନ୍ନ ଉପାଦାନଗୁଡ଼ିକୁ ଚିନ୍ତନମୂଳକ ଭାବରେ ଡିଜାଇନରେ ସମନ୍ୱିତ କରାଯିବ, ଯାହା ଷ୍ଟେସନକୁ କେବଳ ଏକ ପରିବହନ କେନ୍ଦ୍ର ସ୍ଥଳ ନୁହେଁ, ବରଂ ଏକ ଐତିହାସିକ ସ୍ଥାନ ଭାବରେ ଝଲସିବ ଯାହା ସହରର ସାଂସ୍କୃତିକ ଗର୍ବ ଏବଂ ପରିଚୟକୁ ପ୍ରତିନିଧିତ୍ୱ ପ୍ରତିନିଧିତ୍ୱ କରୁଥିବା ଏକ ପ୍ରତୀକାତ୍ମକ ସ୍ଥାନ ଭାବେ ପରିଣତ ହେବ । ଦିନକୁ ପ୍ରାୟ ୧୬୨ଟି ଟ୍ରେନ୍‌ର ଚଳାଚଳ ସହ ଗଞ୍ଜାମ, କନ୍ଧମାଳ, ରାୟଗଡା, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାର ଯାତ୍ରୀମାନଙ୍କୁ ସେବା ଯୋଗାଇଥିବା ବ୍ରହ୍ମପୁର ରେଳ ଷ୍ଟେସନ ଦକ୍ଷିଣ ଓଡ଼ିଶାର ଆର୍ଥିକ ଓ ସାମାଜିକ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରୁଛି।। ଏହି ପୁନଃବିକାଶ ପ୍ରକଳ୍ପ ଭିଡ଼ ହ୍ରାସ କରିବା, ସୁରକ୍ଷା ବୃଦ୍ଧି, ଯାତ୍ରୀ ସୁବିଧାରେ ଉନ୍ନତି ଆଣିବ ଏବଂ ଏକ ପ୍ରମୁଖ ବାଣିଜ୍ୟିକ ଏବଂ ପର୍ଯ୍ୟଟନ କେନ୍ଦ୍ର ଭାବରେ ସହରର ସ୍ଥିତିକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ ।

# ରାଂଚି ଆକାଶବାଣୀ କେନ୍ଦ୍ରରେ 'ବିକଶିତ ଭାରତ ୨୦୪୭' ଉପରେ ଆଲୋଚନା

## ଏଫ ଏମ୍ ପ୍ରସାରଣର ସମ୍ପୂର୍ଣ୍ଣ ଉପଯୋଗ ପାଇଁ ପରାମର୍ଶ ଦେଲେ ପିଆଇବି ଏଡିଜି

ରାଂଚି : ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ପତ୍ର ସୂଚନା କାର୍ଯ୍ୟାଳୟ ରାଂଚି/ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ରାଂଚିକୁ ତାଙ୍କର ତିନି ଦିନିଆ ଗସ୍ତରେ ଯାଇ ଆଜି ରାଂଚି ଆକାଶବାଣୀ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରିବା ସହିତ 'ବିକଶିତ ଭାରତ ୨୦୪୭' ଲକ୍ଷ୍ୟ ସମ୍ପର୍କରେ ଗଣମାଧ୍ୟମ ଏବଂ ପ୍ରସାରଣ କ୍ଷେତ୍ରରେ ହେଉଥିବା ଡିଜିଟାଲ ପରିବର୍ତନ ଉପରେ ବିସ୍ତୃତ ଭାବେ ମତ ବିନିମୟ କରିଥିଲେ । ଶ୍ରୀ ମିଶ୍ର କହିଥିଲେ ଯେ ସମଗ୍ର ବିଶ୍ୱରେ ଡିଜିଟାଲ ପରିବର୍ତନ ଦ୍ରୁତ ଗତିରେ ଘଟୁଛି ଏବଂ ଭାରତ ମଧ୍ୟ ଏହି ପରିବର୍ତନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ସେ କହିଛନ୍ତି ଯେ ଜନସାଧାରଣଙ୍କ ସୂଚନା ଏବଂ ମନୋରଞ୍ଜନର ଅନେକ ଧାରା ପ୍ରଚଳିତ ରହିଛି, ଯାହା ୩୦ ବର୍ଷ ପୂର୍ବେ ନଥିଲା । ବୈଷୟିକ ପ୍ରଗତି ସହ ସ୍ଥାନୀୟ କଂଟେଂଟର



ବ୍ୟବହାର ଢାଂଚାରେ ବ୍ୟାପକ ପରିବର୍ତନ ଆସିଛି, ଯାହା ସୂଚନା ପ୍ରସାର ପ୍ରକ୍ରିୟାକୁ ମଧ୍ୟ ପ୍ରଭାବିତ କରିଛି । ନୂତନ ମନୋରଞ୍ଜନ ମାଧ୍ୟମ ଏବଂ ଡିଜିଟାଲ ପ୍ଲାଟଫର୍ମର ଆଗମନ ସହିତ, ବିଷୟବସ୍ତୁର ପ୍ରକୃତି ଏବଂ ଏହାର ଚାହିଦା କ୍ରମାଗତ ଭାବରେ ବଦଳୁଛି । ସେ କହିଥିଲେ ଯେ ଗଣମାଧ୍ୟମ କ୍ଷେତ୍ରରେ ଆଜି ଗୁରୁତ୍ୱ ମଧ୍ୟ ବୃଦ୍ଧି ପାଇଛି । ବିଶେଷ କରି ରାଂଚି ଭଳି ସହରରେ ଏହା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ । ଶ୍ରୀ ମିଶ୍ର ଆକାଶବାଣୀ କେନ୍ଦ୍ରର କର୍ମଚାରୀମାନଙ୍କୁ ପ୍ରଶଂସା କରି କହିଥିଲେ ଯେ ସ୍ଥାନୀୟ ବିଷୟବସ୍ତୁ ଏବଂ ଆଂଚଳିକ ସାମଗ୍ରୀକୁ ପ୍ରୋତ୍ସାହିତ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଫ.ଏମ. ପ୍ରସାରଣରେ ସୃଜନଶୀଳତାର ବିପୁଳ ସମ୍ଭାବନା ରହିଛି ବୋଲି ଉଲ୍ଲେଖ କରି ସେ କର୍ମଚାରୀମାନଙ୍କୁ ଏହି ସୁଯୋଗର ସମ୍ପୂର୍ଣ୍ଣ ଉପଯୋଗ କରିବାକୁ ଆହ୍ୱାନ କରିଥିଲେ । ସେ ଏହା ମଧ୍ୟ କହିଥିଲେ ଯେ ପ୍ରସାରଣ କ୍ଷେତ୍ରରେ ଆର୍ଥିକ ଦିଗ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଲାଭର ଉଦ୍ଦେଶ୍ୟ ରଖି କେବେ ବି ଜନସେବାର ମୌଳିକ ଲକ୍ଷ୍ୟକୁ ଦୁର୍ବଳ କରିବା ଉଚିତ ନୁହେଁ । କାର୍ଯ୍ୟକ୍ରମ ସମୟରେ, ଗଣମାଧ୍ୟମ ଏବଂ ପ୍ରସାରଣର ପରିବର୍ତ୍ତିତ ପ୍ରକୃତି, ଡିଜିଟାଲ୍ ଯୁଗରେ ବିଷୟବସ୍ତୁ ସୃଷ୍ଟି, ସୂଚନା ପ୍ରସାରରେ ନୂତନ ଧାରା ଏବଂ ଜନସେବା ପ୍ରସଙ୍ଗରେ ପ୍ରସାରଣ ଗଣମାଧ୍ୟମର ଭୂମିକା ଉପରେ ଏକ ଅର୍ଥପୂର୍ଣ୍ଣ ଆଲୋଚନା ହୋଇଥିଲା ।

# ସୁପର ୮ ମୁକାବିଲା ପୂର୍ବରୁ ବିଶ୍ରାମ ନେବେ ଟିମ୍ ଇଣ୍ଡିଆର ସଦସ୍ୟ

ନୂଆଦିଲ୍ଲୀ: ଚଳିତ ଟି୨୦ ବିଶ୍ୱକପର ଗ୍ରୁପ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରି ଭାରତ ଅପରାଜେୟ ଭାବେ ସୁପର ଏଇଟରେ ପ୍ରବେଶ କରିଛି । ଫେବୃୟାରୀ ୨୨ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ତାର ସୁପର ଏଇଟ ଅଭିଯାନ ଆରମ୍ଭ କରିବ । ତେବେ ଏହା ପୂର୍ବରୁ ଟିମ ଇଣ୍ଡିଆର ସମସ୍ତ ସଦସ୍ୟଙ୍କୁ ଗୋଟିଏ ଦିନର ଛୁଟି ପ୍ରଦାନ କରାଯାଇଛି । ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏହା ସ୍ପଷ୍ଟ କରିଛନ୍ତି । ଫେବୃୟାରୀ ୧୯ରେ ଭାରତୀୟ ଦଳ କୌଣସି ଅଭ୍ୟାସ କରିବ ନାହିଁ । ଏହା ପରେ ପୂର୍ବଭଳି ଅଭ୍ୟାସ କରାଯିବ । ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ ପାଇଁ ରଣନୀତି ମଧ୍ୟ ପ୍ରସ୍ତୁତ କରାଯିବ ବୋଲି ସୂର୍ଯ୍ୟକୁମାର କହିଛନ୍ତି । ଛୁଟି ନେଲେ ମଧ୍ୟ ଆମେ ପରସ୍ପର ସହ ତ୍ରୁଟି କିପରି ସୁଧାରିବୁ ସେ ନେଇ ମଧ୍ୟ ଆଲୋଚନା କରିବୁ ବୋଲି କହିଛନ୍ତି । ଅହମ୍ମଦାବାଦରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ ଖେଳାଯିବ । ଭାରତୀୟ ଖେଳାଳିମାନଙ୍କୁ ବିଶେଷ ଯାତ୍ରା କରିବାକୁ ପଡୁ ନ ଥିବାରୁ ସେମାନଙ୍କୁ ବିଶ୍ରାମ ନେବା ପାଇଁ ପର୍ଯ୍ୟାପ୍ତ



ସମୟ ମିଳୁଛି । ଅଭିଷେକ ଶର୍ମାଙ୍କ ବ୍ୟାଟିଂ ଏବଂ ଟିମ ଇଣ୍ଡିଆର ଫିଲ୍ଡିଂ ମ୍ୟାନେଜମେଂଟକୁ ଚିନ୍ତାରେ ପକାଇଛି । ତେବେ ଭାରତୀୟ ଦଳରେ ଭଲ ଫିଲ୍ଡର ଥିବାରୁ ଏହା ଏକ ବଡ ସମସ୍ୟା ନୁହେଁ ବୋଲି କୁହାଯାଉଛି ।

# ଦ୍ୱିତୀୟ ଟ୍ୱେଟି-୨୦ରେ ଭାରତୀୟ ମହିଳା ଦଳକୁ ୧୯ ରନ୍‌ରେ ପରାସ୍ତ କଲା ଅଷ୍ଟ୍ରେଲିଆ

କାନ୍‌ବେରା: ଭାରତ-ଅଷ୍ଟ୍ରେଲିଆ ଦ୍ୱିତୀୟ ଟ୍ୱେଟି-୨୦ରେ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ଠାରୁ ୧୯ ରନ୍‌ରେ ପରାସ୍ତ ହୋଇଛି । ଏହା ସହିତ ଏହି ତିନି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ୧-୧ରେ ବରାବର ହୋଇଯାଇଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଦଳ ୨୦ ଓଭରରେ ୫ ୱିକେଟ୍ ହରାଇ ୧୬୫ ରନ୍ କରିଥିଲା । ଦଳ ପକ୍ଷରୁ



ଜର୍ଜିଆ ଭଲ୍ ୮୮( ୫୭ ବଲ୍, ୧୧ ଚୈକା, ୧ ଛକା) ଓ ବଥ୍ ମୁନି ୪୬ ରନ୍ (୩୯ ବଲ୍) କରିଥିଲେ । ଭାରତ ପକ୍ଷରୁ ଅରୁନ୍ଧତୀ ରେଡ୍ଡି ୩୦ ରନ୍ ବ୍ୟୟ କରି ୨ଟି ୱିକେଟ୍ ଅକ୍ତିଆର କରିଥିଲେ । ଜବାବରେ ଭାରତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୪୪ ରନ୍ ହିଁ କରିପାରିଥିଲା । ଦଳ ପକ୍ଷରୁ ଦୁଇ ଓପନର ସ୍ମୃତି ମାନ୍ଧାନା (୨୪ ବଲ୍‌ରୁ ୩୧ରନ୍) ଓ ଶେଫାଳି ବର୍ମା (୨୩ ବଲ୍‌ରୁ ୨୯ରନ୍) ପ୍ରଥମ ୱିକେଟ୍ ଯୋଡ଼ିରେ ୫୭ ରନ୍‌ର ଏକ ଦୃଢ ଭାଗୀଦାର କରିଥିବାବେଳେ ମଧ୍ୟକ୍ରମରେ ହରମନପ୍ରିତ୍ କୌର ଓ ରଚା ଘୋଷଙ୍କ ୫୫ରନ୍‌ର ଆଉ ଏକ ଭାଗୀଦାର ହୋଇଥିଲା । ଏହା ସତ୍ତ୍ୱେ ଶେଷ ଚାରି ଓଭରରେ ଭାରତ ଗୁରୁତର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଏପରିକି ୧୨୬ ରନ୍‌ରେ ଦଳ ୪ଟି ୱିକେଟ୍ ହରାଇଥିବାବେଳେ ଆଉ ୭ ରନ୍ ମଧ୍ୟରେ ଦଳ ୫ଟି ୱିକେଟ୍ ହରାଇଥିଲା । ଏହି ବିପର୍ଯ୍ୟୟ ଫଳରେ ଦଳ ୧୪୪ ରନ୍‌ରେ ସୀମିତ ରହିଯାଇଥିଲା । ଅଷ୍ଟ୍ରେଲିଆ ପକ୍ଷରୁ ଆସ୍‌ଲେ ଗାର୍ଡନର ୩ଟି ୱିକେଟ୍ ନେଇଥିବାବେଳେ କିମ୍ ଗାର୍ଥ, ଆନାବେଲ୍ ସଦରଲାଣ୍ଡ ଓ ସୋଫି ମୋଲିନେକ୍ସ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ଜର୍ଜିଆ ଭଲ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦିଆଯାଇଥିଲା ।

# ପ୍ରଥମ ଭାରତୀୟ ଭାବେ ଟି-୨୦ରେ ରେକର୍ଡ଼ କଲେ ହାର୍ଦ୍ଦିକ ପାଣ୍ଡ୍ୟା

ନୂଆଦିଲ୍ଲୀ : ଭାରତୀୟ କ୍ରିକେଟ ଦଳର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଟି-୨୦ କ୍ରିକେଟରେ ଏକ ନୂଆ ରେକର୍ଡ ସ୍ଥାପନ କରିଛନ୍ତି । ବୁଧବାର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯାଇଥିବା ଟି-୨୦ ବିଶ୍ୱକପ ୨୦୨୬ର ଅନ୍ତିମ ଲିଗ୍ ମ୍ୟାଚରେ ଇତିହାସ ରଚିଛନ୍ତି । ସେ ନେଦରଲ୍ୟାଣ୍ଡସ ବିପକ୍ଷ ମ୍ୟାଚରେ ୩୦ ରନର ପାଳି ଖେଳିଥିଲେ । ଏହି ମ୍ୟାଚରେ ସେ ୩୦ ରନ କରିଥିବାବେଳେ ୬ ହଜାର ରନ୍ ପୂରଣ କରିଛନ୍ତି । ଏହାସହ ୨୦୦ ୱିକେଟ୍ ଅକ୍ତିଆର କରିଛନ୍ତି । ପ୍ରଥମ ଭାରତୀୟ ଖେଳାଳିଭାବେ ସେ ଏହି ରେକର୍ଡ କରିଛନ୍ତି । ସେପଟେ ଆମେ ଯଦି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କ୍ରିକେଟ କ୍ୟାରିୟର ସମ୍ପର୍କରେ ଯଦି କହିବା ତାହେଲେ ସେ ୨୦୧୩ରେ ଘରୋଇ କ୍ରିକେଟରେ ଟି-୨୦ରେ ଡେବ୍ୟୁ କରିଥିଲେ । ବରୋଦା ପକ୍ଷରୁ ଖେଳୁଥିବାବେଳେ ମଧ୍ୟପ୍ରଦେଶ ବିପକ୍ଷରେ ଡେବ୍ୟୁ କରିଥିଲେ ।



ଦମଦାର ପ୍ରଦର୍ଶନ କରିଥିବାବେଳେ ୨୦୧୫ ମସିହାରେ ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲରେ ତାଙ୍କୁ କିଣିଥିଲା । ୨୦୧୬ ମସିହାରେ ଆଇପିଏଲରେ ଦମଦାର ପ୍ରଦର୍ଶନ କରିଥିବାବେଳେ ୨୦୧୬ ଟି-୨୦ ବିଶ୍ୱକପ ଦଳର ସଦସ୍ୟ ମଧ୍ୟ ରହିଥିଲେ । ଲଗାତାର ଭଲ ପ୍ରଦର୍ଶନ କରିଆସୁଥିବା ପାଣ୍ଡ୍ୟା ଦଳର ନିୟମିତ ସଦସ୍ୟ ରହିଆସିଛନ୍ତି । ଲଗାତାର ବଡ଼ ବଡ଼ ସଟ୍ ଖେଳି ଫ୍ୟାନ୍ସଙ୍କ ମନ ଜିଣିଥିବା ହାର୍ଦ୍ଦିକ ଏବେ ଦମଦାର ଫର୍ମରେ ରହିଛନ୍ତି । ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ଭାବେ ଟି-୨୦ କ୍ରିକେଟରେ ମଧ୍ୟ ଦଳ ଦମଦାର ପ୍ରଦର୍ଶନ କରୁଛି । ଏବେ ଭାରତୀୟ ଦଳର ଏହି ନିର୍ଭରଯୋଗ୍ୟ ଅଲରାଉଣ୍ଡ ପାକିସ୍ତାନ ବିପକ୍ଷରେ ଦମଦାର ବୋଲିଂ ପ୍ରଦର୍ଶନ ମଧ୍ୟ ଦେଖାଇଛନ୍ତି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**